DHARITRI
52 Years
ଭୁବନେଶ୍ୱର, ସୋମବାର, ଜାନୁଆରୀ ୫/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, January 5/2026 | Page 14 | ₹ 7.00 | DHENKANAL
୫୨ଶ ଭାଗ ୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 43 | ମୂଲ୍ୟ ₹୭/-






ସମ୍ବଲପୁର ଜିଲା ଧନୁପାଲି ଥାନା ନକ୍ସାପାଲି ନିକଟରେ ରବିବାର ହାଇୱା ପଛକୁ ଧକ୍କା ଦେଇଥିବା କାର୍।

# ୪ ଦୁର୍ଘଟଣାରେ ଚାଲିଗଲା ୧୦ ଜୀବନ

## ଧନୁପାଲିରେ ୩, ଡୁଙ୍ଗୁରିପାଲିରେ ୨, ଶ୍ରୀକାକୁଲମ୍‌ରେ ୩, ବଅଁରପାଳରେ ୨ଜଣଙ୍କ ମୃତ୍ୟୁ

**ରାଜ୍ୟରେ ଏବେ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ହେଲେ ଦୁର୍ଘଟଣା ଥମିବାର ନାଁ ନେଉ ନାହିଁ। ରବିବାର ଗୋଟିଏ ଦିନରେ ରାଜ୍ୟର ୪ଟି ସ୍ଥାନରେ ଦୁର୍ଘଟଣାରେ ଚାଲିଯାଇଛି ୧୦ ଜୀବନ। ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥ(ନଂ.୫୫) ନକ୍ସାପାଲି ନିକଟରେ ଏକ ହାଇୱା ପଛକୁ କାର୍ ଧକ୍କା ଦେବାରୁ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲୀ ଚେରୁପାଲି ଅଙ୍ଗନଦୀ ବ୍ରିଜ୍ ଉପରେ ପିକ୍‌ଅପ୍ ଭ୍ୟାନ୍ ଏକ ବାଇକ୍‌କୁ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଏକ ଘଟଣାରେ ବାଲେଶ୍ୱରରୁ ବିଶାଖାପାଟଣା ଯାଉଥିବା କାର୍‌କୁ ଏକ ଟ୍ରକ୍ ଶ୍ରୀକାକୁଲମ୍ ନିକଟରେ ଧକ୍କା ଦେବାରୁ ଜଣେ ମହିଳାଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ଅନୁଗୋଳ ଜିଲା ବଅଁରପାଳ ଥାନା ଅନ୍ତର୍ଗତ ବଉଳିଗଡ଼ ଜଙ୍ଗଲ ନିକଟରେ ଏକ ଗଛରେ ପିଟିହୋଇ ୨ବାଇକ୍ ଆରୋହୀଙ୍କ ମଧ୍ୟ ମୃତ୍ୟୁ ଘଟିଛି। ୨୦୨୫ରେ ରାଜ୍ୟ ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ଦୈନିକ ହାରାହାରି ୧୫ରୁ ୧୭ଜଣଙ୍କ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଛି।**

ସମ୍ବଲପୁର/ ଡୁଙ୍ଗୁରିପାଲି/ ପାରଳାଖେମୁଣ୍ଡି/ ସନ୍ତ୍ରାଛକ,୪।୧ (ପ୍ରମୋଦ ବହିଦାର/ ଦୀନବନ୍ଧୁ ସୁନା/ ଗିରିଧାରୀ ପରିଚ୍ଛା/ ସନ୍ତୋଷ ପରିଡ଼ା)

ସମ୍ବଲପୁର ଜିଲା ଧନୁପାଲି ଥାନା ଜାତୀୟ ରାଜପଥ(୫୫)ର ନକ୍ସାପାଲି ନିକଟରେ ରବିବାର ଅପରାହ୍ନରେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ପାଉଁଶ ବୋଝେଇ ହାଇୱା ପଛପଟେ ସମ୍ବଲପୁର ପଟୁ ଦ୍ରୁତଗତିରେ ଆସୁଥିବା କାର୍ ଧକ୍କା ଦେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ କାର୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଭିମ୍‌ସାରରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ମୃତକମାନେ ହେଲେ ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣ ସୁନାପାଲିର ମହମ୍ମଦ ୱାସିଫ(୧୯), ମହମ୍ମଦ ଜିଆଉଲ(୨୦) ଓ ମହମ୍ମଦ ସିଫାନ(୧୯)। ସମସ୍ତ ମୃତଦେହକୁ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେମାନେ କେଉଁଠାରୁ କୁଆଡ଼େ ଯାଉଥିଲେ ତାହା ଜଣା ପଡ଼ିନାହିଁ। ସେ ନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଚଳ ହୋଇ ଉକ୍ତ ହାଇୱା (ନଂ.ଓଡି-୧୫-ୟୁ-୯୧୦୪) ରାସ୍ତାକଡ଼ରେ ଦୀର୍ଘ ସମୟ ହେଲା ଛିଡ଼ା ହୋଇ ରହିଥିଲା। ଅପରାହ୍ନରେ ସମ୍ବଲପୁର ପଟୁ ଆସୁଥିବା ଉକ୍ତ କାର୍(ନଂ.ଓଡି-୧୪-ୟୁ-୮୧୦୩) ସମ୍ଭବତଃ ଦ୍ରୁତଗତି ଯୋଗୁ ନିୟନ୍ତ୍ରଣ ହରାଇ ହାଇୱା ପଛପଟେ ପିଟି ହୋଇଯାଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ, କାର ସମ୍ପୂର୍ଣ୍ଣ ଚୂରମାର୍ ହୋଇ ଯାଇଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ କାର ଭିତରୁ ଆହତମାନଙ୍କୁ ଉଦ୍ଧାର କରିବା କଷ୍ଟକର ହୋଇ ପଡ଼ିଥିଲା। କାରର ଡୋର୍‌କୁ ଶାବଳରେ ତାଡ଼ି ପଛ ସିଟ୍‌ରେ ବସିଥିବା ଦୁଇ ଆରୋହୀଙ୍କୁ ଉଦ୍ଧାର କରି ଭିମ୍‌ସାର ପଠାଇଥିଲେ। ଖବର ପାଇ ଧନୁପାଲି ଥାନା ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ କାଟି ଚାଳକଙ୍କ ମୃତଦେହ ବାହାର କରିଥିଲେ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ୨୬ ନଂ. ଜାତୀୟ ରାଜପଥ ଚେରୁପାଲି ଅଙ୍ଗନଦୀ ବ୍ରିଜ୍ ଉପରେ ଗାଜର ବୋଝେଇ ମହିନ୍ଦ୍ରା ପିକ୍‌ଅପ୍ ଏକ ବାଇକ୍‌କୁ ଧକ୍କାଦେବାରୁ ରବିବାର ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ବିନିକା ଥାନା ଚରଦା ଗ୍ରାମର ପାର୍ଥ ବାଗ (୧୫) ଓ ତାଙ୍କ କକା ଭଜନ ବାଗ (୩୦)। ରବିବାର ଝିଆରୀର ବିବାହ ନିମନ୍ତ୍ରଣ କାର୍ଡ ବଣ୍ଟନକରି ଅପରାହ୍ନ ପ୍ରାୟ ୧ଟାରେ ଭଜନ ଓ ପାର୍ଥ ବଲାଙ୍ଗୀରରୁ ଘରକୁ ବାଇକ୍(ନଂ.ଓଡି୦୩-ପି-୪୩୫୫)ରେ ଫେରୁଥିଲେ। ଚେରୁପାଲି ନିକଟ ଅଙ୍ଗନଦୀ ବ୍ରିଜ୍ ଉପରେ ସେମାନଙ୍କୁ ସାମ୍ନା ପଟୁ ବରଗଡ଼ ପଟରୁ ଆସୁଥିବା ମହିନ୍ଦ୍ରା ପିକ୍‌ଅପ୍(ନଂ.ଓଡି୦୩-ଡବ୍ଲ୍ୟୁ-୩୯୪୧) ଧକ୍କା ଦେଇଥିଲା। ଏଥିରେ କକା,ପୁତୁରା ଗାଡ଼ିରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ଡୁଙ୍ଗୁରିପାଲି ପୋଲିସ ଉଭୟଙ୍କୁ ଉଦ୍ଧାରକରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପାର୍ଥଙ୍କ ମୃତ୍ୟୁ ଘଟିଥିଲା। ସଙ୍କଟାପନ୍ନ ଅବସ୍ଥାରେ ଭଜନଙ୍କୁ ବୁର୍ଲା ସ୍ଥାନାନ୍ତର ବେଳେ ବରଗଡ଼ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ସୋମପେଣ୍ଟ ମଣ୍ଡଳ ଅନ୍ତର୍ଗତ ବାରୁଆ ଛକ ନିକଟ ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଦୁର୍ଘଟଣାରେ ୨ ଝିଅ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏକ ଟ୍ରକ୍ ଦୁଇଚକିଆ ଗାଡିକୁ ବଞ୍ଚାଇବାକୁ ଯାଇ ନିୟନ୍ତ୍ରଣ ହରାଇ ଡିଭାଇଡରରେ ଧକ୍କା ଦେଇ ପରେ ଅନ୍ୟ ପାର୍ଶ୍ୱରୁ ଆସୁଥିବା କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। କାର୍‌ରେ ଚାଳକଙ୍କ ସମେତ ୫ ଜଣ ଥିଲେ। ସେମାନଙ୍କ ମଧ୍ୟରୁ ଘଟଣାସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ☞ପୃଷ୍ଠା-୪

# ନ୍ୟୁୟର୍କ ଜେଲରେ ମାଦୁରୋ

## ଭେନେଜୁଏଲା ତୈଳ ଶିଳ୍ପ କବ୍‌ଜା କରିବାକୁ ଟ୍ରମ୍ପ୍‌ଙ୍କ ଯୋଜନା

ୱାଶିଂଟନ,୪।୧

ଭେନେଜୁଏଲା ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ବଳରେ ଏହାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକା ଗିରଫ କରି ନ୍ୟୁୟର୍କ ଜେଲରେ ରଖିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭେନେଜୁଏଲାର ତୈଳ ଶିଳ୍ପକୁ କବ୍‌ଜା କରିବାକୁ ଯୋଜନା କରିଛନ୍ତି। ଆମେରିକୀୟ କମ୍ପାନୀଗୁଡ଼ିକ ଭେନେଜୁଏଲା ଯାଇ ସେଠାର ତୈଳ ଶିଳ୍ପଗୁଡ଼ିକୁ ପୁନର୍ଜୀବିତ କରିବା ଲାଗି ଟ୍ରମ୍ପ୍ କହିଛନ୍ତି। ତେବେ ତୈଳ ମୂଲ୍ୟ ଉପରେ ଆମେରିକା କାର୍ଯ୍ୟାନୁଷ୍ଠାନର ତ୍ୱରିତ୍ ପ୍ରଭାବ ପଡ଼ି ନ ପାରେ ବୋଲି କୁହାଯାଉଛି। ଭେନେଜୁଏଲାରେ କ୍ଷମତାର ଉପଯୁକ୍ତ ଏବଂ ସୁରକ୍ଷିତ ହସ୍ତାନ୍ତର ପର୍ଯ୍ୟନ୍ତ ଆମେରିକା ସେଠାରେ ଶାସନ ଚଳାଇବ ବୋଲି ଶନିବାର ଟ୍ରମ୍ପ୍ ଘୋଷଣା କରିଥିଲେ। ଏଥିସହିତ ଭେନେଜୁଏଲାର ତୈଳ ରିଜର୍ଭ ଓ ଅନ୍ୟ ଦେଶକୁ ତେଲ ବିକ୍ରି ଉପରେ ମଧ୍ୟ ଆମେରିକାର ନିୟନ୍ତ୍ରଣ ରହିବ ବୋଲି କହିଥିଲେ।

ବହୁବର୍ଷ ଧରି ଅବହେଳା ଏବଂ ଅନ୍ତର୍ଜାତୀୟ କଟକଣା ଯୋଗୁ ଭେନେଜୁଏଲା ତୈଳ ଶିଳ୍ପ ସ୍ଥାଣୁ ଅବସ୍ଥାରେ ରହିଛି। ତେଣୁ ଏହାକୁ ପୁନର୍ବାର ସଚଳ କରିବା ପାଇଁ କିଛି ବର୍ଷ ଲାଗିପାରେ। ଏଥିସହିତ ଉତ୍ପାଦନ ବଢ଼ାଇବାକୁ ହେଲେ ବଡ଼ ଧରଣର ପୁଞ୍ଜିନିବେଶ କରିବାକୁ ପଡ଼ିବ। ତେବେ ଅନ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଭେନେଜୁଏଲା ଖୁବ୍‌ଶୀଘ୍ର ଏହାର ଦୈନିକ ତୈଳ ଉତ୍ପାଦନ ୧.୧ ନିୟୁତ ବ୍ୟାରେଲକୁ ୨ କିମ୍ବା ୩ ଗୁଣା କରିପାରିବ। ତେବେ ସେଠାରେ ଅତ୍ୟଧିକ ପୁଞ୍ଜିନିବେଶ କରିବା ପୂର୍ବରୁ ଆମେରିକୀୟ ତୈଳ କମ୍ପାନୀଗୁଡ଼ିକ ସେଠାର ଶାସନରେ ସ୍ଥିରତା ଚାହିଁବେ। ଆମେରିକା ଭେନେଜୁଏଲାର ଶାସନ ଦାୟିତ୍ୱରେ ରହିବ ବୋଲି ଟ୍ରମ୍ପ୍ କହିବା ପରେ ସେଠାର ରାଜନୈତିକ ସ୍ଥିତି ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି। ଉପରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗୁଏଜ୍‌ଙ୍କୁ ଅନ୍ତରୀଣ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ନିମନ୍ତେ ଭେନେଜୁଏଲା ହାଇକୋର୍ଟ ନିର୍ଦ୍ଦେଶ ଦେବା ପୂର୍ବରୁ ସେ କହିଛନ୍ତି, ମାଦୁରୋ କ୍ଷମତା ଫେରିପାଇବା ଆବଶ୍ୟକ। ତେବେ ପରବର୍ତ୍ତୀ ୨୪ ଘଣ୍ଟା ଆମେରିକା ଯଦି ଭେନେଜୁଏଲାକୁ ଚଳାଇବାରେ ସଫଳ ହୁଏ, ତେବେ ଏହାର ତୈଳ କମ୍ପାନୀଗୁଡ଼ିକ ତୁରନ୍ତ ଭେନେଜୁଏଲାର ତୈଳ ଶିଳ୍ପକୁ ପୁନର୍ଜୀବିତ ☞ପୃଷ୍ଠା-୪

# ପୀତବାସ ପଣ୍ଡା ହତ୍ୟାକାଣ୍ଡ: ୧୬୬୭ ପୃଷ୍ଠାର ପ୍ରାଥମିକ ଚାର୍ଜଶିଟ୍ ଦାଖଲ

ବ୍ରହ୍ମପୁର,୪।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ପୋଲିସ ରବିବାର କୋର୍ଟରେ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଛି। ମାମଲାର ତଦନ୍ତ ଅଧିକାରୀ ତଥା ଟାଉନ ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟଙ୍କ ନେତୃତ୍ୱରେ ଏକ ଟିମ୍ ଜିଲା ଜଜ୍ କୋର୍ଟ ପରିସରରେ ଥିବା ସିଏସ୍‌ଆଇରେ ୨ଟି ଟ୍ରଙ୍କ୍‌ରେ ମୂଳ ଫାଇଲ ସହିତ ମୋଟ ୧୮ କପି ଦାଖଲ କରିଛନ୍ତି। ମୂଳ ଚାର୍ଜଶିଟ୍ ପ୍ରାୟ ୧୬୬୬ ପୃଷ୍ଠା ଓ ତାହାର ୧୮ କପି ମିଶି ୩୦ ହଜାର ପୃଷ୍ଠାରୁ ଊର୍ଦ୍ଧ୍ୱ ହେବ। ଏହାସହିତ କିଛି ସିସି କ୍ୟାମେରା ଫୁଟେଜ ମଧ୍ୟ ପ୍ରମାଣ ଭାବେ ଦାଖଲ କରାଯାଇଛି। ପୀତବାସ ହତ୍ୟା ମାମଲାରେ ଗିରଫ ହୋଇଥିବା ୧୬ ଅଭିଯୁକ୍ତଙ୍କୁ ଚାର୍ଜଶିଟ୍‌ରେ ଅଭିଯୁକ୍ତ ଦର୍ଶାଇ ଆବଶ୍ୟକ ପ୍ରମାଣ ଦାଖଲ କରାଯାଇଛି। ସେହିପରି ମାମଲାରେ ପୋଲିସ ୧୨୪ ଜଣଙ୍କୁ ସାକ୍ଷୀ ଭାବେ ନେଇଛି। ହତ୍ୟା ମାମଲାରେ ପୋଲିସ ସ୍କାନରରେ ଆଉ କେତେଜଣ ମଧ୍ୟ ରହିଛନ୍ତି। ପ୍ରମାଣ ମିଳିଲେ ସେମାନଙ୍କୁ ମଧ୍ୟ ଧରାଯିବ। ଆଗକୁ ଫାଇନାଲ ଚାର୍ଜଶିଟ ଦାଖଲ ହେବ ବୋଲି ପୋଲିସ କହିଛି। ଏହାପରେ କମିଟମେଣ୍ଟ ଓ ଚାର୍ଜଫ୍ରେମ ହୋଇ ମାମଲା ବିଚାର ଆରମ୍ଭ ହେବ ବୋଲି ଜଣାପଡିଛି।

ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସଙ୍କୁ ଗତ ଅକ୍ଟୋବର ୬ତାରିଖ ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ପାଖରେ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ତୈଳସର୍ବସ୍ୱ**

# ଭାରତରେ ଖେଳିବାକୁ ମନାକଲା ବାଂଲାଦେଶ

**ଟି୨୦ ବିଶ୍ୱକପ୍**

ଢାକା, ୪।୧(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ନିର୍ଦ୍ଦେଶକ୍ରମେ ବାଂଲାଦେଶ ପେସ୍ ବୋଲର ମୁସ୍ତାଫିଜୁରଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରୁ ବିଦା କରିବାର ଦିନକ ପରେ ଏନେଇ ବାଂଲାଦେଶ ତରଫରୁ ପାଲଟା ଜବାବ ଦିଆଯାଇଛି। ଦେଶର କ୍ରୀଡ଼ା ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ଆସନ୍ତା ମାସରେ ଭାରତରେ ଟି୨୦ କ୍ରିକେଟ ବିଶ୍ୱକପ୍ ଖେଳିବା ଲାଗି ଏହାର ଦଳ ପଠାଇବାକୁ ମନା କରିଦେଇଛି। ଭାରତରେ ଏହାର ଖେଳାଳିଙ୍କ ସୁରକ୍ଷା ନେଇ ବିସିବି ଉଦ୍‌ବେଗ ପ୍ରକାଶ କରିବା ସହ ପଡ଼ୋଶୀ ଦେଶରେ ଖେଳାଯିବାକୁ ଥିବା ଏହାର ଲିଗ୍ ମ୍ୟାଚ୍‌ଗୁଡ଼ିକୁ ଶ୍ରୀଲଙ୍କା ସ୍ଥାନାନ୍ତର କରିବା ଲାଗି ବାଂଲାଦେଶ କ୍ରିକେଟ ବୋର୍ଡ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ନିକଟରେ ଫେରାଦ ହୋଇଛି। ଏହାର କିଛି ଘଣ୍ଟା ପରେ ବିସିବି ଟୁର୍ନାମେଣ୍ଟ ପାଇଁ ଲିଟନ ଦାସଙ୍କ ଅଧିନାୟକତ୍ୱରେ ୧୫ ଜଣିଆ ଦଳ ଘୋଷଣା କରିଛି। ବାଂଲାଦେଶ ଏହାର ୪ଟି ଲିଗ୍ ମ୍ୟାଚ୍ ମଧ୍ୟରୁ ତିନୋଟି ୱେଷ୍ଟଇଣ୍ଡିଜ(ଫେବୃଆରୀ-୭), ଇଟାଲୀ(ଫେବୃଆରୀ-୯) ଓ ଇଂଲଣ୍ଡ (ଫେବୃଆରୀ ୧୪) ବିପକ୍ଷରେ କୋଲ୍‌କାତାଠାରେ ଏବଂ ନେପାଳ ବିପକ୍ଷରେ ଶେଷ ମ୍ୟାଚ୍ ମୁମ୍ବାଇରେ ଫେବୃଆରୀ ୧୭ରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଏହି ଲୋକପ୍ରିୟ ଟି୨୦ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରୁଛନ୍ତି। ନିକଟରେ ଆୟର୍ଲାଣ୍ଡ ବିପକ୍ଷ ସିରିଜ୍‌ରେ ଖେଳି ନ ଥିବା ତସ୍କିନ ଅହମଦ ମଧ୍ୟ ଦଳକୁ ଫେରିଛନ୍ତି। ସେ ଓ ମୁସ୍ତାଫିଜୁର ଦଳର ପେସ୍ ଆକ୍ରମଣ ସମ୍ଭାଳିବେ। ବିସିସିଆଇର ନିର୍ଦ୍ଦେଶକ୍ରମେ ଆଇପିଏଲ୍ ଫ୍ରାଞ୍ଚାଇଜ୍ କୋଲ୍‌କାତା ନାଇଟ ରାଇଡର୍ସ(କେକେଆର) ଶନିବାର ମୁସ୍ତାଫିଜୁରଙ୍କୁ ଦଳୁ ବାଦ୍ ଦେଇଛି। ଖେଳାଳି ନିଲାମ ବେଳେ ମୁସ୍ତାଫିଜୁରଙ୍କ ବେସ୍ ପ୍ରାଇସ୍ ୨ କୋଟି ଟଙ୍କା ଥିଲା। ନିଲାମି ବେଳେ କିନ୍ତୁ ଏହି ଖେଳାଳିଙ୍କୁ ନେବା ପାଇଁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଲାଗିଥିଲା। ଶେଷରେ କେକେଆର ତାଙ୍କୁ ୯.୨୦ କୋଟି ଟଙ୍କାରେ କ୍ରୟ କରିଥିଲା। ବିସିସିଆଇର ଏକ ସୂତ୍ରରୁ ପ୍ରକାଶ, ଟୁର୍ନାମେଣ୍ଟ ଆଉ ମାତ୍ର ଗୋଟିଏ ମାସ ବାକି ରହିଥିବାରୁ ବର୍ତ୍ତମାନ ପରିସ୍ଥିତିରେ ମ୍ୟାଚ୍ ସ୍ଥାନାନ୍ତର ସମ୍ଭବପର ନୁହେଁ। ସୂଚନାଯୋଗ୍ୟ, ନିକଟରେ ବାଂଲାଦେଶରେ ଜଣେ ହିନ୍ଦୁଙ୍କୁ ହତ୍ୟା କରାଯିବା ପରେ ସେ ଦେଶରେ ବାସ କରୁଥିବା ସଂଖ୍ୟାଲଘୁଙ୍କ ସୁରକ୍ଷା ନେଇ ଭାରତ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲା। ଏହି ପ୍ରସଙ୍ଗରେ କେକେଆର ସହମାଲିକ ତଥା ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କୁ ସମାଲୋଚନା କରାଯାଇଥିଲା। ବର୍ତ୍ତମାନର ପରିସ୍ଥିତିରେ ମୁସ୍ତାଫିଜୁରଙ୍କୁ କେକେଆର ଦଳରେ ସାମିଲ କରାଯିବାକୁ ନେଇ ଭାଜପାର କେତେଜଣ ନେତାଦଳରେ ସାମିଲ କରାଯିବାକୁ ନେଇ ପ୍ରଶ୍ନ ମଧ୍ୟ ଉଠାଇଥିଲେ।

SIKSHA 'O' ANUSANDHAN
SAAT-2026
Empowering students for a brighter future
CORE B.TECH PROGRAMMES IN COMPUTING
■ Computer Science and Engineering
■ Computer Science and Information Technology
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in




ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ବିରୋଧରେ ରବିବାର ବେଙ୍ଗାଲୁରୁରେ ସୋସିଆଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ) ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଘୋଷ୍ଟ ସିମ୍‌କାର୍ଡ ବ୍ୟବହାର କରୁଥିଲେ ଆତଙ୍କବାଦୀ

ଶ୍ରୀନଗର/ନୂଆଦିଲ୍ଲୀ,୪।୧(ପି.ଟି.)

## ଲାଲ୍‌କିଲ୍ଲା ବିସ୍ଫୋରଣ
### ପାକିସ୍ତାନୀ ପରିଚାଳକଙ୍କ ସହ ଯୋଗାଯୋଗ କରୁଥିଲେ

ନୂଆଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଗତ ନଭେମ୍ବର ୧୦ରେ ଘଟିଥିବା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ହ୍ୱାଇଟ୍‌କଲାର ଟେରର ମଡ୍ୟୁଲକୁ ନେଇ ତଦନ୍ତ ଜାରି ରହିଛି। ଉଚ୍ଚଶିକ୍ଷିତ ଡାକ୍ତରମାନେ ପାକିସ୍ତାନୀ ପରିଚାଳକମାନଙ୍କ ସହ ଯୋଗାଯୋଗ ପାଇଁ ଅତ୍ୟାଧୁନିକ ଘୋଷ୍ଟ ସିମ୍‌କାର୍ଡ (ଜାଲ୍ ପରିଚୟ ଥିବା ବେଆଇନ ସିମ୍ କାର୍ଡ)ର ୱେବ୍ ଏବଂ ଏନ୍‌କ୍ରିପ୍ଟେଡ୍ ଆପ୍ ବ୍ୟବହାର କରୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ଆତଙ୍କବାଦୀମାନେ ତଦନ୍ତକାରୀଙ୍କ ନଜରରୁ ବର୍ତ୍ତିବା ପାଇଁ ଅନେକ ମୋବାଇଲ୍ ଫୋନ୍ ବ୍ୟବହାର କରୁଥିଲେ। ହ୍ୱାଟ୍ସଆପ୍, ଟେଲିଗ୍ରାମ୍ ଏବଂ ସିଗ୍‌ନାଲ ଭଳି ଆପ୍ ଭିତ୍ତିକ ଯୋଗାଯୋଗ ସେବା ପାଇଁ ଫୋନ୍‌ରେ ଆକ୍ଟିଭ୍ ଏବଂ ଫିଜିକାଲ ସିମ୍ ସହ କ୍ରମାଗତ ଲିଙ୍କ୍ ଜରୁରୀ ବୋଲି ଗତବର୍ଷ ନଭେମ୍ବର ୨୮ରେ ଟେଲିକମ୍ ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲେ। ବିସ୍ଫୋରଣ ମାମଲାରେ ଗିରଫ ହୋଇଥିବା ଡାକ୍ତର ମୁଜାମିଲ୍ ଗନାଇ, ଆଦିଲ ରାଠେର ଓ ଅନ୍ୟମାନେ ଜାଲ୍ ସିମ୍‌କାର୍ଡ ବ୍ୟବହାର କରୁଥିଲେ ବୋଲି ଜଣାପଡ଼ିଛି। ବିସ୍ଫୋରଣ ଘଟାଇବା ସହ ପ୍ରାଣ ହରାଇଥିବା ଡା. ଉମର-ଉନ୍ ନବି ୨ରୁ ୩ଟି ମୋବାଇଲ ଫୋନ୍ ବ୍ୟବହାର କରୁଥିଲେ। ନିଜର ବ୍ୟକ୍ତିଗତ ଯୋଗାଯୋଗ ଓ ପେସାଦାରି ବ୍ୟବହାର ପାଇଁ ସେ ନିଜ ନାମରେ ପଞ୍ଜୀକୃତ ହୋଇଥିବା ଫୋନ୍ ବ୍ୟବହାର କରୁଥିବାବେଳେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ସହ ହ୍ୱାଟ୍ସଆପ୍ ଏବଂ ଟେଲିଗ୍ରାମରେ ଯୋଗାଯୋଗ ପାଇଁ ଟେରର ଫୋନ୍ ବ୍ୟବହାର କରୁଥିଲେ। ପାକିସ୍ତାନୀ ହ୍ୟାଣ୍ଡଲରମାନେ ଉକାସ, ଫୈଜନ ଏବଂ ହାଶମିଙ୍କ କୋଡ୍ ନାମରେ ପରିଚିତ ଥିଲେ। ଏକ ନିର୍ଦ୍ଦିଷ୍ଟ ର୍ୟାକେଟ ଜାଲ୍ ଆଧାର କାର୍ଡରେ ସିମ୍ ଇସ୍ୟୁ କରୁଥିଲା ବୋଲି ଜମ୍ମୁ-କଶ୍ମୀର ପୋଲିସ ଜାଣିବାକୁ ପାଇଛି।

# ପରବର୍ତ୍ତୀ ଟାର୍ଗେଟ କ୍ୟୁବା, ମେକ୍ସିକୋ, କଲମ୍ବିଆ: ଟ୍ରମ୍ପ୍

## ସମସ୍ୟା ସୃଷ୍ଟିକାରୀ ଦେଶ ସମଦଶା ଭୋଗିବେ

ୱାଶିଂଟନ,୪।୧


ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ଭେନେଜୁଏଲା ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ନାର୍କୋ ଟେରରିଜମ୍ ଅଭିଯୋଗର ବିଚାର ପାଇଁ ନିଜ ଦେଶକୁ ନେଇଯାଇଛି। ମାଦୁରୋଙ୍କୁ କ୍ଷମତାଚ୍ୟୁତ କରାଯାଇଥିବା ଆମେରିକା ଦାବି କରିଛି। ଏବେ ଭେନେଜୁଏଲାକୁ ଆମେରିକା ସାମୟିକ ଭାବେ ଶାସନ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିଲାବେଳେ ସମସ୍ୟା ସୃଷ୍ଟି କରୁଥିବା ଅନ୍ୟ ପଡୋଶୀମାନେ ମଧ୍ୟ ଅନୁରୂପ ଦଶା ଭୋଗିପାରନ୍ତି ବୋଲି ଚେତାବନୀ ଦେଇଛନ୍ତି। ଭେନେଜୁଏଲା ନିଶାଦ୍ରବ୍ୟ ଉତ୍ପାଦନ କରିବା ସହ ଉତ୍ପାଦନକାରୀମାନଙ୍କୁ ସୁରକ୍ଷା ଦେଉଥିଲା ଏବଂ ନିଶାଦ୍ରବ୍ୟ ପ୍ରେରଣ କରି ଆମେରିକୀୟମାନଙ୍କ ଜୀବନ ନଷ୍ଟ କରୁଥିଲା ବୋଲି ଟ୍ରମ୍ପ୍ ଅଭିଯୋଗ କରିଛନ୍ତି। ସେଥିପାଇଁ ଭେନେଜୁଏଲା ଉପରେ କାର୍ଯ୍ୟାନୁଷ୍ଠାନ ଯଥାର୍ଥ ବୋଲି ସେ ଦର୍ଶାଇଛନ୍ତି। ଏବେ ମେକ୍ସିକୋ, କ୍ୟୁବା ଏବଂ କଲମ୍ବିଆ ବିରୋଧରେ କିଛି କରିବାକୁ ହେବ ବୋଲି ଟ୍ରମ୍ପ୍ କହିଛନ୍ତି। ମେକ୍ସିକୋକୁ ଏହାର ରାଷ୍ଟ୍ରପତି କ୍ଲାଉଡିଆ ଶେଇନ୍‌ବମ୍ ଶାସନ କରୁନାହାନ୍ତି, ବରଂ ପ୍ରଭାବଶାଳୀ ନିଶା ବ୍ୟବସାୟୀମାନେ ଚଳାଉଛନ୍ତି। ତେଣୁ ମେକ୍ସିକୋ ଉପରେ କିଛି ହେବାକୁ ଯାଉଥିବା ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। କ୍ୟୁବା ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଅନୁରୂପ ମନ୍ତବ୍ୟ ଦେବା ସହ ଏହାକୁ ଏକ ବିଫଳ ରାଷ୍ଟ୍ର ବୋଲି କହିଛନ୍ତି। କଲମ୍ବିଆକୁ ସମାଲୋଚନା କରି ଟ୍ରମ୍ପ୍ କହିଛନ୍ତି, ଏହି ଦେଶ ଅନ୍ୟୂନ ୩ଟି ବୃହତ୍ କୋକେନ୍ ଫ୍ୟାକ୍ଟ୍ରିକୁ ଚଳାଉଛି। କଲମ୍ବିଆ ରାଷ୍ଟ୍ରପତି ଗୁଷ୍ଟାଭୋ ପେଟ୍ରୋ କୋକେନ୍ ତିଆରି କରି ଆମେରିକା ପଠାଉଥିବା ଟ୍ରମ୍ପ୍ କହିଛନ୍ତି।

## ତୁରନ୍ତ ମାଦୁରୋ, ତାଙ୍କ ସ୍ତ୍ରୀଙ୍କୁ ମୁକ୍ତ କର

ବେଜିଂ,୪।୧(ପି.ଟି.)

### ଆମେରିକାକୁ କହିଲା ଚାଇନା

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ତୁରନ୍ତ ମୁକ୍ତ କରିବା ସହ ଆଲୋଚନା ଓ ବୁଝାମଣା ଜରିଆରେ ଉକ୍ତ ପ୍ରସଙ୍ଗର ସମାଧାନ କରିବାକୁ ଚାଇନା ରବିବାର ଆମେରିକାକୁ ଆହ୍ୱାନ ଦେଇଛି। ରାଷ୍ଟ୍ରପତି ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଆମେରିକା ବଳପୂର୍ବକ କବ୍‌ଜା କରି ନିଜ ଦେଶକୁ ନେଇଯିବା ଘଟଣାରେ ଚାଇନା ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା ଏହାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଏହା ଅନ୍ତର୍ଜାତୀୟ ଆଇନ, ଅନ୍ତର୍ଜାତୀୟ ସମ୍ପର୍କର ମୌଳିକ ନିୟମାବଳୀ ଏବଂ ଜାତିସଂଘ ଘୋଷଣାପତ୍ରର ଉଦ୍ଦେଶ୍ୟ ଓ ସିଦ୍ଧାନ୍ତର ସ୍ପଷ୍ଟ ଉଲ୍ଲଂଘନ। ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କ ବ୍ୟକ୍ତିଗତ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ଶୀଘ୍ର ଛାଡ଼ିଦେବା ଏବଂ ଭେନେଜୁଏଲା ସରକାର ନ ଭାଙ୍ଗିବା ପାଇଁ ବେଜିଂ ଆମେରିକାକୁ କହିଛି। ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣକୁ ଚାଇନା ବୈଦେଶିକ ମନ୍ତ୍ରଣାଳୟ ଶନିବାର ନିନ୍ଦା କରିଥିଲା। ଏହା ଆଧିପତ୍ୟବାଦୀ କାର୍ଯ୍ୟ ଏବଂ ଅନ୍ତର୍ଜାତୀୟ ଆଇନର ଗୁରୁତର ଉଲ୍ଲଂଘନ ବୋଲି ମନ୍ତ୍ରଣାଳୟ କହିଥିଲା।

ମାଦୁରୋଙ୍କୁ ଆମେରିକା କବ୍‌ଜା କରିବା ଘଟଣାକୁ ନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ମଧ୍ୟ ଚିନ୍ତାବ୍ୟକ୍ତ କରିଛନ୍ତି। ଏହା ଏକ ବିପଜ୍ଜନକ ଦୃଷ୍ଟି ସୃଷ୍ଟି କରିବ ବୋଲି ସେ କହିଛନ୍ତି।

## ଆକ୍ରମଣ ଚିନ୍ତାଜନକ: ଭାରତ

ନୂଆଦିଲ୍ଲୀ,୪।୧(ପି.ଟି.)

ଭେନେଜୁଏଲା ଉପରେ ଆମେରିକା ଆକ୍ରମଣ କରି ଏହାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରିନେବା ଗଭୀର ଚିନ୍ତାର ବିଷୟ ବୋଲି ଭାରତ ରବିବାର କହିଛି। ତୈଳ ସମୃଦ୍ଧ ଏହି ଦକ୍ଷିଣ ଆମେରିକୀୟ ଦେଶର ସ୍ଥିତି ଉପରେ ନୂଆଦିଲ୍ଲୀ ତୀକ୍ଷ୍ଣ ନଜର ରଖିଛି। ଉକ୍ତ ଅଞ୍ଚଳରେ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଆଲୋଚନା ଜରିଆରେ ସ୍ଥିତିର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ନୂଆଦିଲ୍ଲୀ ଆହ୍ୱାନ ଦେଇଛି। ଭେନେଜୁଏଲା ଜନସାଧାରଣଙ୍କ କୁଶଳ ପାଇଁ ଭାରତ ସମର୍ଥନ ଜାରି ରଖିବ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି। ନିଶା ଚୋରା କାରବାର ଅଭିଯୋଗରେ ମାଦୁରୋ ବିଚାରର ସମ୍ମୁଖୀନ ହେବେ। ଆମେରିକାର କାର୍ଯ୍ୟକୁ ଭେନେଜୁଏଲା ନିନ୍ଦା କରିବା ସହ ଦେଶରେ ଜାତୀୟ ଜରୁରୀ ସ୍ଥିତି ଘୋଷଣା କରିଛି।

## ନାବାଳିକାଙ୍କୁ ଗଣବଳାତ୍କାର: ୩ ଗିରଫ

ବେଙ୍ଗାଲୁରୁ,୪।୧

କର୍ନାଟକର ହୁବ୍‌ଲିରେ ଜଣେ ୧୩ ବର୍ଷୀୟା ବାଳିକାଙ୍କୁ ୩ ଜଣ ନାବାଳକ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନଙ୍କ ବୟସ ୧୪ରୁ ୧୫ ବର୍ଷ ମଧ୍ୟରେ ଓ ସେମାନେ ନାବାଳିକାଙ୍କ ଘର ପାଖରେ ରହୁଥିଲେ ବୋଲି ପୋଲିସ କହିଛି। ନାବାଳିକାଙ୍କ ମା'ବାପା ଘରେ ନ ଥିଲାବେଳେ ଅଭିଯୁକ୍ତମାନେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇ ଗଣବଳାତ୍କାର କରିଥିଲେ। ୩ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଯୌନ ନିର୍ଯାତନା ବେଳର ଭିଡିଓ ରେକର୍ଡ କରିଥିବା ଦାବି କରିବା ସହ ତାଙ୍କୁ ଧମକ ଦେଇଥିଲେ ବୋଲି ନାବାଳିକାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କ ମୋବାଇଲ ଫୋନ୍ ଜବତ କରିବା ସହ ତଦନ୍ତ ଚଳାଇଛି।

## ଗ୍ରୀସ୍‌ର ସବୁ ଏୟାରପୋର୍ଟରେ ବିମାନ ଚଳାଚଳ ସ୍ଥଗିତ

ଏଥେନ୍ସ,୪।୧

ରେଡିଓ ଫ୍ରିକ୍ୱେନ୍ସିରେ ବାଧା ଯୋଗୁ ରବିବାର ଗ୍ରୀସ୍‌ର ସମସ୍ତ ଏୟାରପୋର୍ଟରେ ବିମାନ ଚଳାଚଳକୁ ସ୍ଥଗିତ ରଖାଯାଇଛି। ଏନେଇ ଗ୍ରୀକ୍ ସରକାରୀ ଟିଭି ଏବଂ ବିମାନ ଚଳାଚଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଦେଶବ୍ୟାପୀ ବିମାନ ଚଳାଚଳ ବନ୍ଦ ହୋଇଯିବାରୁ ଗ୍ରୀସ୍‌ର ଆକାଶ ବିମାନଶୂନ୍ୟ ହୋଇଯାଇଥିଲା। କ'ଣ ପାଇଁ ରେଡିଓ ଫ୍ରିକ୍ୱେନ୍ସି ବିଫଳ ହେଲା ଜଣାପଡ଼ି ନ ଥିବାବେଳେ ତାହାର ତଦନ୍ତ ଜାରି ରହିଛି। ସ୍ଥାନୀୟ ସମୟ ପୂର୍ବାହ୍ନ ୯ଟାରୁ ସାରା ଗ୍ରୀସ୍‌ରେ ବିମାନ ଉଡ଼ାଣ ଓ ଅବତରଣକୁ ବନ୍ଦ କରିଦିଆଯାଇଥିବା ସରକାରୀ ଗଣମାଧ୍ୟମ ଇଆର୍‌ଟି ରିପୋର୍ଟ କରିଛି।

## ଆରାବଳୀରେ ବେଆଇନ ଖଣି ଖନନ ବିରୋଧରେ ଚଢ଼ାଉ ଜୋର୍‌ଦାର

ଜୟପୁର,୪।୧

ଆରାବଳୀ ପର୍ବତମାଳାର କ୍ଷତିଗ୍ରସ୍ତ ପରିବେଶର ସୁରକ୍ଷା ଏବଂ ବେଆଇନ ଖଣି ଖନନ ରୋକିବା ପାଇଁ ରାଜସ୍ଥାନ ସରକାର ରାଜ୍ୟ ମଧ୍ୟରେ ଚଢ଼ାଉକୁ ଜୋର୍‌ଦାର କରିଛନ୍ତି। ଆରାବଳୀ ଅଞ୍ଚଳରେ ୧୦୦ ମିଟରରୁ ଅଧିକ ଉଚ୍ଚତାକୁ ପର୍ବତମାଳା ବିବେଚନା କରାଯିବ ବୋଲି ପୂର୍ବରୁ କେନ୍ଦ୍ର ସରକାର ସୁପାରିସ କରିଥିବାବେଳେ ଏହାକୁ ରାଜସ୍ଥାନରେ ଜୋର୍‌ଦାର ବିରୋଧ କରାଯାଇଥିଲା। ସରକାରଙ୍କ ନୂଆ ସଂଜ୍ଞା କାର୍ଯ୍ୟକାରୀ ହେଲେ ୧୦୦ ମିଟରରୁ କମ୍ ଉଚ୍ଚତା ମଧ୍ୟରେ ଆସୁଥିବା ଆରାବଳୀର ୯୦ ଭାଗ ଅଞ୍ଚଳରେ ଖଣି ଖନନ ଓ ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ମିଳିବ। ଫଳରେ ଏହି ପର୍ବତମାଳାର ଜୈବ ବିବିଧତା ଧ୍ୱଂସ ପାଇଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଥିଲେ। ବିଭିନ୍ନ ମହଲରୁ ତୀବ୍ର ବିରୋଧ ପରେ ସୁପ୍ରିମକୋର୍ଟ ତାଙ୍କ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିନେଇଥିଲେ। ସେବେଠାରୁ ରାଜ୍ୟର ଖଣି ବିଭାଗ, ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ ଜାରି ରହିଛି। ଗତ ୨ ଦିନରେ ଜୟପୁର ଏବଂ ଅଲୱର ଜିଲାରେ ବେଆଇନ ଖଣି ଖନନ ସହ ସମ୍ପୃକ୍ତ ଅନେକ ଡଜନ ଗାଡ଼ିକୁ ଜବତ କରାଯିବା ସହ ଅପରାଧୀଙ୍କ ବିରୋଧରେ ଅନେକ ମାମଲା ରୁଜୁ ହୋଇଛି।

## ପଶ୍ଚିମବଙ୍ଗ: ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ୬ ପୋଲିସ ଆହତ

କୋଲକାତା,୪।୧

ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଅନ୍ତର୍ଗତ ସନ୍ଦେଶଖାଲି ଅଞ୍ଚଳରେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ୬ ଜଣ ପୋଲିସ ଆହତ ହେବା ସହ ଅନେକ ପୋଲିସ ଗାଡ଼ି ଭାଙ୍ଗିଯାଇଛି। ପୋଲିସ ତୃଣମୂଳ କଂଗ୍ରେସର ଜଣେ ସ୍ଥାନୀୟ ନେତାଙ୍କ ଘରେ ଚଢ଼ାଉ କରିବାକୁ ଯାଇଥିବାବେଳେ ଲୋକଙ୍କ ଆକ୍ରୋଶର ଶିକାର ହୋଇଛି। ଏହି ଘଟଣାରେ ୯ ଜଣଙ୍କୁ ଗିରଫ କରାଯାଇଛି। ଖବର ଅନୁଯାୟୀ, ବୋୟେରମାରି ଗ୍ରାମର ମୁସା ମୋଲ୍ଲା ଜଳାଶୟଗୁଡ଼ିକୁ ଜବରଦଖଲ କରି ଚିଙ୍ଗୁଡ଼ିଚାଷ ଚଳାଇଥିବାରୁ ତାଙ୍କୁ ଗିରଫ କରିବା ପାଇଁ ନଜାତ ଥାନା ଟିମ୍ ଯାଇଥିଲେ। ସେମାନେ ମୁସାଙ୍କୁ ପୋଲିସ ଭ୍ୟାନ୍‌ରେ ବସାଇବା ପରେ ଗ୍ରାମବାସୀ ଟେକାମାଡ଼ କରିବାରୁ ଗାଡ଼ି ଭାଙ୍ଗିବା ସହ ୬ ଜଣ ପୋଲିସ ଆହତ ହୋଇଛନ୍ତି।

## ୮୫% ମାନସିକ ରୋଗୀ ଠିକ୍ ସମୟରେ ଚିକିତ୍ସା ପାଉନାହାନ୍ତି

ନୂଆଦିଲ୍ଲୀ,୪।୧(ପି.ଟି.)



ଭାରତରେ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ କ୍ରମାଗତ ଭାବେ ଉଚ୍ଚ ବ୍ୟବଧାନ ରହିଆସିଥିବା ନେଇ ଇଣ୍ଡିଆନ୍ ସାଇକିଆଟ୍ରିକ୍ ସୋସାଇଟି (ଆଇପିଏସ୍) ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ମାନସିକ ଅସଙ୍ଗତିରେ ପୀଡ଼ିତ ପ୍ରାୟ ୮୦ରୁ ୮୫ ପ୍ରତିଶତ ଲୋକ ଠିକ୍ ସମୟରେ ଉପଯୁକ୍ତ ଯତ୍ନ ପାଇପାରୁ ନାହାନ୍ତି। ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ଉନ୍ନତ ଚିକିତ୍ସା ଏବଂ ସଚେତନତା ବୃଦ୍ଧି ସତ୍ତ୍ୱେ ମାନସିକ ରୋଗରେ ପୀଡ଼ିତ ଅଧିକାଂଶ ଲୋକ ଆନୁଷ୍ଠାନିକ ଚିକିତ୍ସା ବ୍ୟବସ୍ଥାରୁ ଦୂରେଇ ରହିଛନ୍ତି। ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ଭେ ତଥ୍ୟ ଅନୁଯାୟୀ, ବିଶ୍ୱରେ ଭାରତ ସର୍ବାଧିକ ଚିକିତ୍ସା ବ୍ୟବଧାନର ସମ୍ମୁଖୀନ ହୋଇଛି। ୮୫ ପ୍ରତିଶତରୁ ଅଧିକ ଲୋକ ସାଧାରଣ ମାନସିକ ଅସଙ୍ଗତିରେ ପୀଡ଼ିତ ଥିବା ସତ୍ତ୍ୱେ ଚିକିତ୍ସା ପାଉନାହାନ୍ତି। ବିଶ୍ୱ ସ୍ତରରେ ଏହି ହାର ୭୦ ପ୍ରତିଶତରୁ ଅଧିକ ରହିଛି। ନିମ୍ନ ଆୟକାରୀ ଦେଶରେ ୧୦ ପ୍ରତିଶତରୁ କମ୍ ଲୋକ ବାସ୍ତବରେ ଆବଶ୍ୟକ ଚିକିତ୍ସା ପାଇଥାନ୍ତି। ସବୁଠୁ ଜନବହୁଳ ଦେଶ ଭାରତରେ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ଭିତ୍ତିଭୂମି ସୀମିତ ରହିଛି।

## ନିର୍ଦ୍ୱନ୍ଦ୍ୱ ବିଜୟକୁ ରଦ୍ଦ କରିବାକୁ ଉଦ୍ଧବଙ୍କ ଦାବି


ଉଦ୍ଧବ ଠାକରେ ଓ ରାଜ ଠାକରେ ମିଳିତ ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରୁଛନ୍ତି।

ମୁମ୍ବାଇ,୪।୧

### ମହାରାଷ୍ଟ୍ର ପୌର ନିର୍ବାଚନ

ମହାରାଷ୍ଟ୍ର ପୌର ନିର୍ବାଚନ ହେବାକୁ ଯାଉଥିବାବେଳେ ଶାସକ ଦଳର ଅଧିକାଂଶ ପ୍ରାର୍ଥୀଙ୍କୁ ବିଭିନ୍ନ ୱାର୍ଡରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରାଯାଇଛି। ସେହି ବିଜୟ ଘୋଷଣାକୁ ରଦ୍ଦ କରିବା ସହ ସାନି ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବାକୁ ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଦାବି କରିଛନ୍ତି। ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ ଠାକ୍‌ରେଙ୍କ ସହ ଏକ ମିଳିତ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ଉଦ୍ଧବ ଅଭିଯୋଗ କରିଛନ୍ତି, ଦେଶରେ ଗଣତନ୍ତ୍ର ସ୍ଥାନରେ ଭିଡ଼ତନ୍ତ୍ର ସ୍ଥାପନ କରାଯାଇଛି। ମୁମ୍ବାଇ ପୌର ନିର୍ବାଚନ ପୂର୍ବରୁ ଉଦ୍ଧବ ଓ ରାଜ ରବିବାର ସେମାନଙ୍କ ମେଣ୍ଟର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରିଛନ୍ତି। ମରାଠୀ ପରିଚୟକୁ ନିଶ୍ଚୟ ସମ୍ମାନ ଦେବାକୁ ହେବ। ମୁମ୍ବାଇ ଏବଂ ମହାରାଷ୍ଟ୍ରର ଅନ୍ୟ ସହରଗୁଡ଼ିକର ମେୟର ମରାଠୀ ହେବେ ବୋଲି ସେ କହିଛନ୍ତି। ଦୀର୍ଘ ୨୦ ବର୍ଷ ପରେ ରାଜ ଠାକ୍‌ରେ ରବିବାର ଶିବସେନା ଭବନରେ ପ୍ରବେଶ କରିଛନ୍ତି। ତାଙ୍କୁ ଜେଲରୁ ମୁକ୍ତ ହେଲା ଭଳି ଲାଗୁଛି ବୋଲି ରାଜ ଏହି ଅବସରରେ କହିଛନ୍ତି।

## ମାହି ଭିଜ୍, ଜୟ ଭାନୁଶାଲୀଙ୍କ ଛାଡ଼ପତ୍ର

ନୂଆଦିଲ୍ଲୀ,୪।୧



ଅଭିନେତ୍ରୀ ମାହି ଭିଜ୍ ଏବଂ ଅଭିନେତା ଜୟ ଭାନୁଶାଲୀ ସେମାନଙ୍କ ବିବାହ ବିଚ୍ଛେଦ ସମ୍ପର୍କରେ ସୋସିଆଲ ମିଡିଆ ଜରିଆରେ ଘୋଷଣା କରିଛନ୍ତି। ସେମାନେ ଏକାଠି ନିଜ ପିଲାମାନଙ୍କର ଲାଳନପାଳନ କରିବେ ବୋଲି କହିଛନ୍ତି। ରବିବାର ଉଭୟ ଇନଷ୍ଟାଗ୍ରାମ୍‌ରେ ଏକ ମିଳିତ ନୋଟ୍ ଶେୟାର କରି କହିଛନ୍ତି, ସେମାନଙ୍କ କାହାଣୀରେ କେହି ଖଳନାୟକ ନାହାନ୍ତି। ସେମାନଙ୍କ ନିଷ୍ପତ୍ତି ସହ କୌଣସି ନକାରାତ୍ମକତା ଯୋଡ଼ି ହୋଇନାହିଁ। ଆଜି ଆମେ ଆମ ଜୀବନ ଯାତ୍ରାରୁ ଦୂରେଇଯିବାକୁ ନିଷ୍ପତ୍ତି ନେଇଛୁ। ତଥାପି ଆମେ ପରସ୍ପରକୁ ସହାୟତା ଜାରି ରଖିବୁ। ଶାନ୍ତି, ଅଭିବୃଦ୍ଧି, ଦୟା ଓ ମାନବୀୟତା ସବୁବେଳେ ଆମର ମାର୍ଗଦର୍ଶକ ମୂଲ୍ୟବୋଧ ହୋଇରହିଆସିଛି। ସୂଚନାଯୋଗ୍ୟ, ୪୩ ବର୍ଷୀୟ ଭିଜ୍ ଏବଂ ୪୧ ବର୍ଷୀୟ ଭାନୁଶାଳୀ ୨୦୧୧ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସେମାନଙ୍କର ୩ଟି ପିଲା ଅଛନ୍ତି। ଖୁସି ଏବଂ ରାଜବୀରକୁ ସେମାନେ ୨୦୧୭ରେ ପୋଷ୍ୟ ଭାବେ ଗ୍ରହଣ କରିଥିବାବେଳେ ୨୦୧୯ରେ ତାରା ଜନ୍ମ ହୋଇଥିଲେ। ଆମେ ସେମାନଙ୍କର ସବୁଠୁ ଭଲ ମା'ବାପା ଓ ବନ୍ଧୁ ହୋଇ ରହିବୁ ବୋଲି ଉଭୟ ଉକ୍ତ ମିଳିତ ନୋଟ୍‌ରେ କହିଛନ୍ତି।

# ଅନିଶ୍ଚିତତାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ପୋଷାକ ତିଆରି ୟୁନିଟ୍

## ନିଯୁକ୍ତି ଚିନ୍ତାରେ ଅଞ୍ଚଳର ଯୁବତୀଯୁବକ

ରାୟଗଡ଼ା,୪।୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ କଂସାରିଗୁଡ଼ାଠାରେ ଉତ୍କଳ ଆଲୁମିନା ସୋସିଆଲ ଫାଉଣ୍ଡେଶନ ଦ୍ୱାରା ଆଦିତ୍ୟ ଆଲୁମିନା ବିଶୋଧନାଗାର (ରିଫାଇନେରି) ଏବଂ ପୋଷାକ ତିଆରି ୟୁନିଟ୍ ନିର୍ମାଣ ଏବେ ଅନିଶ୍ଚିତତା ଭିତରେ ରହିଛି। ଉକ୍ତ ୟୁନିଟ୍ ନିର୍ମାଣ ପାଇଁ ୨୦୨୩ ଡିସେମ୍ବର ୨୨ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଭର୍ଚୁଆଲ ମାଧ୍ୟମରେ ଭୂମିପୂଜା କରାଯାଇଥିଲା। ଭୂମିପୂଜାର ୨ ବର୍ଷ ବିତିଗଲାଣି ହେଲେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଅନ୍ୟପଟେ ଲୋକେ ଜମି ଦେଇ କାମ ନ ପାଇ ଆର୍ଥିକ ଦୁରବସ୍ଥା ଭୋଗୁଥିବା ଅଭିଯୋଗ କରିଛନ୍ତି।

ଆଦିତ୍ୟ ଆଲୁମିନା ବିଶୋଧନାଗାର (ରିଫାଇନେରି) ଏବଂ ପୋଷାକ ତିଆରି ୟୁନିଟ୍ ନିର୍ମାଣ ପାଇଁ ୨୦୦୬ରୁ ଜମି ଅଧିଗ୍ରହଣ ହୋଇଥିଲା। ଏଭଳିକି ୨୦୧୪ରେ ହୋଇଥିବା ଆର୍‌ପିଡିଏସି ବୈଠକରେ ତତ୍କାଳୀନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ମନ୍ତ୍ରୀ, ରାଜସ୍ୱ ଆୟୁକ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଏହା ପରଠାରୁ କୌଣସି କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା। ଏହାର ପ୍ରତିବାଦରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଅଞ୍ଚଳବାସୀଙ୍କ ସହ ମିଶି ରାସ୍ତାରୋକୋ କରିବା ପରେ ୨୦୨୩ରେ ଭୂମିପୂଜନ ହୋଇଥିଲା। ହେଲେ ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ସୁଦ୍ଧା ପୋଷାକ ତିଆରି ୟୁନିଟ୍‌ର ଏଯାବତ୍ ଫାଉଣ୍ଡେଶନ ପଡ଼ି ନ ଥିବା ଜଣାପଡ଼ିଛି। ବାରମ୍ବାର ଦାବି ପରେ ବି କୌଣସି ସୁଫଳ ମିଳୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜମି ଅଧିଗ୍ରହଣ କରିବାର ଦୀର୍ଘ ୧୮ବର୍ଷ ବିତିଗଲାଣି, ହେଲେ କମ୍ପାନୀ କିଛି କାର୍ଯ୍ୟକ୍ଷମ କରୁନାହିଁ। କମ୍ପାନୀ କେବଳ ନିଜର ଇନ୍‌ଫ୍ରାଷ୍ଟ୍ରକ୍ଚର ନିର୍ମାଣ କରିବାରେ ବ୍ୟସ୍ତ ରହିଛି। ଆଦିତ୍ୟ ଆଲୁମିନା ଏଠାରେ ପୋଷାକ ତିଆରି ୟୁନିଟ୍ କରିବ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଆର୍‌ପିଡିଏସି ବୈଠକ ଡକାଯାଇ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଶନିବାର ରାୟଗଡ଼ା ଉପଜିଲାପାଳ ରମେଶ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିସ୍ଥାପିତ ଓ ପ୍ରଭାବିତ ଅଞ୍ଚଳବାସୀ ପୋଷାକ ତିଆରି ୟୁନିଟ୍ କାର୍ଯ୍ୟକ୍ଷମ, ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ କମ୍ପାନୀରେ ଅଂଶଧନ ପାଇଁ ଦାବି କରିଥିଲେ। ବୈଠକ ପରେ ଏ ସମ୍ପର୍କରେ ଉପଜିଲାପାଳ ରମେଶ ଜେନାଙ୍କୁ ପଚାରିବାରୁ ଏହି ପୋଷାକ ତିଆରି ୟୁନିଟ୍‌ରେ ଅଞ୍ଚଳର ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିବ ଏବଂ ପ୍ରାୟ ୬୦ରୁ ୭୦ଜଣ ଭୁବନେଶ୍ୱର ଆପାରେଲ ଟ୍ରେନିଂ ପାଇଁ ଯାଇଛନ୍ତି ବୋଲି ସେ କହିଛନ୍ତି।

ପ୍ରକାଶ ଥାଉକି, ଏହି ରିଫାଇନେରି ପାଇଁ କମ୍ପାନୀ ୮ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ବାର୍ଷିକ ୨ ନିୟୁତ ଟନ୍ ଆଲୁମିନା ଉତ୍ପାଦନ ହେବ ବୋଲି ଭୂମିପୂଜନ ବେଳେ କମ୍ପାନୀ କର୍ତ୍ତୃପକ୍ଷ ଓ ତତ୍କାଳୀନ ରାଜ୍ୟ ସରକାର ସୂଚନା ଦେଇଥିଲେ। ସେହିଭଳି କଂସାରିଗୁଡ଼ା ନିକଟସ୍ଥ ଫୁଲଜୁବା ଗ୍ରାମ ନିକଟରେ ପ୍ରାୟ ୨୫ ଏକର ଜମିରେ ପୋଷାକ ତିଆରି କାରଖାନା ସ୍ଥାପନ କରାଯିବ। ଏଥିରେ ବାର୍ଷିକ ୩୬ଲକ୍ଷ ଶାର୍ଟ ତିଆରି ହେବ। କାରଖାନାରେ ଅଞ୍ଚଳର ୩ ହଜାର ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି କୁହାଯାଇଥିଲା। ହେଲେ ପୋଷାକ ତିଆରି ୟୁନିଟ୍ ନିର୍ମାଣ ଏବେ ଅନିଶ୍ଚିତତା ଭିତରେ ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି।


ଆଦିତ୍ୟ ଆଲୁମିନା ବିଶୋଧନାଗାର ଏବଂ ପୋଷାକ ତିଆରି ୟୁନିଟ୍ ନିର୍ମାଣ ପାଇଁ କଂସାରିଗୁଡ଼ାଠାରେ ଅଧିଗ୍ରହଣ ହୋଇଥିବା ଜମି।

# ନିଯୁକ୍ତି ପରୀକ୍ଷା ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ: ମୁଖ୍ୟ ଶାସନ ସଚିବ

■ ବିଭାଗୀୟ ଅର୍ଥ ଖର୍ଚ୍ଚକୁ ତ୍ୱରାନ୍ୱିତ କର
■ ୨୯ରେ ଆସିବେ ବିଶ୍ୱବ୍ୟାଙ୍କ ପ୍ରେସିଡେଣ୍ଟ

ଭୁବନେଶ୍ୱର,୪।୧
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବଜେଟରେ ଯେଉଁ ଅର୍ଥ ଭିତ୍ତିଭୂମି ତଥା କାର୍ଯ୍ୟକ୍ରମ ବାବଦରେ ରଖାଯାଉଛି ତାହାକୁ ତ୍ୱରିତ ଭାବରେ ଖର୍ଚ୍ଚ କର। ଏହାସହିତ ଇଂଲିଶ ନୂଆବର୍ଷଠାରୁ ଯେତେସବୁ ବିଭାଗୀୟ ନିଯୁକ୍ତି ପରୀକ୍ଷା ହେବ, ସେଥିରେ ଯେଭଳି କୌଣସି ତ୍ରୁଟି ନ ହେବ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତ ସଚିବଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜାନୁଆରୀ ପହିଲାରେ ଲୋକସେବା ଭବନରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ଅଦ୍ୟାବଧି ଯେଉଁସବୁ ବିଭାଗର କମ୍ ଖର୍ଚ୍ଚ ହୋଇଛି ତାହା କିଭଳି ତ୍ୱରାନ୍ୱିତ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଅ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଗର୍ଗ ଉନ୍ନୟନ ଆୟୁକ୍ତ ଏବଂ ଅର୍ଥ ବିଭାଗ ପ୍ରମୁଖ ସଚିବଙ୍କୁ ଏକ ବିଶେଷ ପରାମର୍ଶ ଦେଇଛନ୍ତି। ମୁଖ୍ୟ ସଚିବ କହିଛନ୍ତି, ରାଜ୍ୟର ପ୍ରମୁଖ ୧୦ଟି ବିଭାଗର ଖର୍ଚ୍ଚ କେତେ ହୋଇଛି ଏବଂ ଏହା କିଭଳି ଆଗକୁ ତ୍ୱରାନ୍ୱିତ ହୋଇପାରିବ ତାହାକୁ ନିୟମିତ ଭାବେ ସମୀକ୍ଷା କରିବେ। ସେହିପରି ଜାନୁଆରୀ ୨୯ରେ ବିଶ୍ୱବ୍ୟାଙ୍କ ପ୍ରେସିଡେଣ୍ଟ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଶିଳ୍ପ ବିଭାଗ ସ୍ୱତନ୍ତ୍ର ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି। ଏହାସହ ଜାନୁଆରୀ ୨୬ରେ ହେବାକୁଥିବା ସାଧାରଣତନ୍ତ୍ର ଦିବସ ଲାଗି ପ୍ରସ୍ତୁତି କରିବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି।

ମୁଖ୍ୟ ସଚିବ ସମସ୍ତ ବିଭାଗକୁ ଏକ ବିଶେଷ ନିର୍ଦ୍ଦେଶ ଜାରି କରି କହିଛନ୍ତି, ଏଣିକି କୌଣସି ବିଭାଗର ନିଯୁକ୍ତି ପରୀକ୍ଷାବେଳେ ଯେପରି ତ୍ରୁଟିବିଚ୍ୟୁତି ଦେଖା ନ ଦେବ ସେଥିପ୍ରତି ଗୁରୁତ୍ୱ ଦିଅ। ଯଦି କୌଣସି ପରିସ୍ଥିତିରେ ପରୀକ୍ଷା ବେଳେ ପ୍ରଶ୍ନପତ୍ର ଲିକ୍ କିମ୍ବା ଅନ୍ୟାନ୍ୟ ଅଭିଯୋଗ ଆସିବ ତାକୁ ସରକାର ବରଦାସ୍ତ କରିବେ ନାହିଁ। ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ସାଧାରଣ ପ୍ରଶାସନ ଏବଂ ଗୃହ ବିଭାଗ ନେବାକୁ ମୁଖ୍ୟ ସଚିବ କହିଛନ୍ତି। ସେହିପରି ପ୍ରତ୍ୟେକ ବିଭାଗର ସଚିବମାନେ କାର୍ଯ୍ୟାଳୟରେ ଆଇଟି ଭିତ୍ତିଭୂମି କିଭଳି ସୁଦୃଢ଼ ହେବ, ସେଥିପ୍ରତି ଗୁରୁତ୍ୱ ଦେବେ। ଯାହାଦ୍ୱାରା କାର୍ଯ୍ୟରେ ସ୍ୱଚ୍ଛତା, ଦକ୍ଷତା ରହିବା ସହ ସାଧାରଣ ଲୋକେ ଉତ୍ତମ ସେବା ପାଇପାରିବେ।

ବୈଠକର ସୂଚନା ଅନୁଯାୟୀ, ଭିତ୍ତିଭୂମି ତଥା କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚରେ ପ୍ରାୟ ୧୦ଟି ବିଭାଗ ପଛରେ ପଡ଼ିଛି। ସେଥିମଧ୍ୟରେ ଯୁବ ଓ କ୍ରୀଡ଼ା ବିଭାଗର ଖର୍ଚ୍ଚ ସବୁଠାରୁ ନୈରାଶ୍ୟଜନକ। ଏହି ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ ୯.୮୮ପ୍ରତିଶତ ଖର୍ଚ୍ଚ କରିଥିବାବେଳେ ୨୦୨୬-୨୭ରେ ମାତ୍ର ୫.୬୭ପ୍ରତିଶତ ଡିସେମ୍ବର ୨୦୨୫ ସୁଦ୍ଧା ଖର୍ଚ୍ଚ କରିଛି। ସେହିପରି ଇସ୍ପାତ ଓ ଖଣି ବିଭାଗ ୭.୭୨ ପ୍ରତିଶତ ଖର୍ଚ୍ଚ କରିଥିବାବେଳେ ସାଧାରଣ ଉଦ୍ୟୋଗ ୩.୫୫% ଖର୍ଚ୍ଚ କରିଛି। ସରକାରଙ୍କ ନିୟମ ଅନୁଯାୟୀ, ଡିସେମ୍ବର ସୁଦ୍ଧା ବଜେଟରେ ପ୍ରାବଧାନ ହୋଇଥିବା ଟଙ୍କାର ୬୦ପ୍ରତିଶତ ଅର୍ଥ ଖର୍ଚ୍ଚ ହେବାକଥା। ଏହି ଦୃଷ୍ଟିରୁ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ସର୍ବାଧିକ ୯୯.୧୪ପ୍ରତିଶତ ଖର୍ଚ୍ଚ କରିଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ୭୮.୬୯ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି। ସେହିପରି ସରକାରଙ୍କ ଲକ୍ଷ୍ୟଧାର୍ଯ୍ୟଠାରୁ ଆଗରେ ମତ୍ସ୍ୟ ଓ ପଶୁସମ୍ପଦ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ୭୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ବଜେଟ ଅର୍ଥ ଖର୍ଚ୍ଚ କରିଥିବା ମୁଖ୍ୟ ଶାସନ ସଚିବଙ୍କ ବୈଠକରୁ ଜଣାପଡ଼ିଛି।


ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପରିବେଶବିତ୍ ମାନେକା ଗାନ୍ଧୀ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ଶ୍ରୀମନ୍ଦିର କମାଣ୍ଡର-ସୁରକ୍ଷାକର୍ମୀ ହାତାହାତି

■ ପ୍ରୋଟୋକଲ ଦର୍ଶନକୁ ନେଇ ଉତ୍ତେଜନା
■ କିଛି ସମୟ ବନ୍ଦ ରହିଲା ଧାଡ଼ିଦର୍ଶନ

ପୁରୀ,୪।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ରବିବାର ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ସାତପାହାଚ ପୂର୍ବରୁ କୀର୍ତ୍ତନ ଚକଡ଼ାଠାରେ ଶ୍ରୀମନ୍ଦିର କମାଣ୍ଡର ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡକୁ ନେଇ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ୟାରିକେଡ୍‌ରେ ସୁରକ୍ଷାକର୍ମୀଙ୍କ ପ୍ରୋଟୋକଲ୍ ଦର୍ଶନକୁ ଶ୍ରୀମନ୍ଦିର କମାଣ୍ଡର ବିରୋଧ କରିଥିଲେ। ଏହାକୁ ନେଇ କିଛି ସମୟ ଧରି ଯୁକ୍ତିତର୍କ ଓ ଠେଲାପେଲା ସ୍ଥିତି ଉପୁଜିଥିଲା। ଏପରିକି ଶ୍ରୀମନ୍ଦିର କମାଣ୍ଡାରଙ୍କୁ ସ୍ୱତନ୍ତ୍ର ସୁରକ୍ଷାକର୍ମୀ ଧକ୍କା ମାରିବା ସହ ଗାଳିମନ୍ଦ କରିଥିଲେ। ଏହାକୁ ସେବକମାନେ ନାପସନ୍ଦ କରି ବିରୋଧ କରିଥିଲେ। ଫଳରେ ସେବକ ଓ ସ୍ୱତନ୍ତ୍ର ସୁରକ୍ଷାକର୍ମୀଙ୍କ ମଧ୍ୟରେ ମଧ୍ୟ ଯୁକ୍ତିତର୍କ ହୋଇଥିଲା। ଏଥିଯୋଗୁ ସକାଳଧୂପ ପରେ ସାତପାହାଚ ଧାଡ଼ି ଦର୍ଶନ କିଛି ସମୟ ପାଇଁ ବନ୍ଦ ରହିଥିଲା। ପ୍ରଶାସନର ହସ୍ତକ୍ଷେପ ପରେ ଦର୍ଶନ ସ୍ୱାଭାବିକ ହୋଇଥିଲା। ଶ୍ରୀମନ୍ଦିର କମାଣ୍ଡର ସୁଧାଂଶୁ ଶେଖର ପଟ୍ଟନାୟକ କହିଛନ୍ତି, କୀର୍ତ୍ତନ ଚକଡ଼ାରେ ୯ଟି ବ୍ୟାରିକେଡ୍ ରହିଛି। ତେବେ ରବିବାର ପୂର୍ବାହ୍ନରେ ୭ଟି ଭକ୍ତଙ୍କ ପାଇଁ ଖୋଲାଥିଲା। ସ୍ୱତନ୍ତ୍ର ସୁରକ୍ଷା କର୍ମୀଙ୍କ ଲୋକଙ୍କ ପ୍ରୋଟୋକଲ ଦର୍ଶନ ବନ୍ଦ ହୋଇଯିବାକୁ ନେଇ କମାଣ୍ଡର ଓ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସମୟରେ ତାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ବାହିନୀର କର୍ମଚାରୀ ଆକ୍ରମଣ କରିଥିବା ପଟ୍ଟନାୟକ ଅଭିଯୋଗ ଆଣିଛନ୍ତି।

# ମିନିବସ୍-ପିକ୍‌ଅପ୍ ଭ୍ୟାନ ଧକ୍କା: ୩୦ରୁ ଊର୍ଦ୍ଧ୍ୱ ଆହତ

## ୭ ବ୍ରହ୍ମପୁର ସ୍ଥାନାନ୍ତର

ଦିଗପହଣ୍ଡି,୪।୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାର ଝାଟିପିଟିଆ ଗ୍ରାମ ନିକଟରେ ରବିବାର ସକାଳ ୯ଟାରେ ଯାତ୍ରୀବାହୀ ମିନିବସ୍ ସହ ଏକ ଶୁଖୁଆ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ୪ ଓ ୭ ବର୍ଷର ଶିଶୁ ରହିଛନ୍ତି। ୭ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଦିଗପହଣ୍ଡିରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ଖବରରୁ ଜଣାପଡିଛି, ଦିଗପହଣ୍ଡିରୁ ଚିକିଟି ଅଭିମୁଖେ ୪୦ ଜଣ ଯାତ୍ରୀଙ୍କୁ ଧରି ଯାଉଥିବା ମିନିବସ୍ (ନଂ. ଓଆର୦୭ଜେ- ୩୩୩୮)କୁ ଚିକିଟିରୁ ଦିଗପହଣ୍ଡି ଅଭିମୁଖେ ଶୁଖୁଆ ବୋଝେଇ କରି ଆସୁଥିବା ପିକ୍‌ଅପ୍‌ଭ୍ୟାନ୍ (ନଂ. ଓଡ଼ି୧୭ ଏଏଫ-୮୨୦୭) ଝାଟିପିଟିଆ ଗ୍ରାମ ନିକଟରେ ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡିଥିଲା। ଏନେଇ ସୂଚନା ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାତ୍ରୀ ଭାସ୍କର ସେଠୀ (୭୦), ଲିଙ୍ଗରାଜ ଗୌଡ଼ (୮୦), ରାଜେଶ ସାହୁ (୭), ହୃଷୀକେଶ ଦାସ (୫୪), ବନ୍ଦନା ବେହେରା (୨୧), ପୂର୍ଣ୍ଣଚନ୍ଦ୍ର ପାତ୍ର (୩୯), ରଶ୍ମିତା ବାଡ଼ତ୍ୟା (୪୦), ମମତା ପାତ୍ର (୩୨), ଶିବ ପୂଜାରୀ(୪), ହେମନ୍ତ ପୂଜାରୀ (୧୯)ଙ୍କ ସମେତ ଅନ୍ୟ ଆହତମାନଙ୍କୁ ଉଦ୍ଧାରକରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୭ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଖବର ପାଇ ବ୍ରହ୍ମପୁର ଏମକେସିଜିରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ଜିଲାପାଳ ଭି. କିର୍ତ୍ତୀ ଭାସନ, ବ୍ରହ୍ମପୁର ଉପ ଜିଲାପାଳ ଅବିନାଶ କୁମାର, ବ୍ରହ୍ମପୁର ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏମକେସିଜିରେ ପହଞ୍ଚି ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ସେମାନଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଗୁରୁତରଙ୍କୁ ୩୦ ହଜାର ଟଙ୍କା ଓ ସାମାନ୍ୟ ଆହତଙ୍କୁ ୨୦ ହଜାର ଟଙ୍କା ସହାୟତା ରେଡକ୍ରସ ପାଣ୍ଠିରୁ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଚିକିଟିରୁ ଦିଗପହଣ୍ଡିକୁ କୌଣସି ସରକାରୀ ବସ୍ ଯାତାୟାତ କରୁ ନ ଥିବାରୁ ମିନି ବସ୍‌ଗୁଡିକରେ ଛିଡା ହୋଇ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀମାନେ ଯାତାୟାତ କରୁଛନ୍ତି। ଦୁର୍ଘଟଣାପରେ ଆହତ ଯାତ୍ରୀ ଦିଗପହଣ୍ଡି ଡାକ୍ତରଖାନାରେ ପହଞ୍ଚିବାବେଳକୁ ଜଣେ ଦନ୍ତ ଚିକିତ୍ସକ ଥିଲେ। ଏହି ଡାକ୍ତରଖାନାରେ ୮ଜଣ ଡାକ୍ତର ନିଯୁକ୍ତି ହୋଇଥିବା ବେଳେ ଜରୁରୀ ସମୟରେ ଜଣେ ମାତ୍ର ଡାକ୍ତର ଡ୍ୟୁଟିରେ ରହିଥିବା ଦେଖିବାକୁ ମିଳିଥିଲା। ଫଳରେ ଏହାକୁ ନେଇ କିଛି ସମୟ ପାଇଁ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ଅଞ୍ଚଳରେ ସରକାରୀ ବସ୍ ଚଳାଚଳ ପାଇଁ ସାଧାରଣରେ ଦାବି ହେଉଛି।



ଦୁର୍ଘଟଣା ଘଟାଇ ରାସ୍ତା ଉପରେ ଓଲଟି ପଡିଥିବା ପିକ୍‌ଅପ୍‌ଭ୍ୟାନ୍ ।

# ପଦୋନ୍ନତିରେ ଅନିୟମିତତା ପ୍ରସଙ୍ଗର ହେବ ତଦନ୍ତ

## ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଗଠନ କଲା ୫ଜଣିଆ ତଦନ୍ତ କମିଟି

ଭୁବନେଶ୍ୱର,୪।୧
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ହସ୍ତତନ୍ତ,ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗରେ ଅଧିକାରୀଙ୍କ ପଦୋନ୍ନତି କ୍ଷେତ୍ରରେ ହୋଇଥିବା ଅନିୟମିତତା ଅଭିଯୋଗକୁ ଆଧାରକରି ବିଭାଗ ପକ୍ଷରୁ ତଦନ୍ତ କମିଟି ଗଠନ କରାଯାଇଛି। ଏନେଇ ଜାନୁଆରୀ ୨ରେ ବିଭାଗୀୟସଚିବଙ୍କ ନିର୍ଦ୍ଦେଶକ୍ରମେ ଉପସଚିବ ଏକ ତଦନ୍ତ କମିଟି ଗଠନ କରିଛନ୍ତି। ସେଥିରେ ଉପସଚିବ ଦର୍ଶାଇଛନ୍ତି ଯେ, ବିଭାଗରେ କାର୍ଯ୍ୟରତ ଦେବଜିତ ନନ୍ଦୀ(ଯୁଗ୍ମନିର୍ଦ୍ଦେଶକ-ବୟନଶିଳ୍ପ)ଙ୍କ କ୍ଷେତ୍ରରେ ହୋଇଥିବା ପଦୋନ୍ନତିରେ ଅନିୟମିତତାକୁ ନେଇ ଏକ ୫ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି। କମିଟିରେ ବିଭାଗୀୟ ଅତିରିକ୍ତ ସଚିବ ପ୍ରତାପ ଚନ୍ଦ୍ର ହୋତା, ଇନ୍ଦିରା ବେହେରା(ସ୍ୱତନ୍ତ୍ର ଅଧିକାରୀ),ଏସ୍. ଏନ୍. ପଟ୍ଟନାୟକ(ଅତିରିକ୍ତ ନିର୍ଦ୍ଦେଶକ-ସେରିକଲଚର), ଆଶୁତୋଷ ମହାନ୍ତି(ଉପନିର୍ଦ୍ଦେଶକ) ଏବଂ ବିଶ୍ୱରଞ୍ଜନ ଥାନାପତି(ଡେସ୍କ ଅଫିସର) ରହିଛନ୍ତି। ଏହି କମିଟି ଆସନ୍ତା ୧୫ଦିନ ମଧ୍ୟରେ ଘଟଣାର ଅନୁସନ୍ଧାନ କରି ଅବଗତ କରାଇବାକୁ ଉପସଚିବ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ ଯେ, ବିଭାଗରେ ବିଭିନ୍ନ ପଦବିରେ ପଦୋନ୍ନତି ବେଳେ ଅନିୟମିତତା ହୋଇଥିବା ନେଇ କେତେକ ଅଭିଯୋଗ ଆସିଥିଲା। ଏ ସଂକ୍ରାନ୍ତରେ ୨୦୨୫ ଏପ୍ରିଲ ୧୧ରେ 'ଧରିତ୍ରୀ'ରେ ଏକ ସ୍ୱତନ୍ତ୍ର ରିପୋର୍ଟ ପ୍ରକାଶ ପାଇଥିଲା।

# ଇ-ଡେସ୍‌ପାଚ୍‌କୁ ଅଣଦେଖା: ଇଆଇଟି ବିଭାଗର ତାଗିଦ୍

## ଚିଠିଗୁଡ଼ିକ ବ୍ୟକ୍ତିଗତ ଭାବେ ପଠାଯାଉଛି

ଯାଜପୁର,୪।୧
(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନଫର୍‌ମେଶନ ଟେକ୍ନୋଲୋଜି(ଇଆଇଟି) ବିଭାଗ ପକ୍ଷରୁ ଇ-ଡେସ୍‌ପାଚ୍‌ରେ ଚିଠିପତ୍ର ଆଦାନପ୍ରଦାନ ନୈରାଶ୍ୟଜନକ ବୋଲି ସ୍ୱୀକାର କରାଯାଇଛି। ଏହିମର୍ମରେ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ ଏବଂ ବିଭାଗୀୟ ଅତିରିକ୍ତ ସଚିବମାନଙ୍କୁ ତାଗିଦ କରାଯାଇଛି। ଏନେଇ ବିଭାଗୀୟ ଅନୁସଚିବ ତ୍ରିଲୋଚନ ପ୍ରଧାନ ଗତ ଡିସେମ୍ବର ୧୭ରେ ଦେଇଥିବା ଚିଠିରେ ଦର୍ଶାଇଛନ୍ତି, ବିଭିନ୍ନ ବିଭାଗ ଏବଂ ସେମାନଙ୍କର ଅଧୀନ କାର୍ଯ୍ୟାଳୟ/ଜିଲାପାଳଙ୍କ ଦ୍ୱାରା ଇ-ପ୍ରେରଣ ସିଷ୍ଟମ୍‌କୁ ଇଆଇଟି ବିଭାଗ ଦ୍ୱାରା ନିରନ୍ତର ତଦାରଖ କରାଯାଉଛି। ସରକାରୀ ଯୋଗାଯୋଗ ପାଇଁ ଏହି ବ୍ୟବସ୍ଥା ଗ୍ରହଣ କରିବା ଉତ୍ସାହଜନକ ହେଲେ ମଧ୍ୟ ଦେଖାଯାଉଛି ଯେ, ଚିଠିଗୁଡ଼ିକ ଏବେ ବି ସାର୍ବଜନୀନ ବଦଳରେ ବ୍ୟକ୍ତିଗତ ମୋଡ୍‌ରେ ପଠାଯାଉଛି। ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ବିଭାଗୀୟ ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକରୁ ସାର୍ବଜନୀନ ମୋଡ୍‌ରେ ଇ-ଡେସ୍‌ପାଚ୍ ସିଷ୍ଟମ୍‌କୁ ଦକ୍ଷତାର ସହିତ ବ୍ୟବହାର କରିବାକୁ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫର୍‌ମେଶନ ଟେକ୍ନୋଲୋଜି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ବିଭାଗର ନିର୍ଦ୍ଦେଶ ଉପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ରଶ୍ମିରଞ୍ଜନ ରାଉତ ଡିସେମ୍ବର ୨୨ରେ ଅନୁରୂପ ଭାବେ ଇ-ଡେସ୍‌ପାଚ୍‌କୁ ଅଧିକରୁ ଅଧିକ ଭାବେ ବ୍ୟବହାର କରିବାକୁ କଟକ ବୋର୍ଡ ଅଫ ରେଭିନ୍ୟୁର ସଚିବଙ୍କ ସମେତ ସମସ୍ତ ଆରଡିସି, ଜିଲାପାଳ, ଉପଜିଲାପାଳ, ତହସିଲଦାର ପ୍ରମୁଖ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧରିତ୍ରୀରେ ଗତ ୧୭।୧୧।୨୦୨୫ରେ ଇ-ଡେସ୍‌ପାଚ୍‌କୁ ଡର ଶୀର୍ଷକ ସବିଶେଷ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ସରକାରଙ୍କ ପକ୍ଷରୁ ଏଭଳି ତତ୍ପରତା ପ୍ରକାଶ ପାଇଥିବା ସୂଚନା ମିଳିଛି।

ଦୁର୍ନୀତି ବିରୋଧରେ ରାଜ୍ୟ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଯୋଗୁ ଭିଜିଲାନ୍ସ ବିଭାଗ ସକ୍ରିୟ ହୋଇଛି। ରାଜ୍ୟରେ ୨୦୨୫ରେ ସମୁଦାୟ ୪୮୮ କେସ୍‌ର ଫଇସଲା ହୋଇଥିବାବେଳେ ସେଥିମଧ୍ୟରୁ ୧୭୩ଟି ଆୟ ବହିର୍ଭୂତ ସମ୍ପତ୍ତିଜନିତ ମାମଲାର ଫଇସଲା ହୋଇସାରିଛି। ଏହି ସଫଳତା ଗତ ୨୦ ବର୍ଷର ଇତିହାସକୁ ପଛରେ ପକାଇ ଏକ ରେକର୍ଡ ସୃଷ୍ଟି କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ପ୍ରକାଶ କରିଛନ୍ତି। ହେଲେ ଯାଜପୁର ଜିଲାରେ ଏଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଏଯାଏ ହୋଇନାହିଁ। ବରଂ ଦୁର୍ନୀତିର ଘଣ୍ଟଘୋଡାଇବାକୁ ଯାଇ ଯାଜପୁର ଜିଲାର ସମସ୍ତ କାର୍ଯ୍ୟାଳୟର ଇ-ଡେସ୍‌ପାଚ୍‌କୁ ଅଚଳ କରି ଦିଆଯାଇଛି। କୌଣସି ଅଧିକାରୀ, ଯନ୍ତ୍ରୀ, କର୍ମଚାରୀ, ଠିକାଦାର, ଖଣି ଓ ଶିଳ୍ପସଂସ୍ଥା କର୍ତ୍ତୃପକ୍ଷ ପ୍ରମୁଖଙ୍କ ବିରୋଧରେ ହେଉଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଇ-ଡେସ୍‌ପାଚ୍ କିମ୍ବା ଏହାର ସିଟିଜେନ ଲେଟର ସିଷ୍ଟମ୍‌କୁ ଦକ୍ଷତାର ସହିତ ବ୍ୟବହାର କରାଯାଉନାହିଁ। ଏପରି କି ଜିଲାବାସୀଙ୍କ ପକ୍ଷରୁ ବିଭିନ୍ନ ଆପତ୍ତି, ଅଭିଯୋଗ ଓ ଏହାର ପଦକ୍ଷେପ ସଂକ୍ରାନ୍ତରେ ଲୁଚାଇ ରଖାଯାଉଛି। ବର୍ତ୍ତମାନ ଧାନ ସଂଗ୍ରହ ସମୟ ଚାଲିଥିବାବେଳେ ସମବାୟ ବିଭାଗରେ ଯାଜପୁର ଏଆରସିଏସ୍ ସିଷ୍ଟମ ଗତ ମେ ମାସ ୨୩ ତାରିଖରୁ ଅଚଳ ହୋଇ ପଡ଼ିଛି। ରାଜ୍ୟରେ ପ୍ରଦୂଷଣ ବଢୁଥିବାବେଳେ କଳିଙ୍ଗନଗର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ଇ-ଡେସ୍‌ପାଚ୍‌ରେ ଚିଠିପତ୍ର ଆଦାନ ପ୍ରଦାନ ହେଉନାହିଁ। ସେହିଭଳି ଯାଜପୁର ଜିଲାର ଅନ୍ୟ ସମସ୍ତ ବିଭାଗର ଇ-ଡେସ୍‌ପାଚ୍ ବ୍ୟବହାର ନୈରାଶ୍ୟଜନକ ରହିଛି।

ବାଲେଶ୍ୱର ଜିଲାର ମନୋରଞ୍ଜନ ବେହେରା ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଇ-ଡେସ୍‌ପାଚ୍ ପୋର୍ଟାଲ ବ୍ୟବହାର କରିବାକୁ ବାଧ୍ୟତାମୂଳକ କରାଯାଇଛି। ତଥାପି ଅନେକ କାର୍ଯ୍ୟାଳୟ ଦ୍ୱାରା ପ୍ରାୟତଃ ପାଳନ ହେଉ ନ ଥିବା ଯୋଗୁ ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ ବିଫଳ ହେଉଛି। ଏହି ପୋର୍ଟାଲ ରକ୍ଷଣାବେକ୍ଷଣ ଏବଂ ଅପ୍‌ଗ୍ରେଡ୍ କରିବା ପାଇଁ ନିରନ୍ତର ବିପୁଳ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ କୌଣସି ସଂଶୋଧନମୂଳକ ପଦକ୍ଷେପ ନିଆଯାଇନାହିଁ ଏବଂ ସାର୍ବଜନୀନ ପ୍ରେରଣ ରେକର୍ଡ ଦୃଷ୍ଟିରୁ ପୋର୍ଟାଲ ପ୍ରାୟତଃ ଅପହଞ୍ଚ ରହିଛି। ଅର୍ଥ ଏବଂ ଏସ୍‌ଏସ୍‌ଇପିଡି ଦ୍ୱାରା ପ୍ରଭାବଶାଳୀ ଏବଂ ସ୍ୱଚ୍ଛ ଭାବରେ ଇ-ଡେସ୍‌ପାଚ୍ ବ୍ୟବହାର ହେଉଥିବା ବେଳେ, ଅନ୍ୟ ପ୍ରାୟ ସମସ୍ତ ବିଭାଗ ଅନୌପଚାରିକ ଇମେଲ ଆଇଡି କିମ୍ବା ବିକଳ୍ପ ଚ୍ୟାନେଲ ମାଧ୍ୟମରେ ଯୋଗାଯୋଗ ପଠାଇବା ଜାରି ରଖିଛି। ଏହା ବାଧ୍ୟତାମୂଳକ ବ୍ୟବସ୍ଥାକୁ ଉଲ୍ଲଂଘନ କରିବା ସହ ସରକାରୀ ଯୋଗାଯୋଗରେ ସମାନତା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଉଦ୍ଦେଶ୍ୟକୁ ପରାହତ କରୁଛି ବୋଲି ସେ ଅଭିଯୋଗ କରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ କଟକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୩ଟା।
- ନାରୀନେତ୍ରୀ ବୀଣାପାଣି ଦାସଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ଅପରାହ୍ନ ୫ଟା।
- ଗୁରୁ ଧୋବି ବେହେରା କଳା ସାହିତ୍ୟ ସଂସଦର ୧୬ତମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା, ସ୍ଥାନ: . ସିଂଲା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୯ଟା।
- ପ୍ରଖ୍ୟାତ ଐତିହାସିକ ଡ. ମନ୍ମଥ ଦାସଙ୍କ ୧୦୩ତମ ଜୟନ୍ତୀ, ଚନ୍ଦନେଶ୍ୱର ଓ ଶଙ୍ଖାରୀରେ ସ୍ମାରକୀ ସ୍ଥଳ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସାଧାରଣ ସଭା, ଭୋଗରାଇ, ସମୟ: ସକାଳ ସାଢେ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି, ସ୍ଥାନ: ଦରଖୋଲି ଖେଳପଡିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଆଶାକର୍ମୀ ସଂଘର ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଧାନ ମଣ୍ଡି ଉଦ୍‌ଘାଟନୀ, ସ୍ଥାନ: ଭାଟପଡ଼ା, ବିଲଣା, ନରେନ୍ଦ୍ରପୁର, ବାରସର ସମବାୟ ସମିତି, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ରହଣିଆ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ, ସ୍ଥାନ: ଚିଙ୍ଗୁଡ଼ିପୁର ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।
- ଭଦ୍ରକ ସାଂସ୍କୃତିକ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ଷ୍ଟେଶନ ଆଥଲେଟିକ ଆସୋସିଏନ ପକ୍ଷରୁ ରୟାଲ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ:ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମକର ଖେଳ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:ଚିତ୍ରଡ଼ା ତଳସାହି, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା ।

## ବ୍ରହ୍ମପୁର
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି ଶାଖା, ସମୟ: ସନ୍ଧ୍ୟା ୬ଟା।
- ଜନଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ଭାଜପା ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ, ସ୍ଥାନ: ଦାରିଙ୍ଗବାଡ଼ି ରାଣୀଦୁର୍ଗା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା।
- ଜନଜାତିଙ୍କ ପାରମ୍ପରିକ ସଂସ୍କୃତି, ପରମ୍ପରା ଓ ଜୀବନ ଜୀବିକା ସମ୍ପର୍କିତ ୨ ଦିନିଆ ଆଲୋଚନା ଚକ୍ର, ସ୍ଥାନ: ଦାରିଙ୍ଗବାଡ଼ି ଜାଗୃତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ
- ଢେଙ୍କାନାଳ ଜିଲା ମହୋତ୍ସବ ପାଇଁ ମଶାଲ ପୂଜା, ସ୍ଥାନ: କପିଳାସ ପୀଠ, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ : ସରାଙ୍ଗ ସରସତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯.୪୫ ମିନିଟ।
- ପିଏମ ଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ପରଜଙ୍ଗ ପିଏମ ଶ୍ରୀ ମହେଶ୍ଚନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ, ସମୟ : ସକାଳ ୯ ଟା।

## ଜଗତ୍‌ସିଂହପୁର
- ସତ୍ୟାନନ୍ଦ ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜନତା ନୋଡାଲ ହାଇସ୍କୁଲ, ଝିମାଣୀ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ବନ୍ଦର ପାଇକାରୀ ସମବାୟ ଭଣ୍ଡାର ଲିଃ ପରିଚାଳନା ସମିତିର ସାଧାରଣ ବୈଠକ, ସ୍ଥାନ: ସମିତି କାର୍ଯ୍ୟାଳୟ, ନୁଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠା ଦିବସ, ସ୍ଥାନ: ସିଦ୍ଧ ମହାପୁରୁଷ ମଠ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କଖାରୁଣୀ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ସଙ୍କଟମୋଚନଙ୍କ ବାର୍ଷିକ ମହାଯଜ୍ଞ, ସ୍ଥାନ: ବୀରସ୍ୱତୀ, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୫ଟା।

## ଯାଜପୁର
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ବାର୍ଷିକ ଉତ୍ସବ, ସ୍ଥାନ:କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ କଣ୍ଟିଲୋ, ସମୟ:ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା ।
- ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ବ୍ଲକ ଜେମାଦେଇପୁର, ସମୟ:ମଧ୍ୟାହ୍ନ ୧୨. ୩୦ ।

## ରାୟଗଡ଼ା
- ପ୍ରଦୂଷଣ ମୁକ୍ତ ରାଲି ସହ ସଚେତନତା ବୈଠକ, ସ୍ଥାନ: ଡାଙ୍ଗସୋରଡା ଏସ୍‌ଏସ୍‌ଡି ସରକାରୀ ହାଇସ୍କୁଲ ପରିସର, ଚନ୍ଦ୍ରପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଜନରାଜ୍ୟ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଉପ ଜିଲାପାଳଙ୍କ ସଦ୍‌ଭାବନା ଗୃହ, ଗୁଣପୁର, ସମୟ: ଅପରାହ୍ନ ୪ ଟା।

## ନବରଙ୍ଗପୁର
- ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଜୁନାପାଣିସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଡାବୁଗାଁ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।

## କୋରାପୁଟ
- ନୂଆଗାଁ ପଞ୍ଚାୟତ ଗ୍ରାମସଭା, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ନୂଆଗାଁ, ସମୟ: ସକାଳ ୯ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୁଲାବିର ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ କୁନ୍ଦୁଲି, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଲିଟିଗୁଡା ପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବୈପାରିଗୁଡ଼ା ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ବୈପାରିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାପାଳଙ୍କ ମିଳିତ ଜନଶୁଣାଣି, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଶୁଭାରମ୍ଭ, ସ୍ଥାନ: ରାଣୀଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ, ସ୍ଥାନ : ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୦ଟା ।
- ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟ, ଲୋକ ସଂସ୍କୃତି , ଲୋକ ପର୍ବ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୦ ।
- ଡ. ସୁଶାନ୍ତ କୁମାର କର ଶ୍ରାଦ୍ଧ ବାର୍ଷିକୀ କାର୍ଯ୍ୟକ୍ରମ, ସ୍ଥାନ : କମଳି ବଜାର ପାଟଣେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ : ମଧ୍ୟାହ୍ନ ୧୨ଟା ।
- ପଶ୍ଚିମ ଓଡ଼ିଶାର ଲୋକନାଟ୍ୟ ପରମ୍ପରା ଶୀର୍ଷକ ଆଲୋଚନା, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା ।
- ଲୋକ ମହୋତ୍ସବ ସମ୍ବଲପୁର -୨୦୨୬ର ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୫ଟା ୩୦ ।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟିର ନିର୍ଦ୍ଦେଶକ ଓ କଳାକାରଙ୍କ ବୈଠକ, ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଫ୍ରେଣ୍ଡସ୍ କ୍ଲବ୍‌ର ତୃତୀୟ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦ ।

## ରାଉରକେଲା
- ପାଣିପଞ୍ଚାୟତ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ଆଇଟିଡିଏ ହଲ, ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଦି ହ୍ୟୁମାନିଟି ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୭ ଇସ୍ପାତ ସାହିତ୍ୟ ସଂସଦ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆର୍‌ଏମ୍‌ସି ଘେରାଉ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ କଥା ପାରାୟଣ, ସ୍ଥାନ: ପାନପୋଷ ବସ୍ତି ରାମମନ୍ଦିର, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ-୨୦୨୬ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଚତୁର୍ଥ ଦିବସ, ସ୍ଥାନ:କଚେରି ଖେଳ ପଡ଼ିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ଧାରଣା ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଗୁପ୍ତେଶ୍ୱର ବାବା ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ଖୁଣ୍ଟୁଲାଦରହ, କୁଞ୍ଜାପାଲି ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: କୁଞ୍ଜାପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୋନପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ମା' ମାହେଶ୍ୱରୀ କ୍ରିକେଟ କପର ଉଦ୍ଘାଟନୀ ଉତ୍ସବ, ସ୍ଥାନ: ବିକଳପୁର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଜୀବନ ଓ ମଙ୍ଗଲୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସୁବଳୟା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ବରଘାଟ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ୮ତମ ଜୟ ମା' ସୁନାଦେଇ କପ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ ୨ୟ ଲିଗ ମ୍ୟାଚ, ସ୍ଥାନ: କୋମନା ବ୍ଲକ ସୁନାବେଡା କଣା ଭଏଁରା ଖେଳପଡିଆ, ସମୟ ସକାଳ: ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦଭାବନା ସଭାଗୃହ, ନୂଆପଡା ସମୟ: ପୂର୍ବାହ୍ନ ୧୦ ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନୂଆପଡା ସଦର ବ୍ଲକ ଢୁମେରପାଣି ପଞ୍ଚାୟତ କାର୍ଯ୍ୟାଳୟ, ସମୟ ଅପରାହ୍ନ: ୩ ଟା।

## ଝାରସୁଗୁଡ଼ା
- ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ବେହେରାମାଲ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମହୋତ୍ସବ ଦୁଲଦୁଲି କାର୍ଯ୍ୟକ୍ରମ, ସ୍ଥାନ:ବିଟିଏମ ପଡିଆ, ସମୟ:ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ପାଇବା ସହ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ଘର ଲୋକଙ୍କ ଅପେକ୍ଷା ପର ଲୋକଙ୍କ ସାହାଯ୍ୟ, ସହଯୋଗ ଅନୁଭୂତ ହେବ। କୃତ୍ତିକା ନକ୍ଷତ୍ର ପରିଜନଙ୍କ ସହ ଦୂରଯାତ୍ରା, ଗୃହାରମ୍ଭ ଏବଂ ବନ୍ଧୁସମ୍ପର୍କ କ୍ଷେତ୍ରରୁ ଶୁଭଫଳ ପାଇବେ। ନିରପେକ୍ଷ ନ୍ୟାୟ ପ୍ରଦାନ କରି ପ୍ରଶଂସିତ ହେବେ।

**ବୃଷ** ପୂର୍ବବିବାଦକୁ କେନ୍ଦ୍ରକରି ସମ୍ପର୍କୀୟଭାଇ, ବନ୍ଧୁ ଆଦିଙ୍କ ସହ ସୁସମ୍ପର୍କ ରହି ନ ପାରେ। ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବାକ୍‌ଯୁଦ୍ଧ ଲାଗିବାର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ବ୍ୟୟବୃଦ୍ଧି ହେତୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ମୃଗଶିରା ନକ୍ଷତ୍ର ଅଯଥା ଗୁଡ଼ାଏ ମୂଳହୀନ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମିଥୁନ** ପୁନର୍ବସୁ ନକ୍ଷତ୍ରର ଦୀର୍ଘଦିନାନ୍ତେ ଆରୋଗ୍ୟଲାଭ ସାଙ୍ଗକୁ ବନ୍ଧୁଙ୍କ ସ୍ନେହ, ସହାନୁଭୂତି ଲାଭକରି ଖୁସି ହେବେ। ପରିବାରରେ ସୁଖ, ଶାନ୍ତି ଫେରି ଆସିବ। ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ଲାଭକରି ଋଣ ପରିଶୋଧ କରିବାରେ ସଫଳ ହେବେ। ବାଣିଜ୍ୟ, ବ୍ୟବସାୟ, କୁଟୀରଶିଳ୍ପ, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ନୂତନ କର୍ମନିଯୁକ୍ତି, ଶୁଭଖବର ଏବଂ ଆତ୍ମୀୟଙ୍କ ଆଦର ପାଇବାର ସୌଭାଗ୍ୟ ଅର୍ଜନ କରିବେ। ପରିବାର ସଦସ୍ୟଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିବ। ଦୂରସ୍ଥାନକୁ ଯାତ୍ରା କରିବାକୁ ମନସ୍ଥ କରିପାରନ୍ତି। ଅଶ୍ଳେଷା ନକ୍ଷତ୍ର ସହକର୍ମୀଙ୍କ ସହାନୁଭୂତି ଏବଂ ଅଧସ୍ତନଙ୍କ ଆନୁଗତ୍ୟଜନିତ ଖୁସି ଅନୁଭବ କରିବେ।

**ସିଂହ** କର୍ମକ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ତାହାର ସଦ୍‌ବ୍ୟବହାର ମୁସ୍କିଲ୍ ହୋଇପାରେ। ବନ୍ଧୁ ବାରଣ କଲେ ମଧ୍ୟ ପରିବାରର ସହମତିରେ କାମ କଲେ ଉପକୃତ ହେବେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ପ୍ରତିଯୋଗିତା, ମାଲିମକଦ୍ଦମା, ଜମିଜମାରେ ସଫଳତା ଯୋଗୁ ଖୁସି ରହିବେ।

**କନ୍ୟା** ସହକର୍ମୀଙ୍କ ସହ ସମନ୍ୱୟ ଅଭାବରୁ କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ରୋଗପୀଡ଼ା କିମ୍ବା ଧାରକରଜଜନିତ ମାନସିକ ଅସ୍ଥିରତା ମନକୁ ବିଚଳିତ କରିବ। ଯେଉଁ ଜିନିଷକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ବିଳମ୍ବରେ ପାଇବେ। ଚିତ୍ରା ନକ୍ଷତ୍ର ଆଜିର ପ୍ରତ୍ୟୁଷ ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବା କାରଣରୁ ଆଶ୍ୱସ୍ତି ଲାଭ କରିବେ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କ ଥିବା ବନ୍ଧୁମାନେ ଭୁଲ୍ ବୁଝିପାରନ୍ତି। ବ୍ୟବସାୟ ଓ ପରିବହନରେ ସଙ୍କଟ ଦୂରେଇଯିବ କିନ୍ତୁ ଆଶାଜନକ ଲାଭ ନ ହୋଇପାରେ। ସ୍ୱାତୀ ନକ୍ଷତ୍ରର ସମ୍ପର୍କରେ ଭଙ୍ଗା ପଡିଯାଇଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ।

**ବିଛା** ପରିବାରର ବରାଦ ଅନୁସାରେ ନୂତନ ବସ୍ତ୍ରଭୂଷଣ ଓ ଧାତୁ ଅଳଙ୍କାର କ୍ରୟ କରିପାରନ୍ତି। ଆଶା ଓ ଅଭିଳାଷ ପୂରଣ ଦିଗରେ ବନ୍ଧୁ ସହଯୋଗ କରିବେ। ପ୍ରକାଶନ, ପ୍ରଶାସନ, ସାହିତ୍ୟ,ସାମ୍ବାଦିକତା ତଥା ରାଜନୀତିରେ ଚେଷ୍ଟା ସଫଳ ହେବ। ବିଶାଖା ନକ୍ଷତ୍ରର ସାମାଜିକ ସ୍ତରରେ ଶତ୍ରୁମାନଙ୍କ ଦ୍ୱାରା ସୁଯୋଗ ହରାଇବାର ଆଶଙ୍କା ରହିଛି।

**ଧନୁ** ଆପଣଙ୍କ ବିଚାରଧାରାର ପରିବର୍ତ୍ତନ ପ୍ରତ୍ୟେକ କ୍ଷେତ୍ରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବ। କର୍ମକ୍ଷେତ୍ର, ପରିବାର, ପ୍ରଶାସନ ଓ ଅର୍ଥ ସମସ୍ୟାକୁ ପ୍ରତିହତ କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କ୍ଷେତ୍ର, ଶିଳ୍ପ, ବ୍ୟବସାୟିକ ସ୍ତରର ଥିବା ବ୍ୟତିକ୍ରମଜନିତ ଟେନ୍‌ସନ୍ କମିଯିବ। ମୂଳା ନକ୍ଷତ୍ର ସାହିତ୍ୟ ଓ ସଙ୍ଗୀତ ଚର୍ଚ୍ଚାରୁ ପ୍ରଶଂସିତ ହେବେ।

**ମକର** ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଖୁସି ରହିବା ସହ ଯାହା ଆଶା କରୁଛନ୍ତି ତାହା ପାଇବେ। ଯିଏ ଯେତେ ଶତ୍ରୁତା କରି ପ୍ରତିବନ୍ଧକ ସୃଷ୍ଟି କଲେ ମଧ୍ୟ ଆପଣଙ୍କର କୌଣସି କ୍ଷତି ହେବନାହିଁ। ବନ୍ଧୁ ଗହଣରେ କଥା ଓ କାମରେ ତାଳମେଳ ଅଭାବରୁ ସମାଲୋଚିତ ହେବେ। ଶ୍ରବଣା ନକ୍ଷତ୍ରର ଆର୍ଥିକ, ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ର ଉନ୍ନତ ରହିବ।

**କୁମ୍ଭ** ନୂତନ ଯୋଜନାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ସାମାଜିକ ସ୍ତରରେ ବନ୍ଧୁଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସଜାଡି ନେବେ। ପାରିବାରିକ ସମସ୍ୟା ଥିଲେ ମଧ୍ୟ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଶତଭିଷା ନକ୍ଷତ୍ର କଚେରି ମାମଲା, ଜମିଜମା ସମସ୍ୟା ସମାଧାନ ହେବାର ସୂଚନା ରହିଛି।

**ମୀନ** ଉତ୍ତରଭାଦ୍ରପଦ ନକ୍ଷତ୍ରର ସକାଳୁ ଶୁଭଖବର ପାଇ ମନଟା ଖୁସି ହୋଇଯିବ। ଆଜି କୌଣସି କାମ ଅଟକିବ ନାହିଁ କିମ୍ବା ବ୍ୟବସାୟ ପରିବହନରେ କ୍ଷତି ମଧ୍ୟ ନ ହୋଇପାରେ। ପାରିବାରିକ, କର୍ମକ୍ଷେତ୍ର, ସାମାଜିକ ପ୍ରତ୍ୟେକ ଦିଗ ଭଲ ରହିବ। ଈର୍ଷାପରାୟଣ ଆତ୍ମୀୟଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

ଆଜି ଜାନୁଆରୀ ୫ ତାରିଖ, ପୁଷ୍ୟାଭିଷେକ, ରାଜାଭିଷେକ, ଶ୍ରୀନଅରରେ ଉତ୍ସବ, ମାଘ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଦିବା ଘ. ୦୧.୨୬ ଗତେ ଅଶ୍ଳେଷା ନକ୍ଷତ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୬ ଗତେ ଘ.୦୭.୪୭ ମଧ୍ୟେ, ଘ.୦୯.୨୦ ଗତେ ଘ.୧୧.୩୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ. ୦୭.୪୭ ଗତେ ଘ.୦୯.୦୯ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ଭାଡୁଆ ନାଚି ଯାଏ
ଅତି ବେହିଆ ପାଚି ଯାଏ ।**

ଯେଉଁମାନଙ୍କ ମୁହଁରେ ଲାଜସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଇଲେ ଅମିନ, ମାଇଲେ ମେଖ
ବାର ହାଣ୍ଡିଆଙ୍କ ଚାତୁରୀ ଦେଖ ।**

ଅମିନ ଜମି ମପାମପି କାମ କରନ୍ତି। ଜମି ମାପ କରି ମାଲିକାନା ସାବ୍ୟସ୍ତ କରନ୍ତି। ଫଳସ୍ୱରୂପ ଲୋକଙ୍କୁ ଭୁଆଁ ବୁଲେଇ ହାତ ଚିକ୍କଣ କରୁଥିବା ଟାଉଟର, ମାମଲତିକାର ବ୍ୟକ୍ତିଙ୍କ ଉପୁରିର ବାଟ ବନ୍ଦ ହୋଇଯାଏ। ପରୋକ୍ଷରେ ପେଞ୍ଚ କାଢ଼ିବାକୁ ଅସମର୍ଥ ବ୍ୟକ୍ତି ନିଜ ଦୋଷ ଦୁର୍ବଳତାକୁ ଘୋଡ଼େଇବାକୁ ଯାଇ ତୁଚ୍ଛା ବାହାଦୁରି ଦେଖାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୧୮ ଜିଲାରୁ ଉଠିଲାଣି ୧୨.୦୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ

## ପ୍ରକ୍ରିୟାରେ ସ୍ୱଚ୍ଛତା ସହ ଚାଷୀଙ୍କୁ ଠିକଣା ସମୟରେ ପ୍ରାପ୍ୟ ଦିଅ: ମୁଖ୍ୟ ସଚିବ

**ଭୁବନେଶ୍ୱର,୪।୧ (ରବିନାରାୟଣ ଜେନା)**

ଚଳିତବର୍ଷ ଖରିଫଧାନ ସଂଗ୍ରହ ସମୟରେ ଯେପରି ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ଅବଲମ୍ବନ ସହ ଚାଷୀମାନେ ସେମାନଙ୍କ ପ୍ରାପ୍ୟ ନିର୍ଦ୍ଦିଷ୍ଟ ସମୟରେ ପାଇବେ ସେନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଗର୍ଗଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ସମୀକ୍ଷା ବୈଠକରୁ ଜଣାଯାଇଛି, ଚଳିତ ୨୦୨୫-୨୬ ଖରିଫ ଧାନ କ୍ରୟ ଋତୁ ପାଇଁ ୧୯ ଲକ୍ଷ ୬୭ ହଜାର ୮୧୨ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ୨୦୨୪-୨୫ରେ ୭୩. ୪୫ ଲକ୍ଷ ମେଟ୍ରିକ୍ ଟନ୍ ଖରିଫ ଏବଂ ୧୯. ୧୮ ଲକ୍ଷ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ ହୋଇଥିଲା। ଚଳିତ ଜାନୁଆରୀ ୩ ତାରିଖ ସୁଦ୍ଧା ୧୮ଟି ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ୨, ୭୧, ୩୧୮ ଜଣ ଚାଷୀ ୧୨.୦୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବିକ୍ରୟ କରିଛନ୍ତି। ଧାନ ଅମଳ ସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ୟ ବିଭିନ୍ନ ଜିଲାରେ ଧାନ ସଂଗ୍ରହ ପ୍ରସ୍ତୁତି ଜାରି ରହିଥିବା ବୈଠକରୁ ଜଣାଯାଇଛି।

ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ସାଟେଲାଇଟ୍ ଇମେଜରି ବ୍ୟବହାର ସହାୟକ ହୋଇଛି। ଚାଷୀମାନଙ୍କୁ ବିଭିନ୍ନ ସୋସାଇଟି ସହିତ ସଂଯୁକ୍ତ କରାଯିବା, ଟୋକନ୍ ବ୍ୟବସ୍ଥା, ଧାନର ଗୁଣାତ୍ମକତା ଯାଞ୍ଚ, ମିଲରମାନଙ୍କ ଦ୍ୱାରା ଧାନ ଉଠାଯିବା, ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପ୍ରେରଣ , ମିଲରମାନଙ୍କ ଠାରୁ ନିର୍ଦ୍ଧାରିତ ସମାନ ପରିମାଣର ଚାଉଳ ସଂଗ୍ରହ ଏବଂ ବ୍ୟବସ୍ଥାର ସୁପରିଚାଳନା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ବିସ୍ତୃତ ଅନୁଧ୍ୟାନ କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହାସହ ଧାନ ସଂଗ୍ରହ ପ୍ରକ୍ରିୟାର ସୁବ୍ୟବସ୍ଥା ପାଇଁ ସିସିଟିଭି ତଦାରଖ ବ୍ୟବସ୍ଥା, ମଣ୍ଡି ନୋଡାଲ ଅଧିକାରୀଙ୍କ ପାଇଁ ମୋବାଇଲ ଆପ୍ଲିକେସନ୍ସ ସୁବିଧା, ମଣ୍ଡିରୁ ମିଲର୍ସ ଡିପୋ ପର୍ଯ୍ୟନ୍ତ ଧାନ ସଂଗ୍ରହ ପାଇଁ ନିୟୋଜିତ ଯାନର ଗତି ସମ୍ପର୍କରେ ଅନ୍‌ଲାଇନ ଟ୍ରାକିଂ, କୌଣସି କାରଣରୁ ପ୍ରକ୍ରିୟାରେ ବିଳମ୍ବ ଦୃଷ୍ଟିକୁ ଆସିଲେ ତୁରନ୍ତ ସମାଧାନ ବ୍ୟବସ୍ଥା କରାଯାଉଥିବା ସମ୍ପର୍କରେ ବୈଠକରେ ଆଲୋକପାତ କରାଯାଇଥିଲା । ଏଥିପାଇଁ ୨୪ଘଣ୍ଟିଆ କଲ୍ ସେଣ୍ଟର (ସହାୟତା କେନ୍ଦ୍ର) କାର୍ଯ୍ୟକରୁଥିବା, ଜରୁରୀ ଆବଶ୍ୟକତା ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଫିଡ୍ ବ୍ୟାକ୍ ସେବା ଆଦି ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବୈଠକରେ ସୂଚନା ଦିଆଯାଇଥିଲା। ଧାନ ସଂଗ୍ରହ ପ୍ରକ୍ରିୟାରେ ୨୬୦୦ ପ୍ରାଥମିକ କୃଷି ସମବାୟ ସମିତି, ୪୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ପାଣି ପଞ୍ଚାୟତ ସହଯୋଗରେ ପ୍ରାୟ ୪୦୦୦ ଧାନ ସଂଗ୍ରହ କେନ୍ଦ୍ର ଏହି ପ୍ରକ୍ରିୟାରେ ସାମିଲ ରହିଛନ୍ତି । ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ଓ ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ୪ ଦୁର୍ଘଟଣାରେ ...

ଘଟିଥିବା ବେଳେ ଜଣେ ୮ ବର୍ଷିଆ ପୁଅ ଓ ଏକବର୍ଷର ଶିଶୁପୁତ୍ରଙ୍କୁ ସ୍ଥାନୀୟ ଚିକିତ୍ସାଳୟ ନେବା ସମୟରେ ମୃତ୍ୟୁ ଘଟିଥିଲା। କାର୍ ଚାଳକ ଓ ଅନ୍ୟ ଜଣେ ନାବାଳିକା ଗୁରୁତର ହୋଇଥିବା ଜଣାପଡିଛି। ମୃତାହତଙ୍କ ପରିଚୟ ମିଳି ନ ଥିଲେ ମଧ୍ୟ ସମସ୍ତେ ବାଲେଶ୍ୱରରୁ ବିଶାଖାପାଟଣା ଯାଉଥିଲେ ବୋଲି ଜଣାପଡିଛି। ମହିଳା ଜଣଙ୍କ ବିଶାଖାପାଟଣାରେ ସ୍ଥଳସେନା ବାହିନୀରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି।

ସେହିପରି ଅନୁଗୋଳ ଜିଲା ବଣ୍ଟରପାଳ ଥାନା ଅନ୍ତର୍ଗତ ବଉଳିଗଡ଼ ନିକଟରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଗଛରେ ପିଟି ହୋଇ ୨ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହିନ୍ଦୋଳ ଥାନା ଗୁଲେହି ପଞ୍ଚାୟତ କଲଣ୍ଡା ଗ୍ରାମର ଶାନ୍ତନୁ ବେହେରା(୩୮) ଓ ବାଲିମି ଥାନା ଅନ୍ତର୍ଗତ ସଞ୍ଜପଡ଼ା ପଞ୍ଚାୟତ ଆମେନା ଗ୍ରାମର ଅନିଲ ପ୍ରଧାନ(୩୨)। ସୂଚନା ଅନୁଯାୟୀ, ୨ ସାଙ୍ଗ ତାଳଚେର ଅଞ୍ଚଳରେ ଗାଡ଼ି ଚାଳକ ଭାବେ କାମ କରୁଥିଲେ। ସେମାନେ କାମସାରି ବାଇକ୍‌ରେ ଘରକୁ ଫେରୁଥିବାବେଳେ ବଉଳିଗଡ଼ ଆମନା ନିକଟରେ ଭାରସାମ୍ୟ ହରାଇ ଗଛରେ ପିଟିହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଫଳରେ ସେମାନେ ରାସ୍ତାରେ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାରକରି ଏକ ଘରୋଇ ଚିକିତ୍ସାଳରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ୨ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ପୀତବାସ ପଣ୍ଡା....

ନଂ.୫୧୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ମୋଟ ୧୬ଜଣ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ, କର୍ପୋରେଟର୍ ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳାଇ ପ୍ରମୁଖ ରହିଛନ୍ତି। ଏହି ମାମଲାରେ ପୋଲିସ ଗତ ଡିସେମ୍ବର ୯ରେ କୋର୍ଟରେ ସିଡି ଦାଖଲ କରିଥିଲା। ହତ୍ୟା ଘଟଣାର ୯୦ଦିନ ପୂର୍ବରୁ ପୋଲିସ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଛି। ଅନ୍ୟପଟେ ପୂର୍ବରୁ ତଳ କୋର୍ଟ ଓ ପରେ ଏଡିଜେ-୩ କୋର୍ଟରେ ବିକ୍ରମଙ୍କ ଜାମିନ ଖାରଜ ହୋଇଥିବା ବେଳେ ସେ ଏବେ ହାଇକୋର୍ଟରେ ଆବେଦନ କରିଛନ୍ତି। ଅଭିଯୁକ୍ତ ପିଣ୍ଟୁଙ୍କୁ ସୁରକ୍ଷା ଦୃଷ୍ଟିରୁ ଫୁଲବାଣୀ ଜେଲ୍‌ରେ ରଖାଯାଇଥିବା ବେଳେ ବିକ୍ରମଙ୍କ ସହିତ ଅନ୍ୟମାନେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି।

## ନ୍ୟୁୟର୍କ ଜେଲରେ ...

କରିବାକୁ ଆସିପାରନ୍ତି ବୋଲି ବରିଷ୍ଠ ବଜାର ବିଶ୍ଳେଷକ ଫିଲ୍ ଫ୍ଲିନ୍ କହିଛନ୍ତି। ଭେନେଜୁଏଲା ତୈଳ ଉତ୍ପାଦନର କେନ୍ଦ୍ରସ୍ଥଳ ହୋଇପାରିଲେ ଦୀର୍ଘମିଆଦୀ ଭାବେ ତେଲ ଦର କମ୍ ରଖିପାରିବ ଓ ରୁଷିଆ ଉପରେ ଅଧିକ ଚାପ ପଡ଼ିବ ବୋଲି ଫ୍ଲିନ୍ କହିଛନ୍ତି। ତେବେ ଏତେଶୀଘ୍ର ତୈଳ ଦର ପ୍ରଭାବିତ ହେବ ନାହିଁ। ଭେନେଜୁଏଲା ଓପିଇସି ସଦସ୍ୟ ହୋଇଥିବାରୁ ସେଠାରେ ଏହାର ଉତ୍ପାଦନ ହିସାବ ରହିଛି। ଏଥିସହିତ ବିଶ୍ୱ ବଜାରରେ ଏବେ ବଳକା ତୈଳ ରହିଛି।

ନାର୍କୋ ଟେରୋରିଜମ୍ ଅଭିଯୋଗରେ ମାଦୁରୋ, ତାଙ୍କ ସ୍ତ୍ରୀ, ପୁଅ ଓ ଅନ୍ୟ ୩ ଜଣଙ୍କ ନାମରେ ନ୍ୟୁୟର୍କରେ ମାମଲା ରୁଜୁ ହୋଇଛି। ମାଦୁରୋ ୪ କାଉଣ୍ଟ ଯଥା ନିଶା-ଆତଙ୍କବାଦ ଷଡ଼ଯନ୍ତ୍ର, କୋକେନ ଆମଦାନୀ ଷଡ଼ଯନ୍ତ୍ର, ପାଖରେ ମେଶିନ୍ ଗନ୍ ଓ ଧ୍ୱଂସକାରୀ ଅସ୍ତ୍ର ରଖିବା ଏବଂ ଏହାକୁ ହାତେଇବା ନେଇ ଷଡ଼ଯନ୍ତ୍ର ଅଭିଯୋଗରେ ଅଭିଯୁକ୍ତ ହୋଇଛନ୍ତି। ତାଙ୍କୁ ସୋମବାର ମାନ୍‌ହାଟନ ସଂଘୀୟ କୋର୍ଟରେ ହାଜର କରାଯାଇପାରେ।

# ପଥର ଖଣିରେ ବିସ୍ଫୋରଣ ଘଟଣା

# ୨ ଶ୍ରମିକଙ୍କ ମୃତଦେହ ଜବତ



ଢେଙ୍କାନାଳ/ଓଡ଼ାପଡ଼ା ୪।୧(ରତନ ନାୟାର/ରଞ୍ଜିତ ନାୟକ)

- ଖଣି ବ୍ୟବସାୟୀଙ୍କ ନାମରେ ଥାନାରେ ମାମଲା, ୨ ଅଟକ
- ଲିଜ୍ ଓ ବ୍ଲାଷ୍ଟିଂ ଅନୁମତି ନଥାଇ ଚାଲିଥିଲା ଖଣି
- ଘଟଣାସ୍ଥଳ ସିଲ୍‌କଲା ପ୍ରଶାସନ

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ତହସିଲ ମୋଟଙ୍ଗା ଥାନା ବଦାଳୋ ଓ ନିମିଧା ମଧ୍ୟରେ ଥିବା ଗୋପାଳପୁରସ୍ଥିତ କଳା ମୁରୁନି ପଥର ଖଣିରେ ଶନିବାର ସନ୍ଧ୍ୟାରେ ଭୟଙ୍କର ବିସ୍ଫୋରଣ ଘଟିଥିଲା । ରବିବାର ପ୍ରଶାସନ ଓ ପୋଲିସ ଉପସ୍ଥିତିରେ ଦୁଇଟି ଅଗ୍ନିଶମ ସଂସ୍ଥା ଦଳ ଓ ଗୋଟିଏ ଓଡ୍ରାଫ୍ ଦଳ ଏବଂ ଅନୁଗୋଳରୁ ସନ୍ଧାନୀ କୁକୁର ସହ ୪ଟି ଜେସିବି ମେଶିନ ଲଗାଇ ଉଦ୍ଧାର କାର୍ଯ୍ୟ କରାଯାଇଥିଲା । ଉଦ୍ଧାର ସମୟରେ ପଥର ମଧ୍ୟରୁ ଦୁଇଜଣ ଶ୍ରମିକଙ୍କର ମୃତ ଦେହ ବାହାର କରାଯାଇଥିଲା । ଦୁଇ ମୃତ ଶ୍ରମିକ ହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ଗ୍ରାମର ଅଭି ସିଂହ(୨୫) ଓ କେଉଁଝର ଜିଲ୍ଲା ନୟାକୋଟ ରଗଡିସାହି ଅଞ୍ଚଳର ବୁଦ୍ଧୁ ମୁଣ୍ଡା(୨୩) । ମୃତଦେହ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି । ସକାଳ ୬ଟାରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଘଟଣା ସ୍ଥଳରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର ମଧ୍ୟ ଉପସ୍ଥିତ ଥିଲେ । କାଳେ କେଉଁଠି ବିସ୍ଫୋରକ ସାମଗ୍ରୀ ରହିଥିବ, ସନ୍ଧାନୀ କୁକୁର ସାହାଯ୍ୟରେ ଏହାକୁ ଯାଞ୍ଚ କରାଯାଇଥିଲା । ରବିବାର ମଧ୍ୟାହ୍ନ ୧୨ଟା ୧୦ମିନିଟରେ ଓଡାପଡା ତହସିଲଦାରଙ୍କ ପକ୍ଷରୁ ମୋଟଙ୍ଗା ଥାନାରେ ଖଣି ମାଲିକ ମାନସ କୁମାର ରାଉତଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଛି । ଏହାର କେସ୍ ନଂ-୪।୨୬, ଦଫା-୧୦୫/୧୦୯(୧)/୩୦୩(୨)/୩୧୭(୨)/୧୨୫(ଏ)/୧୨୫(ବି)/୨୮୯/୧୧୧(୪) ବିଏନ୍‌ଏସ୍ ଦଫା-୪ ଓ ୫ ଇଏସ୍ ଆକ୍ଟ/୬୮ ଓଡିଶା ମାଇନର ମିନେରାଲ କନେକ୍ସନ ରୁଲ-୨୦୦୪/୧୨ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଖଣିକୁ ପ୍ରଶାସନ ପକ୍ଷରୁ ସିଲ କରାଯାଇଛି । ମୋଟଙ୍ଗା ଥାନାରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ।

ସମ୍ପୃକ୍ତ ଖଣିରେ ଗତ ସେପ୍ଟେମ୍ବରରେ ବ୍ଲାଷ୍ଟିଂ ଅବଧି ପୂରଣ ହୋଇସାରିଥିବା ବେଳେ ଡିସେମ୍ବର ମାସରେ ଏହାର ଲିଜ୍ ଅବଧି ମଧ୍ୟ ପୂରଣ ହୋଇସାରିଥିଲା । ଫଳରେ ବେଆଇନ ଖଣିରେ କିଭଳି ଭୟଙ୍କର ବିସ୍ଫୋରଣ ଚାଲିଥିଲା ଏବଂ ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ରାଜସ୍ୱ ନିରୀକ୍ଷକ, ତହସିଲଦାର ଓ ପୋଲିସ ଅଧିକାରୀ ମାନେ ଜାଣିପାରୁନଥିଲେ, ତାହା ତଦନ୍ତ ସାପେକ୍ଷ । ଏପରିକି ତହସିଲ ଓ ପୋଲିସ ଅଧିକାରୀମାନେ ସବୁ ଜାଣି ମଧ୍ୟ ଅଜଣା ରହୁଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହୋଇଥିଲା । ଖଣି ବ୍ୟବସାୟୀମାନେ ସ୍ଥାନୀୟ ତହସିଲ କର୍ତ୍ତୃପକ୍ଷ ଓ ପୋଲିସକୁ ମୋଟା ଅଙ୍କର ଅର୍ଥ ଦେଇ ସେମାନଙ୍କଠାରୁ ଅନୁକମ୍ପା ଲାଭ ପାଇବା ସହ କୌଣସି ଅନୁମତିପତ୍ର ନଥାଇ ବେଆଇନ ଭାବେ ଖଣିକୁ ଚଲାଉଥିଲେ ବୋଲି ଅଞ୍ଚଳବାସୀ ଅଭିଯୋଗ କରି କହିଛନ୍ତି । ଶନିବାର ରାତିରେ ଭୟଙ୍କର ବିସ୍ଫୋରଣରେ ବଡବଡ ପଥରସବୁ ଶ୍ରମିକମାନଙ୍କ ଉପରେ ପଡିଯିବାରୁ ସେମାନଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଅନ୍ୟପଟରେ ଦୁଇଟି ମୃତଦେହ ଜବତ ହୋଇଥିଲେ ମଧ୍ୟ ଆଉ ୩ଜଣ ଶ୍ରମିକଙ୍କୁ ମୃତାହତ ଅବସ୍ଥାରେ ବିଳମ୍ବିତ ରାତିରେ ପୋଲିସ ଓ ପ୍ରଶାସନକୁ ଚକମା ଦେଖାଇ ଖଣି ବ୍ୟବସାୟୀଙ୍କ କର୍ମଚାରୀମାନେ ଅନ୍ୟ କେଉଁଆଡେ ସ୍ଥାନାନ୍ତର କରିଦେଇଥିବା ମଧ୍ୟ ଆଲୋଚନା ହେଉଛି, ଯାହାକି ତଦନ୍ତ ସାପେକ୍ଷ । ଏ ସଂକ୍ରାନ୍ତରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ କହିଛନ୍ତି, ଏହି ଘଟଣାରେ ଦୁଇଜଣ ମୃତ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଆମେ ଖଣିକୁ ବନ୍ଦ କରିଥିଲୁ । ଡିସେମ୍ବର ମାସରେ ଏହାର ଲିଜ୍ ସରିଥିଲା । ତଥାପି ସେମାନେ ବ୍ଲାଷ୍ଟିଂ କରୁଥିଲେ ବୋଲି ଜଣାପଡିଛି । ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବେଆଇନ ଭାବରେ ବିସ୍ଫୋରକ ସାମଗ୍ରୀ କେଉଁଠୁ ଆସୁଛି, ସେ ସମ୍ପର୍କରେ ଅନୁସନ୍ଧାନ କରାଯିବ । ଜିଲାରେ ଚଢାଉ ଜୋରଦାର କରାଯିବ । ଅନ୍ୟପଟରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଘଟଣା ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିବା ସହିତ ଏ ସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯିବା ପାଇଁ ଜିଲାପାଳ, ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି ବୋଲି ସୂଚନା ଦେଇଥିଲେ ।

## ଖଣି ବ୍ୟବସାୟୀଙ୍କ ପେଟ୍ରୋଲ ପମ୍ପରେ ଚଢ଼ାଉ

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଗୋପାଳପୁର ପଥର ଖଣି ବିସ୍ଫୋରଣରେ ଦୁଇଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ ରବିବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଖଣି ବ୍ୟବସାୟୀଙ୍କର ଗୁଡିଆକାଟେଣୀସ୍ଥିତ ଏକ ପେଟ୍ରୋଲ ପମ୍ପରେ ଚଢାଉ କରାଯାଇଥିଲା । ଓଡାପଡା ତହସିଲଦାରଙ୍କ ସମେତ ପୋଲିସ ଅଧିକାରୀ ମାନେ ଏହି ଚଢାଉ କରିଥିଲେ । ଏ ସଂକ୍ରାନ୍ତରେ ଓଡାପଡା ତହସିଲଦାର ମନୋଜ ମାଝୀ କହିଛନ୍ତି, ଯେ, ଘଟଣାପରେ ଖଣି ବ୍ୟବସାୟୀ ମାନସ ରଞ୍ଜନ ରାଉତଙ୍କର ପେଟ୍ରୋଲ ପମ୍ପରେ ଯାଞ୍ଚ କରାଯାଇଥିଲା । ତେବେ କାଗଜପତ୍ର ଓ ତେଲର ଗୁଣବତା ଠିକ୍ ଥିବା ଓଡାପଡା ତହସିଲଦାର କହିଥିଲେ ।



## ନିଜ ଜିଲାର ଅଧିକାରୀଙ୍କ ଯୋଗୁ ଅସାଧୁ ମେଣ୍ଟ ବଢୁଥିବା ଚର୍ଚ୍ଚା

ଢେଙ୍କାନାଳ,୪।୧(ରତନ ନାୟାର)

ଢେଙ୍କାନାଳ ଜିଲାର ବିଭିନ୍ନ ଅଞ୍ଚଳରେ ପୈତୃକ ଗୃହଥିବା ଓଡ଼ିଶା ପ୍ରଶାସନିକ ସେବା ଏବଂ ଓଡ଼ିଶା ରାଜସ୍ୱ ସେବାର କେତେକ ଅଧିକାରୀ ବିଭିନ୍ନ ତହସିଲରେ ତହସିଲଦାର ଓ ଅତିରିକ୍ତ ତହସିଲଦାର ପଦବୀରେ ରହିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଅଧିକାରୀ ନିଜ ଜିଲାରେ କୌଣସି ପଦବୀରେ ରହିପାରିବେନି ବୋଲି ନିର୍ଦ୍ଦେଶ ଥିବା ବେଳେ ଏହି ଅଧିକାରୀ ମାନେ କିଭଳି ଭାବରେ ନିଜ ଜିଲାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ରହିଛନ୍ତି ତାହା ତଦନ୍ତ ସାପେକ୍ଷ । ଫଳରେ ନିଜ ଜିଲାରେ ତହସିଲଦାର ଓ ଅତିରିକ୍ତ ତହସିଲଦାରମାନେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବାରୁ ଜିଲାର ଖଣି ବ୍ୟବସାୟୀଙ୍କ ସହ ସେମାନଙ୍କର ଅସାଧୁ ମେଣ୍ଟ ଦିନକୁ ଦିନ ବଢିବାରେ ଲାଗିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏ ସମ୍ପର୍କରେ ଜିଲା ପ୍ରଶାସନ ଓ ରାଜସ୍ୱ ବିଭାଗ ଦୃଷ୍ଟି ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ରେଡ୍‌କ୍ରସ୍ ସୋସାଇଟି ଉପାଧ୍ୟକ୍ଷ ହେଲେ ରାଜକିଶୋର

ଢେଙ୍କାନାଳ,୪।୧(ରତନ ନାୟାର)



ରୋଟାରିଆନ ରାଜକିଶୋର ବେହେରା (ଫାଇଲ ଫଟୋ)

ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଢେଙ୍କାନାଳ ଜିଲ୍ଲା ଶାଖାର ବାର୍ଷିକ ସାଧାରଣ ପରିଷଦ ଓ କାର୍ଯ୍ୟକାରିଣୀ ବୈଠକରେ ରୋଟାରିଆନ୍ ରାଜ କିଶୋର ବେହେରା ଉପାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ରୋଟାରିଆନ୍ ରାଜ କିଶୋର ବେହେରା, ପୂର୍ବରୁ ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ଆଜୀବନ ସଦସ୍ୟ ଏବଂ ପାର୍ଟନ୍ ଭାବେ କାର୍ଯ୍ୟ କରିଆସୁଛନ୍ତି । ଢେଙ୍କାନାଳ ଜିଲ୍ଲା ରକ୍ତଦାତା ଓ ଅନୁପ୍ରେରକ ସଂଘର ସଦସ୍ୟ ଥାଇ ଶତାଧିକ ଥର ରକ୍ତଦାନ କରି ରାଜ୍ୟ ସ୍ତରରେ ସମ୍ମାନିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନକୁ ଉତ୍ସାହିତ କରିବା, ଦିବ୍ୟାଙ୍ଗ ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ସହିତ କ୍ରୀଡ଼ା, ସଂଗୀତ ଓ କଳା କ୍ଷେତ୍ରରେ ସେମାନଙ୍କୁ ପ୍ରୋତ୍ସାହିତ କରିବା, ଶିଶୁଗୃହ ଅନ୍ତେବାସୀମାନଙ୍କୁ ଉଚ୍ଚତର ଶିକ୍ଷା ସହ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରି ସ୍ୱରୋଜଗାରକ୍ଷମ କରିବା, ଆର୍ଥିକ ଅନଗ୍ରସର ମହିଳା, ବୃଦ୍ଧ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରିବା, ଦୁରାରୋଗ୍ୟରେ ପିଡ଼ିତମାନଙ୍କୁ ଆର୍ଥିକ ସହାୟତା ଦେବା ଓ ଅଙ୍ଗଦାନ-ଶରୀରଦାନ ସଂପର୍କରେ ଅଧିକରୁ ଅଧିକ ଜନ ସଚେତନତା ସୃଷ୍ଟି କରିବାକୁ ସେ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏଥିନିମନ୍ତେ ରାଜ୍ୟ ଓ ଜିଲ୍ଲା ରେଡ଼କ୍ରସ୍‌ର ବିଭିନ୍ନ ପଦାଧିକାରୀ, ସ୍ୱେଚ୍ଛାସେବୀ, ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର କର୍ମକର୍ତ୍ତା, ରୋଟାରୀ କ୍ଲବର କର୍ମକର୍ତ୍ତା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ଧର୍ମ ପରିବର୍ତ୍ତନ କରାଉଥିବା ବେଳେ ଥାନାରେ ଯୁବକ ଅଟକ



ପରଜଙ୍ଗ, ୪।୧ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗ୍ରାମ ପଞ୍ଚାୟତର ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ନିକଟରେ ଥିବା ଏକ ଦଳିତ ବସ୍ତି ମଧ୍ୟରେ ଜଣେ ବ୍ୟକ୍ତିଙ୍କ ଘରେ ରବିବାର ସକାଳେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବୋରୋସାହି ପଞ୍ଚାୟତ ଖମାର ଗ୍ରାମର ଖ୍ରୀଷ୍ଟଧର୍ମ ଦଳିତ ପରିବାରର ବିପିନ ବିହାରୀ ନାଏକ ଏବଂ ତାଙ୍କ ସ୍ତ୍ରୀ ବନ୍ଦନା ନାଏକ ହିନ୍ଦୁଧର୍ମର ଲୋକମାନଙ୍କୁ ଏକାଠି କରି ଧର୍ମ ପରିବର୍ତ୍ତନ କରିବା ପାଇଁ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରବର୍ତ୍ତାଉଥିଲେ । ଏହା ଜାଣିପାରି ପରଜଙ୍ଗ ଗ୍ରାମର କିଛି ଯୁବକ ସେଠାରେ ପହଞ୍ଚି ବିରୋଧ କରିଥିଲେ । ପରେ ସେଠାରେ ଶତାଧିକ ଗ୍ରାମବାସୀ ପହଞ୍ଚିଯିବା ପରେ ସେମାନେ ଛତ୍ରଭଙ୍ଗ ଦେଇଥିଲେ । କିନ୍ତୁ ବିପିନଙ୍କୁ ଲୋକେ କାବୁକରି ଗ୍ରାମ ଚଉପାଢ଼ିକୁ ନେଇଥିଲେ । ଖବର ପାଇ ଏସ୍‌ଆଇ ଦେବଗ୍ରାହୀ ମହାନ୍ତି ଓ ପୋଲିସ କର୍ମଚାରୀ ପହଞ୍ଚି ବିପିନଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି । ବିପିନ ସ୍ୱୀକାର କରିଛନ୍ତି କି, ଦୀର୍ଘ ୮ ବର୍ଷ ଧରି କନ୍ଦରସିଂହା ଗ୍ରାମରେ ପରିବାର ସହ ଘର ଭଡ଼ା ନେଇ ରହୁଛନ୍ତି ଏବଂ ପରଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ହିନ୍ଦୁମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଖ୍ରୀଷ୍ଟିୟାନ ଧର୍ମ ପରିବର୍ତ୍ତନ କରିବାରେ ସଫଳ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା କନ୍ଦରସିଂହା, କଟରାପଡ଼ା, କୁସୁପି, ରୋଡ଼, କୁନ୍ଦବେଢ଼ପୁର ଅଞ୍ଚଳରୁ ଶତାଧିକ ପରିବାର ଖ୍ରୀଷ୍ଟଧର୍ମ ପରିବର୍ତ୍ତନ କରିଥିବା ସୂଚନା ଦେଉଛନ୍ତି । ପରଜଙ୍ଗରେ ପ୍ରାର୍ଥନା ଚାଲିଥିବା ବେଳେ ଏହାକୁ ନେଇ ପରଜଙ୍ଗ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଉଛି ।

## ଉଫୁନାର କାର୍ଯ୍ୟକାରୀ କମିଟି ବୈଠକ



ଢେଙ୍କାନାଳ,୪।୧(ରତନ ନାୟାର)

ଢେଙ୍କାନାଳ ରଥଗଡ଼ାଠାରେ ଉଫୁନା ପକ୍ଷରୁ ଅନୁଷ୍ଠାନର କାର୍ଯ୍ୟାଳୟରେ ରବିବାର କାର୍ଯ୍ୟକାରିଣୀ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉଫୁନାର ରାଜ୍ୟ ସଭାପତି ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଉଫୁନା ପକ୍ଷରୁ ଆସନ୍ତା ମାର୍ଚ୍ଚ ୮ ତାରିଖ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଏକ ସମ୍ମଳନୀ ଓଡିଶାରେ ହେବ ବୋଲି ସ୍ଥିର କରାଯାଇଥିଲା । ବର୍ତ୍ତମାନ ଦେଶରେ ମହିଳା ମାନଙ୍କ ଉପରେ ଯେଉଁ ଅମାନୁଷିକ ଆକ୍ରମଣ ହେଉଛି, ଏହାର ତୀବ୍ର ନିନ୍ଦା କରାଯାଇଥିଲା । ବର୍ତ୍ତମାନ ସମଗ୍ର ବିଶ୍ୱରେ ଯେଉଁ ଯୁଦ୍ଧମାନ ସଂଗଠିତ ହେଉଛି, ଏହାଦ୍ୱାରା ବିଶ୍ୱ ଶାନ୍ତିରେ ବ୍ୟାଘାତ ଘଟୁଛି ଏବଂ ଟଙ୍କାର ଅବମୂଲ୍ୟାୟନ ହେଉଛି ତେଣୁ ସାମ୍ରାଜ୍ୟବାଦୀ ଦେଶମାନେ ସେମାନଙ୍କ ପ୍ରଭାବ ଦ୍ୱାରା ଯୁଦ୍ଧକୁ ବନ୍ଦ କରି ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରିବା ନିମନ୍ତେ ଆଲୋଚନା ହୋଇଥିଲା । ଉଫୁନାର ସାଧାରଣ ସମ୍ପାଦକ କବି ବାହାଦୁର ପାଟସାହାଣୀ, ଉପସଭାପତି ଭିକାରୀ ଚରଣ ରାଉତ, ଲିଙ୍ଗରାଜ ପାଢ଼ୀ, ଲଳିତ ମୋହନ ବେହେରା, ଉପେନ୍ଦ୍ର ରାଉତ, ବିପିନ ବେହେରା, ଅବିନାଶ ଦାସ, ସରୋଜ ଶତପଥୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଶ୍ୱରଞ୍ଜନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

## ଧର୍ମ ପରାୟଣ ମହିଳାଙ୍କ ପରଲୋକ

ଭୁବନ, ୪।୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲ୍ଲା ଭୁବନ ଏନଏସି ଲତାବିଲ ଓ୍ୱାର୍ଡ ନମ୍ବର ୧୨ ସ୍ୱର୍ଗତ ଗୌରାଙ୍ଗ ପୋଥାଳଙ୍କ ସ୍ତ୍ରୀ ପାଟ ପୋଥାଳ (୮୫)ଙ୍କର ରବିବାର ଅପରାହ୍ନରେ ଦେହାନ୍ତ ହୋଇଛି । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣ ମହିଳା ଥିଲେ । ନିଜ ବାସଭବନରେ ତାଙ୍କର ଦେହାନ୍ତ ହୋଇଛି । ବଡ଼ପୁଅ ରମେଶ ଚନ୍ଦ୍ର ପୋଥାଳ, ସୁରେନ୍ଦ୍ର କୁମାର ପୋଥାଳ, ସନ୍ତୋଷ କୁମାର ପୋଥାଳ ଓ ପ୍ରକାଶ ଚନ୍ଦ୍ର ପୋଥାଳଙ୍କ ସମେତ ସମସ୍ତ ବୋହୂ, ନାତୁଣୀ, ନାତି, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ସେ ଦୀର୍ଘ ଦିନ ଧରି ନିଜ ଅଞ୍ଚଳର ଭାଗବତ ଟୁଙ୍ଗି ଦାୟିତ୍ୱ ତୁଲାଇବା ସହିତ ଛତାମଠର ଦେବାରଖ କରି ବେଶ ଲୋକପ୍ରିୟତା ହାସଲ କରିଥିଲେ । ତାଙ୍କ ମରଶରୀରକୁ ସହର ପରିକ୍ରମା ପରେ ରଗଡ଼ି ଶ୍ମଶାନରେ ଶେଷକ୍ରିୟା କରାଯାଇଥିଲା ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା



ଢେଙ୍କାନାଳ,୪।୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ କାକୁଡ଼ିଭାଗ ଉଚ୍ଚ ପ୍ରା ବିଦ୍ୟାଳୟଠାରେ କାକୁଡିଭାଗ କ୍ଲଷ୍ଟର ତରଫରୁ ଶିମିଳିପାଶୀ ଉଚ୍ଚ ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଊର୍ମିଳା ଖୁଣ୍ଟିଆଙ୍କୁ ରବିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଧାନଶିକ୍ଷକ ରସାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସଦରର ବିଆରସିସି ଦେବବ୍ରତ ନାଥ, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ବିଷ୍ଣୁ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସାମଲ, ପ୍ରାକ୍ତନ ସିଆରସିସି ନୃସିଂହ ଚରଣ ପତି, କମିଟି ସଭାପତି ଶ୍ରୀନିବାସ ବେହେରା ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କର କର୍ମମୟ ଜୀବନ ଓ ଗୁଣାବଳି ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରାଜେଶ ମହାନ୍ତି, ଶରତ ବେହେରା, ନାରଦ ସାହୁ, ଚାରୁଲତା ସାହୁ ଓ ଆର୍ଯ୍ୟବାଳା ସାହୁ ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀଙ୍କ ସମ୍ପର୍କରେ ନିଜର ଅନୁଭୂତି ବଖାଣିବା ସହିତ ତାଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ । କ୍ଲଷ୍ଟର ତରଫରୁ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ ଓ ସ୍ୱର୍ଣ୍ଣପ୍ରଭା ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶିକ୍ଷକ ପ୍ରଦ୍ୟୁମ୍ନ ଦାଶ ମଞ୍ଚ ସଂଚାଳନ କରିଥିଲେ । ସିଆରସିସି ଅର୍ଜୁନ ନାୟକଙ୍କ ତତ୍ତ୍ୱାବଧାନରେ ଦିଲୀପ ସାହୁ, ସୌରଭ ରାୟ, ମିନତୀ ସାହୁ, ଆଶୀର୍ବାଦ ଧଳ ଓ ରୂପଶ୍ରୀ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କ୍ରିକେଟ୍‌ରେ ଆର୍ମଡ୍ ପୋଲିସ ଚାମ୍ପିୟନ



ଆୟୋଜିତ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିୟନ ଆର୍ମଡ ପୋଲିସ ଦଳ ।

ଢେଙ୍କାନାଳ,୪।୧(ରତନ ନାୟାର)

- ଦ୍ୱିତୀୟ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଢେଙ୍କାନାଳ ଜିଲ୍ଲା ପୋଲିସ ପକ୍ଷରୁ ବନବିଭାଗ ଓ ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆଠାରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାର କ୍ରିକେଟ ଫାଇନାଲରେ ଜିଲ୍ଲା ଆର୍ମଡ ପୋଲିସ ଦଳ, ଓଏସ୍‌ପି ପ୍ରଥମ ବାଟାଲିୟନକୁ ୩୨ରନରେ ପରାସ୍ତ କରି ଚାମ୍ପିଅନ ହୋଇଥିଲେ । ସେହିପରି ୪୦୦ମିଟର, ୧୦୦ମିଟର ମହିଳା ଓ ପୁରୁଷ ଦଳ ପ୍ରତିଯୋଗିତା, ଜାଭେଲିନ ଥ୍ରୋ, ଡିସ୍‌କସ ଥ୍ରୋ, ଉଚ୍ଚଡିଆଁ, ଲମ୍ବଡିଆଁ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କ ମଧ୍ୟ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଏସ୍‌ପି ଅଭିନବ ସୋନକର ଓ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ଓ ଦଳ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ମାନସିକତାରେ ନିଜକୁ ଫିଟ ରଖିବା ସହ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଏଭଳି କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା ବୋଲି ସୂଚନା ଦିଆଯାଇଥିଲା । ଏହି ଅବସରରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଡିଏସ୍‌ପି ସନ୍ଧ୍ୟାରାଣୀ ବେଉରିଆ ଓ ନଳିତା ମୋଦି ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ

ଭାଜପାର ଖବରଦାତା ସମ୍ମିଳନୀ



ଢେଙ୍କାନାଳ,୪।୧(ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଗୋପାପାଳ କଳା ମୁରୁନି ପଥର ଖଣିରେ ବେଆଇନ ବ୍ଲାଷ୍ଟିଂରେ ଦୁଇଜଣ ଶ୍ରମିକଙ୍କର ମୃତଦେହ ଉଦ୍ଧାର କରାଯାଇଛି । ଏହି ଘଟଣାକୁ ନେଇ ରବିବାର ଅପରାହ୍ନ ୪ଟାରେ ଢେଙ୍କାନାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ପାତ୍ର କହିଲେ ଯେ, କଳା ମୁରୁନି ପଥର ଖଣିରେ ବେଆଇନ ବ୍ଲାଷ୍ଟିଂ ହୋଇ ମୃତ୍ୟୁବରଣ କରିଥିବା ଦୁଇଜଣ ଶ୍ରମିକଙ୍କର ମୃତଦେହ ଜବତ କରାଯାଇଛି । କିନ୍ତୁ ଅଞ୍ଚଳବାସୀଙ୍କ ସୂଚନା ମୁତାବକ ୫/୬ଜଣଙ୍କର ମୃତ୍ୟୁ ହୋଇଛି । ସେମାନଙ୍କର ପତ୍ତା ମିଳୁନାହିଁ । ଏହି ଦୁର୍ଘଟଣା ପାଇଁ ଯେଉଁମାନେ ଦାୟୀ, ସେ ଖଣି ବ୍ୟବସାୟୀ ହୁଅନ୍ତୁ କିମ୍ବା କୌଣସି ରାଜନୈତିକ ଦଳର ବ୍ୟକ୍ତି, ଏପରିକି ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ହୋଇଥାନ୍ତୁ ପଛେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । କୌଣସି ଲୋକଙ୍କୁ କ୍ଷମା ଦିଆନଯାଉ । ଅଭିଯୁକ୍ତ ଖଣି ବ୍ୟବସାୟୀଙ୍କ ଠାରୁ ମୃତ ଶ୍ରମିକଙ୍କ ପରିବାରଙ୍କ ନିମନ୍ତେ କ୍ଷତିପୂରଣ ଆଦାୟ କରାଯାଉ । ପ୍ରତି ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ଲେଖାଏଁ ଦିଆଯାଉ । ଜିଲ୍ଲାରେ ୪୦୦ରୁ ଊର୍ଦ୍ଧ୍ୱ ଖଣି ଓ କ୍ରସର ବେଆଇନ ଭାବେ ଚାଲିଛି, ଏସବୁର କ୍ରାଇମବ୍ରାଞ୍ଚ, ଷ୍ଟେସାଲ ବ୍ରାଞ୍ଚ ଓ ଇଡି ଦ୍ୱାରା ଚଢାଉ କରାଯାଇ ତଦନ୍ତ କରାଯାଉ । ପ୍ରତିଦିନ ଖଣି ଖାଦାନ ଲୁଟ୍ ହେଉଛି । କହିବାକୁ ଗଲେ ଏହାଏକ ହତ୍ୟାକାଣ୍ଡ । ଖଣି ବ୍ୟବସାୟୀ ମାନେ ଅସାଧୁ ମେଣ୍ଟ କରି ବହୁ କୋଟି ଟଙ୍କା ରୋଜଗାର କରିବା ସହିତ ବିଭିନ୍ନ ସାମାଜିକ ସଂସ୍କାର ନେତୃତ୍ୱ ନେଇ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରୁଛନ୍ତି । ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଠାରୁ ଆମେ ଦାବି କରୁଛୁ ଯେ, ଘଟଣାରେ ଅବହେଳା ପ୍ରଦର୍ଶନ କରୁଥିବା ଖଣି ଓ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହା ନହେଲେ ୭ଦିନ ମଧ୍ୟରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିବୁ । ଖଣି ବ୍ୟବସାୟୀ ମାନେ ବେଆଇନ ବିସ୍ଫୋରକ ଦ୍ରବ୍ୟ ଆଣୁଥିବାରୁ ସେମାନଙ୍କର ମାଓବାଦୀ ମାନଙ୍କ ସହିତ ସମ୍ପର୍କରେ ରହିଛି, ଏ ସମ୍ପର୍କରେ ମଧ୍ୟ ତଦନ୍ତ ହେବା ଜରୁରୀ ବୋଲି ସେ କହିଥିଲେ । ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ନବୀନନ୍ଦ ନାରାୟଣ ଦାସ, ମିଳିତଭାଗର ପୁରା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ, ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ବିଷ୍ଣୁ ସାମଲ, ଆଇନଜୀବୀ ବିମ୍ବେଶ୍ୱର ଦୋରା, ନିରୋଜ କୁମାର ସାହୁ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ–ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। –ଶ୍ରୀଅରବିନ୍ଦ

-ପୁଷ୍ପାଭିଷେକ ଓ ରାଜାଭିଷେକ



# ତୈଳସର୍ବସ୍ୱ

ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲା ଉପରେ ଉତ୍ତର ଆମେରିକୀୟ ରାଷ୍ଟ୍ର ଆମେରିକାର ଆକ୍ରମଣ ୩ ଜାନୁଆରୀ ୨୦୨୬ରେ ବିଶ୍ୱବ୍ୟାପୀ କେବଳ ଏକ ଖବର ହୋଇ ରହିଥାଆନ୍ତା। କିନ୍ତୁ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ଆମେରିକୀୟ ସେନା ଉଠାଇନେବା ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆରେ ମାଦୁରୋଙ୍କ ବନ୍ଦୀ ଫଟୋ ପୋଷ୍ଟ କରିବା ଅକଳ୍ପନୀୟ ବଡ଼ ଖବର ପାଲଟିଯାଇଛି। ମାଦୁରୋ ମନମୁଖି ଶାସନ ଚଳାଇବା ଓ ଡ୍ରଗ୍ସ ଚାଲାଣକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ କରି ଆମେରିକା ବାରମ୍ବାର ଭେନେଜୁଏଲା ଶାସକଙ୍କୁ ଚେତାବନୀ ଦେଇ ଆସୁଥିଲା। ହେଲେ ଆମେରିକା ତା'ର ଅସରନ୍ତି ଶକ୍ତି ଚାହିଦାକୁ ମେଣ୍ଟାଇବା ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ଜିତିଥିବା ମାଦୁରୋଙ୍କୁ ଆମେରିକା ସୈନ୍ୟ ଜୋର୍ ଜବରଦସ୍ତ ବନ୍ଦୀ କରି ନ୍ୟୁୟର୍କ ନେଇଗଲେ। ପ୍ରଥମେ ୩୬ ବର୍ଷ ପୂର୍ବେ ଆମେରିକୀୟ ସେନା ଏହିଭଳି ଢଙ୍ଗରେ ପାନାମାର ତତ୍କାଳୀନ ରାଷ୍ଟ୍ରପତି ଜେନେରାଲ ମାନୁଏଲ ନୋରିଏଗାଙ୍କୁ ନିଜ ପ୍ରାସାଦରୁ ଟେକି ନେଇଥିଲା। ନୋରିଏଗାଙ୍କୁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଏଚ୍‌ଡବ୍ଲ୍ୟୁ ବୁଶ୍ ବନ୍ଦୀ କରିବାର ନିର୍ଦ୍ଦେଶ ଜାରି କରିଥିଲେ। ସେହି ଘଟଣା ଏବେକାର ଭେନେଜୁଏଲା ଭଳି ଡିସେମ୍ବର ୧୯୮୯ ଶେଷ ଓ ଜାନୁଆରୀ ୧୯୯୦ ଆରମ୍ଭରେ ଘଟିଥିଲା। ପାନାମା ହେଉଛି ମଧ୍ୟ–ଆମେରିକୀୟ ଦେଶ। ଅନ୍ୟପଟେ ଭେନେଜୁଏଲା ହେଉଛି ଦକ୍ଷିଣ ଆମେରିକୀୟ ରାଷ୍ଟ୍ର। ଯୁକ୍ତରାଷ୍ଟ୍ର ଆମେରିକା ପୂର୍ବରୁ କେବେହେଲେ କୌଣସି ଦକ୍ଷିଣ ଆମେରିକୀୟ ଦେଶର ଶାସନ ପରିବର୍ତ୍ତନ ପାଇଁ ସିଧାସଳଖ ସେନା ବ୍ୟବହାର କରି ନ ଥିଲା। ଆଜିର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜର ଭାବମୂର୍ତ୍ତିକୁ ଯୁଦ୍ଧ ବିରୋଧୀ ଭାବେ ଦେଖାଇ ଆସିଛନ୍ତି। ଟ୍ରମ୍ପ୍ ବାରମ୍ବାର ଦାବି କରିଚାଲିଛନ୍ତି ଯେ, ପୃଥିବୀର ବିଭିନ୍ନ ଯୁଦ୍ଧକୁ ରୋକିବାରେ ତାଙ୍କର ସକ୍ରିୟ ଭୂମିକା ରହିଛି। କିନ୍ତୁ ଭେନେଜୁଏଲାରେ ଯେଉଁଭଳି ଭାବେ ଆମେରିକା ହସ୍ତକ୍ଷେପ କରି ଶାସନ ବଦଳାଇଦେଲା ତାହା ସେଠାକାର ଜନସାଧାରଣଙ୍କ ପାଇଁ ମାରାତ୍ମକ ହେବ ବୋଲି ଏବେଠାରୁ କହିହେଉଛି। ଏହାର କାରଣ ବୁଝିବାକୁ ଚାହିଁଲେ ଅଳ୍ପ କେତୋଟି ଦଶନ୍ଧିର ଇତିହାସର ପୃଷ୍ଠା ଲେଉଟାଇବାକୁ ପଡ଼ିବ। ଇରାକରେ ସଦ୍ଦାମ ହୁସେନ, ଲିବ୍ୟାରେ ମୁଆମାର ଗଦ୍ଦାଫିଙ୍କଠାରୁ ଆରମ୍ଭ କରି ବିଶ୍ୱର ବିଭିନ୍ନ ସ୍ଥାନରେ ଆମେରିକାର ହସ୍ତକ୍ଷେପ ସବୁବେଳେ ସମ୍ପୃକ୍ତ ଦେଶର ଅର୍ଥନୀତି, ପରିଚାଳନା ବ୍ୟବସ୍ଥା ଏବଂ ସଭ୍ୟ ସମାଜର ସ୍ଥିତିକୁ ବରବାଦ କରିଦେଇଛି।

କୁହାଯାଉଛି ଯେ ଆମେରିକାର ଏହି ମାଦୁରୋ ବିରୋଧୀ କାର୍ଯ୍ୟାନୁଷ୍ଠାନ ପଛରେ 'ପେଟ୍ରୋ ଡଲାର' ରହିଛି। ଭେନେଜୁଏଲାର ଅର୍ଥନୀତି ତୈଳସର୍ବସ୍ୱ। ଆମେରିକା ଶକ୍ତି ସୂଚନା ପ୍ରଶାସନ ତଥ୍ୟ ଅନୁଯାୟୀ ଭେନେଜୁଏଲା ନିକଟରେ ୩୦୩ ବିଲିୟନ ବ୍ୟାରେଲ ଅଶୋଧିତ ତୈଳ ଅଛି, ଯାହା ବିଶ୍ୱ ତୈଳ ଭଣ୍ଡାରଣର ପ୍ରାୟ ୧୭ ପ୍ରତିଶତ। ଭେନେଜୁଏଲାରେ ବହୁ ପରିମାଣରେ ତୈଳକୁ ଅନିଶା କରି ଆମେରିକା ମାଦୁରୋ ବିରୋଧୀ ପଦକ୍ଷେପ ନେଇଛି। ଅନ୍ୟପକ୍ଷରେ ଆମେରିକାର ହାତମୁଠାରୁ ସ୍ୱାଧୀନ ହେବା ପାଇଁ ମାଦୁରୋ ତାଙ୍କ ଦେଶର ପେଟ୍ରୋଲିୟମକୁ ଆମେରିକୀୟ ଡଲାର ବ୍ୟତୀତ ଅନ୍ୟ ମୁଦ୍ରା ବ୍ୟବହାର କରି ବ୍ୟବସାୟ କରିବାକୁ ଚେଷ୍ଟା କରୁଥିଲେ। ଅନୁରୂପ ଆକାରରେ ମୁଆମାର ଗଦ୍ଦାଫି ମଧ୍ୟ ଏହି ଉଦ୍ୟମକୁ ଆରମ୍ଭ କରିଦେଇଥିଲେ, ଯେଉଁଥିପାଇଁ ତାଙ୍କୁ ଗାଦିଚ୍ୟୁତ କରି ହତ୍ୟା କରିବାରେ ବ୍ରିଟେନ ଓ ଫ୍ରାନ୍ସକୁ ବ୍ୟବହାର କରି ଆମେରିକା ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲା।

ଆମେରିକାରୁ ଭେନେଜୁଏଲାର ଦୂରତ୍ୱ ୪,୫୦୧ କିଲୋମିଟର ଓ ଆକାଶ ପଥରେ ଏହା ୨, ୭୯୭ ମାଇଲ । ଗୋଟେ ମହାଦେଶରୁ ଅନ୍ୟ ମହାଦେଶର ଏକ ରାଷ୍ଟ୍ର ଉପରେ ଦୃଷ୍ଟି ପକାଇ ତା'ର ତୈଳ ଭଣ୍ଡାରକୁ ଅକ୍ତିଆର କରିବାର ଚିନ୍ତା ଟ୍ରମ୍ପ୍‌ଙ୍କ ସାମ୍ରାଜ୍ୟବାଦୀ ଚିନ୍ତାଧାରାକୁ ସୂଚାଉଛି। ସମସ୍ତେ ଜାଣନ୍ତି ହ୍ୟୁଗୋ ଚାଭେଜଙ୍କ ପରେ ନିକୋଲାସ ମାଦୁରୋ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ହୋଇ ୫ ମାର୍ଚ୍ଚ ୨୦୧୩ରୁ ୩ ଜାନୁଆରୀ ୨୦୨୬ ଯାଏ ଭେନେଜୁଏଲାକୁ ଶାସନକୁ କରିଆସୁଥିଲେ। ତେବେ ସେଠାକାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋ ଦୀର୍ଘବର୍ଷ ଧରି ମାଦୁରୋ ସରକାରଙ୍କୁ ବିରୋଧ କରିଆସୁଛନ୍ତି। ଦେଶରେ ସୁଦୃଢ଼ ଗଣତାନ୍ତ୍ରିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ସେ ନେଉଥିବା ପଦକ୍ଷେପକୁ ସମ୍ମାନ ଜଣାଇ ତାଙ୍କୁ ୨୦୨୫ ସକାଶେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି। ଏଠାରେ ଆଉ ଏକ ବିଷୟକୁ ଅନିଶା କରାଯିବାର ଚିନ୍ତା ଜନ୍ମୁଛି। ମାଚାଡୋ ଯେବେ ଶାନ୍ତି ପୁରସ୍କାର ପାଇବେ ବୋଲି ଘୋଷଣା ହେଲା, ସେହି ଦିନ ସେ ଉକ୍ତ ସମ୍ମାନକୁ ଭେନେଜୁଏଲାବାସୀ ଓ ଟ୍ରମ୍ପ୍‌ଙ୍କୁ ଉତ୍ସର୍ଗ କରିଥିଲେ। ଏଠାରେ କୁହାଯାଇପାରେ ଯେ, ବିଭିନ୍ନ ଶତ୍ରୁ ଦେଶ ମଧ୍ୟରେ ଶାନ୍ତି ସ୍ଥାପନ କରିବାରେ ତାଙ୍କ ଅବଦାନ ରହିଛି ବୋଲି କହି ଟ୍ରମ୍ପ୍ ବାରମ୍ବାର ୨୦୨୫ ନୋବେଲ ଶାନ୍ତି ପୁରସ୍କାର ଲାଗି ଦାବିଦାର ଥିଲେ। ଯେତେବେଳେ ଟ୍ରମ୍ପ୍‌ଙ୍କୁ ସେହି ସମ୍ମାନ ମିଳିଲା ନାହିଁ ଓ ପରୋକ୍ଷରେ ମାଚାଡୋ ତାଙ୍କୁ ଉକ୍ତ ସମ୍ମାନ ଉତ୍ସର୍ଗ କଲେ, ଏଥିରୁ ଉଭୟ ନେତାଙ୍କ ମଧ୍ୟରେ ଭେନେଜୁଏଲା ଆଭ୍ୟନ୍ତରୀଣ ବିଷୟରେ ଭଲ ବୁଝାମଣା ରହିଛି ବୋଲି ଆଲୋଚନା ହେଉଛି। ଏତେ ସତ୍ତ୍ୱେ ଯାହା ନିରାଟ ସତ୍ୟକୁ ଉନ୍ମୋଚନ କରୁଛି ତାହା ହେଲା ଆମେରିକାର ତୈଳ ଭୋକ। ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଉଠାଇ ନେଇ ଆମେରିକୀୟ ସେନା ଯେଉଁ କାଣ୍ଡ କଲା ତାହା ବାସ୍ତବିକ ନିନ୍ଦନୀୟ। ଅନ୍ୟ ରାଷ୍ଟ୍ରର ସାର୍ବଭୌମତ୍ୱ ଉପରେ ସିଧାସଳଖ ଆକ୍ରମଣ ଓ ତା'ର ଶାସନ ମୁଖ୍ୟଙ୍କୁ ବନ୍ଦୀ କରାଯିବା ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରେ ନୂଆ ଦୃଷ୍ଟାନ୍ତ ସୃଷ୍ଟି କରିଛି।

ଗଣତନ୍ତ୍ର, ବାକ୍ ସ୍ୱାଧୀନତା, ମାନବ ଅଧିକାର ସୁରକ୍ଷା ଭଳି ଦିଗ ବିଷୟରେ ଆମେରିକା ସର୍ବଦା ଭାଷଣ ଦେଇ ଆସିଥାଏ। କିନ୍ତୁ ବାସ୍ତବ କ୍ଷେତ୍ରରେ ସେହି ଦେଶ ନିଜ ସ୍ୱାର୍ଥ ସାଧନ ପାଇଁ ବହୁ ସମୟରେ ମୂଲ୍ୟବୋଧର ଉଲ୍ଲଂଘନ କରିଚାଲିଛି। ମାଦୁରୋଙ୍କ ବିରୋଧରେ ଭେନେଜୁଏଲାରେ କେତେକ ବିକ୍ଷୋଭ ହୋଇଛି। ସେହିଭଳି ଦେଖିବାକୁ ଗଲେ ବୋଧହୁଏ ସବୁ ଦେଶରେ ଶାସକ ବିରୋଧୀ ଜନସାଧାରଣ ସରକାର ବିରୋଧରେ ପ୍ରତିବାଦ କରିଥାଆନ୍ତି। ଭାରତରେ ସେଭଳି ଅନେକ ଥର ହୋଇଛି ଓ ଏବେ ଇରାନରେ ମୁଲ୍ଲା ଶାସନ ବିରୋଧରେ ମଧ୍ୟ ଆନ୍ଦୋଳନ ହେଉଛି। କିନ୍ତୁ ନିଜକୁ କ୍ଷମତାଶାଳୀ ଭାବି ଅନ୍ୟ ଦେଶର ସମ୍ପଦ ଉପରେ ଲୋଭ ରଖି ଯେଉଁଭଳି ଭେନେଜୁଏଲା ଉପରେ ଆମେରିକା ଆକ୍ରମଣ କଲା, ତାହା ଅନ୍ୟ ବଡ଼ ଦେଶକୁ ଅବିଚାର କରିବା ଲାଗି ସୁଯୋଗ ଦେଇଦେଲା ବୋଲି କୁହାଯାଇପାରେ। ଏଭଳି ସ୍ଥଳେ ବିଶ୍ୱ ସମୁଦାୟ ଏହାର କୌଣସି ବଡ଼ ସମାଧାନ ଆଣିବ ବୋଲି ବିଶ୍ୱାସ ହେଉ ନାହିଁ। କାରଣ ଭୂରାଜନୈତିକ ସ୍ଥିତିକୁ ଦେଖିଲେ ସବଳ ରାଷ୍ଟ୍ରଗୁଡ଼ିକ ଦୁର୍ବଳଙ୍କ ଉପରେ ଆଧିପତ୍ୟ ବିସ୍ତାର କରିଚାଲିଛନ୍ତି। ଏଭଳି ସ୍ଥଳେ ନିଜ ଦେଶବାସୀଙ୍କ ଉପରେ ନିର୍ଭର କରେ ସେମାନେ ପରିବର୍ତ୍ତନ କିଭଳି ଚାହୁଁଛନ୍ତି। ଭେନେଜୁଏଲାବାସୀ ଏହି ଘଟଣାରୁ ଶିକ୍ଷା ଗ୍ରହଣ କରିବା ଦରକାର।

# ସୋମନାଥ ସ୍ୱାଭିମାନ ପର୍ବ ୧୦୦୦ ବର୍ଷ (୧୦୨୬-୨୦୨୬)ର ଏକ ଅତୁଟ ଆସ୍ଥା



ନରେନ୍ଦ୍ର ମୋଦୀ

ସୋମନାଥ... ଏହି ଶବ୍ଦଟିକୁ ଶୁଣିବା ମାତ୍ରେ ଆମମାନଙ୍କ ହୃଦୟ ଓ ମନରେ ଗର୍ବ ଏବଂ ଗୌରବର ଏକ ଭାବନା ଆପେ ଜାଗ୍ରତ ହୋଇଥାଏ। ଏହା ହେଉଛି ଭାରତର ଆତ୍ମାର ଶାଶ୍ୱତ ଆହ୍ୱାନ। ଏହି ଭବ୍ୟ ମନ୍ଦିର ଭାରତର ପଶ୍ଚିମ ତଟରେ ଗୁଜରାଟ ରାଜ୍ୟରେ ପ୍ରଭାସ ପତନ ନାମକ ସ୍ଥାନରେ ଅବସ୍ଥିତ। ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସ୍ତୋତ୍ରମ୍‌ରେ ସାରା ଭାରତରେ ଥିବା ୧୨ଗୋଟି ଜ୍ୟୋତିର୍ଲିଙ୍ଗଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ଏହି ସ୍ତୋତ୍ର ଏପରି ଭାବରେ ଆରମ୍ଭ: 'ସୌରାଷ୍ଟ୍ରେ ସୋମନାଥଂ ଚ...' ଯାହା ଦେଶର ପ୍ରଥମ ଜ୍ୟୋତିର୍ଲିଙ୍ଗ ଭାବରେ ସୋମନାଥଙ୍କୁ ଆମ ସଭ୍ୟତା ତଥା ଆଧ୍ୟାତ୍ମିକ ସଙ୍କେତ ଭାବରେ ଉପସ୍ଥାପନ କରେ।

ଏଥିରେ ଆହୁରି ମଧ୍ୟ କୁହାଯାଇଛି:
ସୋମଲିଙ୍ଗଂ ନରୋ ଦୃଷ୍ଟ୍ୱା ସର୍ବପାପୈ ପ୍ରମୁଚ୍ୟତେ।
ଲଭତେ ଫଳଂ ମନୋବାଞ୍ଛିତଂ ମୃତଃ ସ୍ୱର୍ଗଂ ସମାଶ୍ରୟେତ୍।।

ଏହାର ଅର୍ଥ ହେଉଛି: କେବଳ ସୋମନାଥ ଶିବଲିଙ୍ଗଙ୍କ ଦର୍ଶନ ମାତ୍ରେ ଜଣେ ବ୍ୟକ୍ତି ତା'ର ସକଳ ପାପରୁ ନିଶ୍ଚିତ ରୂପେ ମୁକ୍ତ ହୋଇଥାଏ ଏବଂ ଏଥି ସହିତ ତା'ର ମନର ସକଳ ସକାରାତ୍ମକ କାମନା ପୂର୍ଣ୍ଣ ହେବା ସହିତ ସେ ମୃତ୍ୟୁ ପରେ ସ୍ୱର୍ଗଲୋକ ପ୍ରାପ୍ତ ହୋଇଥାଏ।

କ୍ଷୋଭର କଥା, ଏହି ସୋମନାଥ, ଯାହାଙ୍କୁ କୋଟି କୋଟି ଶ୍ରଦ୍ଧାଳୁ ପ୍ରାଚୀନ କାଳରୁ ପୂଜାର୍ଚ୍ଚନା ଓ ଉପାସନା କରିଆସୁଥିଲେ, ତାହାକୁ ବିଦେଶାଗତ ଆକ୍ରମଣକାରୀମାନେ ଆକ୍ରମଣ କରିଥିଲେ, କାରଣ ସେମାନଙ୍କର ଉଦ୍ଦେଶ୍ୟ ଥିଲା ଏହାକୁ ଧ୍ୱଂସ କରିବା, କେବଳ ଏହି ମନ୍ଦିରର ଉପାସନାକୁ ବନ୍ଦ କରିବା ନୁହେଁ।

ସୋମନାଥ ମନ୍ଦିର ନିମନ୍ତେ ବର୍ଷ ୨୦୨୬ଟି ବିଶେଷ ମହତ୍ତ୍ୱ ବହନ କରେ। ଏହି ମହାନ୍ ପୀଠ ଉପରେ ପ୍ରଥମ ଆକ୍ରମଣ ଘଟିବାର ୧୦୦୦ ବର୍ଷ ପୂରଣ ହୋଇଛି। ୧୦୨୬ ଖ୍ରୀଷ୍ଟାବ୍ଦର ଜାନୁଆରୀ ମାସରେ ଗଜ୍‌ନୀର ମାହମୁଦ ସୋମନାଥ ମନ୍ଦିର ଉପରେ ଆକ୍ରମଣ କରିଥିଲେ ଏବଂ ଆସ୍ଥା ଓ ସଭ୍ୟତାର ଏହି ମହାନ୍ ସଙ୍କେତକୁ ଧ୍ୱଂସ କରିଦେବାକୁ ଚାହିଁଥିଲେ। ଏଥି ନିମନ୍ତେ ଯେତେ ରକ୍ତପାତ ଓ ବର୍ବର ଆକ୍ରମଣ କରାଯାଇପାରେ, ସେ ତାହା ଆପଣାଇଥିଲେ।

ତଥାପି, ଏହି ଘଟଣାର ୧ ହଜାର ବର୍ଷ ପରେ ସୁଦ୍ଧା, ସେହି ମନ୍ଦିର ପୂର୍ବ ଗୌରବର ସହିତ ସେଠାରେ ଦଣ୍ଡାୟମାନ, କାରଣ ସୋମନାଥ ମନ୍ଦିରର ଭବ୍ୟତାକୁ ବଜାୟ ରଖିବା ସକାଶେ ଅତୀତରେ ଅସଂଖ୍ୟ ପୁନର୍ଗଠନ ପ୍ରୟାସ କରାଯାଇଆସିଛି। ଏଭଳି ଏକ ପ୍ରୟାସର ମାଇଲଖୁଣ୍ଟ ୨୦୨୬ ମସିହାରେ ୭୫ ବର୍ଷ ପୂରଣ କରୁଛି। ସେହିଭଳି ପ୍ରୟାସ ୧୯୫୧ ମସିହା ମେ ୧୧ ତାରିଖ ଦିନ ଏକ ଉତ୍ସବରେ ସମ୍ପାଦନ କରାଯାଇଥିଲା ଏବଂ ତାହା ସମ୍ପାଦନ କରାଯାଇଥିଲା ଭାରତର ତତ୍କାଳୀନ ମହାମହିମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଉପସ୍ଥିତିରେ। ସେଦିନ ଏହି ପୁନଃବିନ୍ୟାସକୃତ ମନ୍ଦିରର ଦ୍ୱାରକୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଖୋଲାଯାଇଥିଲା।

ସୋମନାଥ ମନ୍ଦିର ଉପରେ ପ୍ରଥମ ଆକ୍ରମଣ ଘଟିଥିଲା ୧୦୨୬ ଖ୍ରୀଷ୍ଟାବ୍ଦରେ। ସେତେବେଳେ ଏହି ନଗରୀର ଲୋକମାନଙ୍କ ଉପରେ ନିଷ୍ଠୁର ଆକ୍ରମଣ କରାଯାଇଥିଲା। ସେତେବେଳେ ଏହି ମନ୍ଦିରକୁ ଯେଉଁଭଳି ବୀଭତ୍ସ ଭାବରେ ଧ୍ୱଂସ କରାଯାଇଥିଲା ତାହାର ବିସ୍ତୃତ ବର୍ଣ୍ଣନା ବିଭିନ୍ନ ଐତିହାସିକ ଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ ରହିଛି। ଆପଣମାନେ ତାହା ପଢ଼ିଲେ, ଛାତି ଥରିଉଠେ। ଏହାର ପ୍ରତ୍ୟେକ ଧାଡ଼ିରେ ଦୁଃଖ, କ୍ରୁରତା ଭରିରହିଛି ଏବଂ ଏହି ଦୁଃଖ ସମୟ ସହିତ କେବେ ପ୍ରଶମିତ ହୋଇଯାଇ ନାହିଁ।

ଆପଣମାନେ କଳ୍ପନା କରି ପାରିବେ ଯେ ଭାରତ ଉପରେ ଏହା କି ପ୍ରକାର ପ୍ରଭାବ ପକାଇଥିଲା ଏବଂ ଲୋକମାନଙ୍କ ଭାବନାକୁ କେତେ ଆଘାତ ଦେଇଥିଲା। କାହିଁକି ନା, ସୋମନାଥ ସେମାନଙ୍କ ପାଇଁ ଅଚିନ୍ତନୀୟ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରେ। ଏହି ତଟ ମଧ୍ୟ ସମାଜକୁ ପର୍ଯ୍ୟାପ୍ତ ଆର୍ଥିକ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଆସୁଥିଲା। ଏହି ସମୁଦ୍ର ଦେଇ ବଣିକମାନେ, ନାବିକମାନେ ଭାରତର ଭବ୍ୟ ଗାଥାକୁ ଦୂର ଦୂରାନ୍ତକୁ ବହନ କରି ନେଉଥିଲେ।

ତଥାପି, ମୁଁ ଗର୍ବର ସହିତ ଏବଂ ବିନା ଦ୍ୱିଧାରେ ଏକଥା କହିବାକୁ ଚାହେଁ ଯେ ସୋମନାଥଙ୍କ ଗାଥା, ଏହା ଉପରେ ବିଦେଶୀ ଲୁଣ୍ଠନକାରୀଙ୍କ ଆକ୍ରମଣର ୧ ହଜାର ବର୍ଷ ବିତି ସାରିଥିଲେ ସୁଦ୍ଧା, ସେହି ଧ୍ୱଂସ ଦ୍ୱାରା ସଂଜ୍ଞା ନିରୂପିତ ହୁଏନାହିଁ। ଭାରତ ମାତାଙ୍କ କୋଟି କୋଟି ସନ୍ତାନଙ୍କ ଅତୁଟ ସାହସ ଦ୍ୱାରା ହିଁ ଏହାର ସଂଜ୍ଞା ନିରୂପିତ।

ଏହି ମଧ୍ୟଯୁଗୀୟ ବର୍ବରତା ଯାହା ଆଜକୁ ହଜାର ବର୍ଷ ପୂର୍ବେ ୧୦୨୬ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇଥିଲା, ତାହା ସୋମନାଥ ମନ୍ଦିର ଉପରେ ଅନ୍ୟମାନଙ୍କୁ ବାରମ୍ବାର ଆକ୍ରମଣ କରିବାକୁ 'ପ୍ରେରଣା' ଯୋଗାଇଥିଲା। ଆମର ଜନସାଧାରଣ ଏବଂ ଏହାର ସଂସ୍କୃତିକୁ ଦାସତ୍ୱର ବେଡ଼ିରେ ବାନ୍ଧି ରଖିବା ନିମନ୍ତେ ଏହା ଥିଲା ପ୍ରଥମ ପ୍ରୟାସ। ପ୍ରତ୍ୟେକ ଥର ଏହି ମନ୍ଦିର ଉପରେ ହେଉଥିବା ଆକ୍ରମଣ ବେଳେ, ଆମମାନଙ୍କ ନିକଟରେ ଏହାକୁ ବିରୋଧ କରିବା ଏବଂ ସୁରକ୍ଷା ପ୍ରଦାନ କରିବା ସକାଶେ ମହାନ୍ ବୀର ଓ ବୀରାଙ୍ଗନାମାନେ ଉପଲବ୍ଧ ଥିଲେ ଏବଂ ପ୍ରତ୍ୟେକ ଥର, ପିଢ଼ି ପରେ ପିଢ଼ି, ଆମର ଏହି ମହାନ୍ ସଭ୍ୟତାର ଲୋକମାନେ, ନିଜକୁ ସେଭଳି ଆକ୍ରାନ୍ତାମାନଙ୍କ ବିରୋଧରେ ଠିଆ ହୋଇଥିଲେ ଏବଂ ଧ୍ୱଂସ ମନ୍ଦିରକୁ ପୁନର୍ବାର ଭବ୍ୟତାର ସହିତ ପୁନଃନିର୍ମାଣ ପୂର୍ବକ ଠିଆ କରାଇଥିଲେ। ଏହା ଆମମାନଙ୍କର ପରମ ସୌଭାଗ୍ୟ ଯେ ଅହଲ୍ୟାବାଈ ହୋଲକାରଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱ ଯେଉଁ ଭୂମିରେ ଜନ୍ମ ଗ୍ରହଣ କରିଥିଲେ ଆମେ ସେହି ଭୂମିରେ ଭୂମିଷ୍ଠ ହୋଇଛେ। ଅହଲ୍ୟାବାଈ ହୋଲକାର ସୋମନାଥ ମନ୍ଦିରର ପୁନଃନିର୍ମାଣ ନିମନ୍ତେ ଯେଉଁ ଆଦର୍ଶ ପ୍ରୟାସ କରିଥିଲେ ତାହା ପ୍ରଶଂସନୀୟ, ଯାହା ଫଳରେ ଶ୍ରଦ୍ଧାଳୁମାନେ ପୁନର୍ବାର ମନ୍ଦିରରେ ପୂଜାର୍ଚ୍ଚନା କରିପାରିଥିଲେ।

୧୮୯୦ ଦଶକରେ ସ୍ୱାମୀ ବିବେକାନନ୍ଦ ସୋମନାଥ ମନ୍ଦିର ପରିଦର୍ଶନ କରିଥିଲେ ଏବଂ ତାହା ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ସେ ତାଙ୍କର ସେହି ଅନୁଭବକୁ ୧୮୯୭ ମସିହାରେ ଚେନ୍ନାଇଠାରେ ଏକ ଭାଷଣରେ ପ୍ରଦାନ କରିଥିଲେ। ସେ କହିଥିଲେ, 'ଦକ୍ଷିଣ ଭାରତର କେତେକ ପ୍ରାଚୀନ ମନ୍ଦିର ଏବଂ ଗୁଜରାଟର ସୋମନାଥ ଭଳି ମନ୍ଦିର ଆମମାନଙ୍କୁ ଜ୍ଞାନର ବିପୁଳ ଶିକ୍ଷା ପ୍ରଦାନ କରେ। ସେହିସବୁ ମନ୍ଦିର ଆମମାନଙ୍କୁ ମାନବ ଜାତିର ପ୍ରାଚୀନ ଇତିହାସ ମଧ୍ୟକୁ ଗଭୀର ଭାବରେ ଅନ୍ତର୍ଦ୍ଦୃଷ୍ଟି ନିମନ୍ତେ ପ୍ରେରିତ କରେ, ଯାହା ଆମେ କୌଣସି ଗ୍ରନ୍ଥରୁ କେବେ ପାଇପାରିବା ନାହିଁ। ଲକ୍ଷ୍ୟ କରିବା କଥା ଯେ ସେହିସବୁ ମନ୍ଦିର କିପରି ଏଭଳି ଆକ୍ରାନ୍ତାମାନଙ୍କ ହଜାର ହଜାର ଆକ୍ରମଣର ସ୍ୱାକ୍ଷର ନିଜ ବକ୍ଷରେ ବହନ କରି ରଖିଛନ୍ତି ଏବଂ ଶହ ଶହ ପିଢ଼ି ଧରି ତାହା ଜାରି ରହିଛି। ସେମାନେ ନିରବଚ୍ଛିନ୍ନ ଭାବରେ ଏହାକୁ ଧ୍ୱଂସ କରିଚାଲିଥିଲେ ଏବଂ ସେହି ଧ୍ୱଂସ ସ୍ତୂପ ଭିତରୁ ତାହା ପୁଣି ଥରେ ମୁଣ୍ଡ ଟେକିଥାଏ, ପୁନଃଜାଗରିତ ହୋଇ ଆହୁରି ମଜଭୁତ ହୋଇଥାଏ! ଏହା ହେଉଛି ଜାତୀୟ ମାନସିକତା, ତାହା ହିଁ ହେଉଛି ରାଷ୍ଟ୍ରୀୟ ଜୀବନ ସ୍ରୋତ। ଏହାକୁ ଅନୁସରଣ କରନ୍ତୁ ଏବଂ ଏହା ଆମକୁ ମହିମାମଣ୍ଡିତ କରିବା ଆଡ଼କୁ ଆଗେଇନିଏ। ଏହାକୁ ତ୍ୟାଗ କରନ୍ତୁ ଏବଂ ଦେଖିବେ, ତୁମର ବିନାଶ ଘଟିବ। ମୃତ୍ୟୁ ହେଉଛି ଏହାର ଏକମାତ୍ର ପରିଣାମ। ବିନାଶ ଏହାର ଏକମାତ୍ର ପରିଣାମ– ଯେଉଁ ମୁହୂର୍ତ୍ତରେ ସେହି ଜୀବନ ସ୍ରୋତରୁ ତୁମେ ଦୂରେଇଯିବ।

ଦେଶ ସ୍ୱାଧୀନତା ଲାଭ କରିବା ପରେ ସୋମନାଥ ମନ୍ଦିରର ପୁନଃନିର୍ମାଣର ପବିତ୍ର କାର୍ଯ୍ୟ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ୧୯୪୭ ମସିହାରେ ସେ ଦୀପାବଳି ସମୟରେ ଯେତେବେଳେ ସେହି ମନ୍ଦିରକୁ ଏକତା ଦର୍ଶନ ପାଇଁ ଯାଇଥିଲେ ଏହାର ଧ୍ୱଂସାବଶେଷ ଦେଖି ସେ ଏତେ ମାତ୍ରାରେ ମ୍ରିୟମାଣ ହୋଇ ପଡ଼ିଥିଲେ ଯେ ସେ ସେହିଠାରେ ଘୋଷଣା କରିଥିଲେ, ଏହି ମନ୍ଦିରର ପୁନଃନିର୍ମାଣ କରାଯିବ। ପରିଶେଷରେ, ୧୯୫୧ ମସିହା ମେ ୧୧ ତାରିଖ ଦିନ, ସେହିଠାରେ ଭବ୍ୟ ସୋମନାଥ ମନ୍ଦିର ଉନ୍ମୋଚିତ, ନିର୍ମିତ ହୋଇ ଏହାର ଦ୍ୱାର ଶ୍ରଦ୍ଧାଳୁମାନଙ୍କ ପାଇଁ ଉନ୍ମୋଚିତ ହୋଇଥିଲା। ଡକ୍ଟର ରାଜେନ୍ଦ୍ର ପ୍ରସାଦ ସେହି ଅବସରରେ ସେଠାରେ ଉପସ୍ଥିତ ଥିଲେ। ମହାନ୍ ସର୍ଦ୍ଦାର ସାହେବ ସେହି ଐତିହାସିକ ଦିନର ଅବସରକୁ ଦେଖିବା ସକାଶେ ସେତେବେଳକୁ ଜୀବିତ ନ ଥିଲେ, କିନ୍ତୁ ତାଙ୍କ ସ୍ୱପ୍ନ ସାକାରିତ ହୋଇ ରାଷ୍ଟ୍ର ସମ୍ମୁଖରେ ସଗର୍ବେ ଦଣ୍ଡାୟମାନ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ, ଏଭଳି ଘଟଣାକ୍ରମରେ ବିଶେଷ ଖୁସି ନ ଥିଲେ। ସେ ଚାହୁଁ ନ ଥିଲେ ଯେ ମାନ୍ୟବର ରାଷ୍ଟ୍ରପତି ତଥା ଅନ୍ୟ ମନ୍ତ୍ରୀଗଣ ଏଭଳି ବିଶେଷ କାର୍ଯ୍ୟକ୍ରମ ସହିତ ଜଡ଼ିତ ହୁଅନ୍ତୁ। ସେ ମତ ପୋଷଣ କରିଥିଲେ ଯେ ଏହା ଭାରତ ସମ୍ପର୍କରେ ଏକ ଖରାପ ଧାରଣା ସୃଷ୍ଟି କରିବ। କିନ୍ତୁ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଦୃଢ଼ ଭାବରେ ନିଜ ସିଦ୍ଧାନ୍ତରେ ଅଟଳ ରହିଥିଲେ ଏବଂ ଯାହା ଘଟିଥିଲା, ତାହା ଆଜି ଇତିହାସ। କେ.ଏମ. ମୁନ୍‌ସୀଙ୍କ ପ୍ରୟାସ ବିନା ସୋମନାଥ ମନ୍ଦିର ସମ୍ପର୍କିତ କୌଣସି ପ୍ରସଙ୍ଗ କଦାପି ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଇ ପାରିବ ନାହିଁ। ସେ ସକ୍ରିୟତାର ସହିତ ସର୍ଦ୍ଦାର ପଟେଲଙ୍କୁ ସମର୍ଥନ ଜ୍ଞାପନ କରିଥିଲେ। ସୋମନାଥଙ୍କ ସମ୍ପର୍କିତ ତାଙ୍କର ରଚନାବଳୀ, ଏଥିରେ 'ସୋମନାଥ: ଶାଶ୍ୱତ ଧାମ' ପୁସ୍ତକ ସାମିଲ, ଅତୀବ ସୂଚନାଧର୍ମୀ ଏବଂ ଶିକ୍ଷଣୀୟ।

ମୁନ୍‌ସୀଜୀଙ୍କ ଏହି ପୁସ୍ତକର ନାମ ହିଁ ଆମମାନଙ୍କୁ ଏହା ସୂଚାଏ ଯେ ଆମେ ଏଭଳି ଏକ ସଭ୍ୟତା ଯାହା ଏକ ଶାଶ୍ୱତ ଚିନ୍ତାଧାରା ଏବଂ ବିଚାରବୋଧ ସଦାବେଳେ ଧାରଣ କରିଆସିଛୁ। ଆମେ ଏକଥା ଦୃଢ଼ତାର ସହ ବିଶ୍ୱାସ କରୁ ଯେ ଯାହା ଶାଶ୍ୱତ ତାହା କଦାପି କ୍ଷୟଶୀଳ ନୁହେଁ। ଏହା ଆମର ପ୍ରସିଦ୍ଧ ଗୀତା ଗ୍ରନ୍ଥରେ ମଧ୍ୟ ବର୍ଣ୍ଣିତ ରହିଛି: 'ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି...'। ଆମ ସଭ୍ୟତାର ଅଦମ୍ୟ ଭାବନା ସମ୍ପର୍କରେ ସୋମନାଥ ବ୍ୟତୀତ ଅନ୍ୟ କୌଣସି ଉତ୍ତମ ଉଦାହରଣ ଦିଆଯାଇ ପାରିବ ନାହିଁ, ଯାହା ବର୍ତ୍ତମାନ ସୁଦ୍ଧା ଗୌରବର ସହିତ, ସକଳ ପ୍ରକାର ପ୍ରତିକୂଳ ଶକ୍ତିଙ୍କ ପ୍ରଭାବ ଓ ସଂଘର୍ଷ ସତ୍ତ୍ୱେ ଦଣ୍ଡାୟମାନ ରହିଛି।

ସେହି ମାନସିକତା ହିଁ ଆମ ରାଷ୍ଟ୍ରର ପରିକଳ୍ପନାରେ ଜଳଜଳ ହୋଇ ଦୃଶ୍ୟମାନ। ଏହା ବୈଶ୍ୱିକ ବିକାଶର ଉଜ୍ଜ୍ୱଳତମ ବିନ୍ଦୁ ଭାବରେ ବିଦ୍ୟମାନ। ଏହା ଶତାବ୍ଦୀ ଶତାବ୍ଦୀ ଧରି ଆକ୍ରମଣ ଏବଂ ଉପନିବେଶବାଦୀ ଲୁଣ୍ଠନର ଶିକାର ହୋଇ ସୁଦ୍ଧା ନିଜକୁ ଅତୁଟ ରଖିପାରିଛି। ଏହା ଆମର ମୂଲ୍ୟବୋଧ ଧାରା ଏବଂ ଜନସାଧାରଣଙ୍କ ପ୍ରତିବଦ୍ଧତା, ଯାହା ଆଜି ଭାରତକୁ ବୈଶ୍ୱିକ ଧ୍ୟାନର କେନ୍ଦ୍ରବିନ୍ଦୁରେ ପରିଣତ କରିଛି। ବିଶ୍ୱ ଆଜି ଆଶା ଓ ସକାରାତ୍ମକ ଭାବନାର ସହିତ ଭାରତକୁ ଦେଖୁଛି। ସେମାନେ ଭାରତର ନବାଚାରଧର୍ମୀ ଯୁବଗୋଷ୍ଠୀଙ୍କ ଉପରେ ପୁଞ୍ଜି ନିବେଶ କରିବାକୁ ଆଗ୍ରହୀ। ଆମର କଳା, ସଂସ୍କୃତି, ସଙ୍ଗୀତ ଏବଂ ଅସୁମାରି ଉତ୍ସବ ଦିନକୁ ଦିନ ବୈଶ୍ୱିକ ହେବାରେ ଲାଗିଛି। ଯୋଗ ଓ ଆୟୁର୍ବେଦ ବିଶ୍ୱବ୍ୟାପୀ ପ୍ରଭାବ ବିସ୍ତାର କରିଚାଲିଛି ଏବଂ ନିରାମୟ ଜୀବନ ଧାରଣକୁ ଶକ୍ତି ଯୋଗାଉଛି। ସବୁଠାରୁ କେତେଗୋଟି ଜଟିଳ ବୈଶ୍ୱିକ ଚାଲେଞ୍ଜର ସମାଧାନ ଭାରତରୁ ହିଁ ଆସିପାରିଛି।

କାହିଁ କେଉଁ ଅସୁମାରି ଅତୀତଠାରୁ ସୋମନାଥ ବିଭିନ୍ନ ବର୍ଗର ଲୋକମାନଙ୍କୁ ଏକତ୍ରିତ କରିଛି। ଆଜକୁ ଶହ ଶହ ବର୍ଷ ପୂର୍ବେ, କଳିକାଳ ସର୍ବାଙ୍ଗ ହେମଚନ୍ଦ୍ରାଚାର୍ଯ୍ୟ ନାମକ ଜନୈକ ଜୈନ ମୁନି ସୋମନାଥ ମନ୍ଦିରକୁ ଆସିଥିଲେ। କୁହାଯାଏ ଯେ ସେଠାରେ ପ୍ରାର୍ଥନା କରିବା ପରେ, ସେ ଗାନ କରିଥିଲେ, 'ଭବବୀଜାଙ୍କୁରଜନନାରାଗାଦ୍ୟାଃ କ୍ଷୟମୁପଗତା ଯସ୍ୟ'। ଏହାର ଅର୍ଥ ହେଲା ସେହି ଶକ୍ତିଙ୍କୁ ନମସ୍କାର ଯାହାଙ୍କୁ ଦର୍ଶନ ମାତ୍ରେ ସକଳ ପ୍ରକାର ଜାଗତିକ ବୀଜର ବିନାଶ ଘଟେ, ଯାହାଙ୍କ କରୁଣାରୁ ସକଳ ପ୍ରକାର ସାଂସାରିକ ବନ୍ଧନ ଓ ଲୋଭ ମନରୁ ଉଭେଇଯାଏ।' ଆଜି ସୁଦ୍ଧା, ସୋମନାଥ ସେହି ସାମର୍ଥ୍ୟକୁ ବହନ କରିଛି ଏବଂ ଆମମାନଙ୍କ ମନ ଓ ଆତ୍ମା ଭିତରେ ଏକ ଦିବ୍ୟ ଓ ବିରାଟ ଜାଗରଣ ସୃଷ୍ଟି କରୁଛି।

୧୦୨୬ ଖ୍ରୀଷ୍ଟାବ୍ଦର ସେହି ପ୍ରଥମ ଆକ୍ରମଣର ଏକ ହଜାର ବର୍ଷ ପରେ, ସୋମନାଥର ସମୁଦ୍ର ତଥାପି ସେହିଭଳି ସ୍ୱରରେ ଉଦ୍‌ଘୋଷଣା କରୁଛି, ଯାହା ଅତୀତରେ କରିଆସୁଥିଲା। ଯେଉଁ ଢେଉ ଆସି ସୋମନାଥଙ୍କ ପାଦରେ ମଥା ପିଟୁଛି, ତାହା ସେହି ଗୋଟିଏ କାହାଣୀ ହିଁ ବଖାଣୁଛି। ଯାହା ହେଉ ନା କାହିଁକି, ସେହି ଢେଉ ଭଳି ତାହା ବାରମ୍ବାର ମଥା ପିଟି ଚାଲିଛି, ସଙ୍ଗୀତ ଗାନ କରିଚାଲିଛି।

ଅତୀତର ସେହିସବୁ ଆକ୍ରାନ୍ତାମାନେ ବର୍ତ୍ତମାନ ସମୟର ପବନରେ କାହିଁ ରେଣୁ ଭାବରେ କୁଆଡ଼େ ହଜି ଯାଇଛନ୍ତି, ସେମାନଙ୍କର ନାମ କେବଳ ଧ୍ୱଂସ ସହିତ ତୁଳନୀୟ। ଇତିହାସର ପାଦଟିକାରେ ହିଁ ସେମାନେ ରହିଯାଇଛନ୍ତି, ଯଦ୍ୟପି ସୋମନାଥ ସେହିଭଳି ଉଜ୍ଜ୍ୱଳ, ଦୀପ୍ତିମାନ ହୋଇ ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ସବୁକିଛି ଆଲୋକିତ କରୁଛି। ତାହା ଆମମାନଙ୍କୁ ସେହି ଶାଶ୍ୱତ ଭାବନାକୁ ସ୍ମରଣ କରାଇ ଦେଉଛି ଯେ ୧୦୨୬ର ଆକ୍ରମଣ ସତ୍ତ୍ୱେ ଆମର ଭାବନା ସେହିଭଳି ଅତୁଟ ରହିଛି ଏବଂ ରହିଥିବ। ସୋମନାଥ ହେଉଛି ଆଶାର ସଙ୍ଗୀତ ଯାହା ଆମକୁ ସୂଚାଏ ଯେ ଘୃଣା ଏବଂ ଧର୍ମାନ୍ଧତା ନିକଟରେ ସାମୟିକ ଶକ୍ତି ଥାଇପାରେ, କିନ୍ତୁ ଆସ୍ଥା ଓ ବିଶ୍ୱାସ ନିକଟରେ ଥିବା ସୁସାମର୍ଥ୍ୟ ହେଉଛି ସେହି ଶାଶ୍ୱତ ଶକ୍ତି ଯାହା ଅନନ୍ତକାଳ ପର୍ଯ୍ୟନ୍ତ ଉଜ୍ଜୀବିତ ରହିଥିବ।

ଯଦି ସୋମନାଥ ମନ୍ଦିର, ଯାହା ଆଜକୁ ୧ହଜାର ବର୍ଷ ପୂର୍ବେ ଏକଦା ଆକ୍ରମଣର ଶିକାର ହୋଇଥିଲା ଏବଂ ଏହା ପରେ ବାରମ୍ବାର ଆକ୍ରମଣକୁ ଅଙ୍ଗେ ନିଭାଇଥିଲା, ତାହା ଯଦି ପୁଣି ଥରେ ମୁଣ୍ଡ ଟେକି ଠିଆ ହୋଇପାରେ, ତେବେ ଆମେମାନେ ଆମର ମହାନ୍ ରାଷ୍ଟ୍ରକୁ ମଧ୍ୟ ଗୌରବଶାଳୀ କରି ପୁଣି ଥରେ ଠିଆ କରାଇ ପାରିବା, ଯାହା ଆଜକୁ ହଜାର ହଜାର ବର୍ଷ ପୂର୍ବେ ଆମଠାରେ ଥିଲା। ଶ୍ରୀସୋମନାଥ ମହାଦେବଙ୍କ ଆଶୀର୍ବାଦ ସହିତ ଆମେ ଆଗକୁ ପୁନଃସଂକଳ୍ପର ସହ ଅଗ୍ରସର ହେବା ଏବଂ ବିକଶିତ ଭାରତ ନିର୍ମାଣ କରିବା, ଯେଉଁଠାରେ ଆମ ସଭ୍ୟତାର ପ୍ରଜ୍ଞା ଆମକୁ ମାର୍ଗ ପ୍ରଦର୍ଶନ କରିବ ଏବଂ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ସହାୟକ ହେବ।

ଜୟ ସୋମନାଥ !

(ଭାରତର ପ୍ରଧାନମନ୍ତ୍ରୀ ଏବଂ ଶ୍ରୀସୋମନାଥ ଟ୍ରଷ୍ଟର ଅଧ୍ୟକ୍ଷ)

# ପ୍ରଦୂଷଣ ଜାଲରେ ଜଳବାୟୁ



ଅଭିଜିତ ମିଶ୍ର

ପ୍ରଦୂଷଣ କହିଲେ ସାଧାରଣତଃ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ ଏବଂ ଶବ୍ଦ ପ୍ରଦୂଷଣକୁ ବୁଝାଯାଏ। କିନ୍ତୁ ଏବେ ପ୍ଲାଷ୍ଟିକ ପ୍ରଦୂଷଣ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ବାୟୁ ପ୍ରଦୂଷଣ ଏବେ ସମଗ୍ର ପୃଥିବୀରେ ଜନ ଜୀବନକୁ କ୍ଷତି କରି ଚାଲିଛି। ଏହାର ଭୟଙ୍କର ରୂପ ଦିଲ୍ଲୀ ସହରରେ ଦେଖୁଛେ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାୟୁ ଗୁଣବତ୍ତା ସୂଚକାଙ୍କ ଅନୁସାରେ ଦିଲ୍ଲୀରେ ବାୟୁର ଗୁଣବତ୍ତା ଅତି ଖରାପ। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ବାୟୁର ଗୁଣବତ୍ତା ଖରାପ ରହୁଛି। ସେହିପରି ପ୍ରଦୂଷଣର ମାତ୍ରା ଅନୁଗୋଳ ଓ ତାଳଚେର ସହରରେ ବାୟୁ ଗୁଣବତ୍ତା ୩୦୦ ଉପରେ ରହୁଛି। ଏହିପରି ପରିସ୍ଥିତି ସୃଷ୍ଟି ହେବାର ମୁଖ୍ୟ କାରଣ ହେଉଛି ଅମାନିଆ ମଣିଷର ପ୍ରବୃତ୍ତି।

ବିଶ୍ୱ ଜଳବାୟୁ ସଂଗଠନର ତଥ୍ୟ ଅନୁସାରେ ବିଶ୍ୱ ଉଷ୍ମତା ତୀବ୍ର ରୂପ ଧାରଣ କରିଛି। ୨୦୨୪ ବର୍ଷଟି ବିଗତ ୧୭୫ ବର୍ଷର ପର୍ଯ୍ୟବେକ୍ଷଣ ରେକର୍ଡ ଅନୁସାରେ ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା। ପୃଥିବୀର ହାରାହାରି ତାପମାତ୍ରାରେ ୧.୫୫ ଡିଗ୍ରୀ ବୃଦ୍ଧି ଘଟିଛି ୨୦୨୪ରେ। ଭାରତରେ ଏସି କିଣିବାର ମାତ୍ରା ଦିନକୁ ଦିନ ବୃଦ୍ଧି ପାଉଛି, ଯାହାକି ୧୦ ପ୍ରତିଶତ ଭାରତୀୟ ବର୍ତ୍ତମାନ ଏହା ବ୍ୟବହାର କରୁଛନ୍ତି। ସହରଗୁଡ଼ିକରେ ୧୨.୬% ଏବଂ ଗ୍ରାମାଞ୍ଚଳରେ ୧.୨% ଏସି ବ୍ୟବହାର କରୁଛନ୍ତି। ବଜାରରେ ଚାହିଦାକୁ ଲକ୍ଷ୍ୟ କଲେ ଜଣା ପଡ଼େ ଆସନ୍ତା ୨୦୩୦ ମସିହା ବେଳକୁ ଏସି ବ୍ୟବହାରର ମାତ୍ରା ୧୫ ରୁ ୨୦ ପ୍ରତିଶତରେ ପହଞ୍ଚିବ। ତେଣୁ ଏହିପରି ଭାବେ ଯଦି ଏସି ବା ଫ୍ରିଜର ବହୁଳ ବ୍ୟବହାର ବୃଦ୍ଧି ଘଟିବ ତେବେ ବାୟୁମଣ୍ଡଳରେ ଆମର ସିଏଫସିର ମାତ୍ରା ବୃଦ୍ଧି ପାଇ ବାୟୁମଣ୍ଡଳରେ ଥିବା ଓଜନ ସ୍ତରକୁ ଅଧିକ କ୍ଷତି କରିବ।

କାରଖାନାରୁ ଏବଂ ଯାନବାହନରୁ ନିର୍ଗତ ବିଷାକ୍ତ ଧୂଆଁ ଯେପରି କି ମିଥେନ, ସିଏଫ୍‌ସି, ଅଙ୍ଗାରକାମ୍ଳ ଆଦି ଯାହା ଜଳବାୟୁ ପରିବର୍ତ୍ତନରେ ପ୍ରଭାବ ପକାଉଛି । ନିକଟରେ ସିଓଲ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରୁ ଜଣାଯାଇଛି, ଉକ୍ତ ପ୍ଲାଷ୍ଟିକ ପ୍ରଦୂଷଣ ପାଇଁ ଜଳବାୟୁରେ ପରିବର୍ତ୍ତନ ଘଟୁଛି। ସ୍ଥଳଭାଗରେ ପ୍ରାୟତଃ ତିନିଲକ୍ଷ ଜୀବଜନ୍ତୁଙ୍କର ମୃତ୍ୟୁ ଘଟୁଛି କେବଳ ଏହି ପ୍ଲାଷ୍ଟିକ ପ୍ରଦୂଷଣ ନିମନ୍ତେ। ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ପ୍ଲାଷ୍ଟିକ ଜାତ ପଦାର୍ଥ ମାଟିରେ ପୋତି ହୋଇପଡ଼ିବା ଯୋଗୁ ମୃତ୍ତିକାର ଗୁଣବତ୍ତା କମୁଛି ତତ୍‌ସହିତ ମୃତ୍ତିକାର ଜଳଧାରଣ କ୍ଷମତା ହ୍ରାସ ଘଟିବା ସହ ଭୂତଳ ଜଳର ଅବକ୍ଷୟ ହେଉଛି। ଅଶୋଧିତ ତୈଳରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଏବଂ ସବୁଜ ଗୃହ ବାଷ୍ପ ମଧ୍ୟ ଉତ୍ପନ୍ନ ହୋଇ ଜଳବାୟୁକୁ ପ୍ରଭାବିତ କରୁଛି। ତେଣୁ ଏବେଠାରୁ ଜଳବାୟୁ ପରିବର୍ତ୍ତନ ପାଇଁ ସାବଧାନ ହେବାକୁ ପଡ଼ିବ, ନଚେତ ନେଡ଼ିଗୁଡ଼ କହୁଣିକୁ ବୋହିବା ସମ୍ଭାବନା ଯେତେବେଳେ ଆସିବ ଆମର ଭବିଷ୍ୟତ ସମ୍ପୂର୍ଣ୍ଣ ଅନ୍ଧକାର ଭିତରକୁ ଚାଲିଯାଇଥିବ।

ଅଧ୍ୟାପକ (ଭୂଗୋଳ ବିଭାଗ)
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
କଟକ,ମୋ: ୯୦୪୦୩୫୦୦୮୯

## ପାଠକ ଶ୍ରେଷ୍ଠ ବିଚାରକ

### ଗୁଣ୍ଡିଚାଘାଗିରେ କଟକଣା ଲାଗୁ

ମହାଶୟ,

ଘଟଗାଁ ନିକଟରେ ଅଛି ପିକ୍ ନିକ୍ ସ୍ପଟ୍ 'ଗୁଣ୍ଡିଚାଘାଗି' ଜଳପ୍ରପାତ। ବହୁ ପର୍ଯ୍ୟଟକ ଏଠାକୁ ବଣଭୋଜି ପାଇଁ ଆସିଥାନ୍ତି। ଏବେ ନୂଆବର୍ଷରେ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଗୁଣ୍ଡିଚାଘାଗି ନିକଟରେ ଝୁଲା ପୋଲଟିଏ ଅଛି। ଅନେକ ଅମାନିଆ ଉପର ମୁଣ୍ଡକୁ ଯାଇ ସେଲ୍‌ଫି ନେଉଛନ୍ତି, ଯାହା ଅତ୍ୟନ୍ତ ବିପଦପୂର୍ଣ୍ଣ । ନିକଟରେ ଦୁଇଜଣ ସେହି ପୋଲ ଉପରୁ ଖସି ମୃତ୍ୟୁବରଣ କରିଥିବା ଖବରରୁ ଜଣାପଡ଼ିଛି। ତେଣୁ ଏଭଳି ଦୁର୍ଘଟଣା ଦୂର କରିବା ସକାଶେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ସେଠାରେ ଜଗୁଆଳି ମୁତୟନ କରାଯାଉ। ଏହା ହୋଇପାରିଲେ ହୁଏତ ଲୋକଙ୍କ ଜୀବନହାନି ହେବନି।

–କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୫୦ ବର୍ଷ ତଳର ଧରିତ୍ରୀ

### ୫ ଜାନୁଆରୀ ୧୯୭୭

- ଦୈନିକ ହିନ୍ଦୀ ସମ୍ବାଦପତ୍ର 'ହିନ୍ଦୁସ୍ତାନ'ର ସିନିୟର ସ୍ୱତନ୍ତ୍ର ପ୍ରତିନିଧି ଗୌରୀଶଙ୍କର ସହାୟଙ୍କ ୫୮ ବର୍ଷ ବୟସରେ ପରଲୋକ।
- ୪୨ତମ ସମ୍ବିଧାନ ସଂଶୋଧନ ଆଇନର ୩୬ଟି ଧାରା ବଳବତ୍ତର ବା କାର୍ଯ୍ୟକାରୀ ହୋଇଥିବାବେଳେ ଏଥିମଧ୍ୟରେ ଭାରତ ଏକ 'ସର୍ବଭୌମ ସମାଜବାଦୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର' ହେବାର ଘୋଷଣା ସଂକ୍ରାନ୍ତ ଧାରା ଅନ୍ତର୍ଭୁକ୍ତ।

## ଚିରନ୍ତନୀ

ଭୁଲି ଜରା ଯଉବନ
ସପନ ବା ଜାଗରଣ
ଅତୀତର ଶତ ସୁଖ ଯାତନା
ଆଗାମୀର ନବ ଆଶା ବାସନା ।
–(ଶରତ–ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | | |
| | | | 8 | | | 1 | 4 | |
| | | | | | | | 7 | |
| | | 6 | | | | 7 | 2 | |
| 7 | | | | 1 | | | 9 | 5 |
| | | 3 | | | 5 | | | |
| | 3 | | | 2 | 6 | 9 | | |
| | 4 | 2 | | | | | | |
| | 6 | | 5 | | 9 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 1 | 9 | 8 | 5 | 6 | 7 | 3 |
| 3 | 6 | 9 | 2 | 7 | 4 | 8 | 1 | 5 |
| 8 | 5 | 7 | 3 | 6 | 1 | 2 | 9 | 4 |
| 7 | 2 | 4 | 8 | 1 | 3 | 9 | 5 | 6 |
| 9 | 8 | 5 | 7 | 2 | 6 | 4 | 3 | 1 |
| 6 | 1 | 3 | 4 | 5 | 9 | 7 | 2 | 8 |
| 4 | 7 | 2 | 5 | 3 | 8 | 1 | 6 | 9 |
| 5 | 9 | 6 | 1 | 4 | 7 | 3 | 8 | 2 |
| 1 | 3 | 8 | 6 | 9 | 2 | 5 | 4 | 7 |

ଗତକାଲିର ଉତ୍ତର

# ମୁକୁଳା ପଡ଼ିଛି ସୀମାନ୍ତ ଅଞ୍ଚଳ

**ବାରିପଦା,୪।୧**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଜାମଦା ବ୍ଲକ୍ ଅଞ୍ଚଳରେ ବେଆଇନଭାବେ ଗଚ୍ଛିତ ଝାଡ଼ଖଣ୍ଡ ରାଜ୍ୟର ୧୧୦୦ ବସ୍ତା ଧାନକୁ ପ୍ରଶାସନ ଜବତ କରିଛି। ସମସ୍ତ ଧାନକୁ ଟ୍ରକ୍ ଯୋଗେ ଆଣି ରାଇରଙ୍ଗପୁରସ୍ଥିତ ଏକ ଧାନ ମିଲ୍‌ରେ ରଖାଯାଇଛି। ପ୍ରାୟ ୫୫୦ କୁଇଣ୍ଟାଲ ଧାନ ଜବତ ହୋଇଥିବା ବେଳେ ଏହାର ସରକାରୀ ମୂଲ୍ୟ ୧୭ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ପ୍ରଶାସନର ଏଭଳି ଚଢ଼ାଉ ପରେ ବେପାରୀମାନଙ୍କ ମଧ୍ୟରେ ଛନକା ପଶିଛି। ମାତ୍ର ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ମୁକୁଳା ପଡ଼ିଛି। ପ୍ରଶାସନ ପକ୍ଷରୁ ସିସିଟିଭି କିମ୍ବା ଚେକ୍ ପୋଷ୍ଟ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ତାହା କେବଳ କାଗଜ କଲମରେ ସୀମିତ ରହିଛି। ଏହାକୁ ନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାପାଳ ହେମକାନ୍ତ ସୟ ଖୁବ୍‌ଶୀଘ୍ର ଚେକ୍ ପୋଷ୍ଟ ନିର୍ମାଣ କରିବା ସହ ସୀମା ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଝାଡ଼ଖଣ୍ଡକୁ ସଂଯୋଗ କରୁଥିବା ବହଳଦା-ଚାଇଁବସା ରାଜ୍ୟ ରାଜପଥ ମୁକୁଳା ପଡ଼ିଛି।

ସୂଚନା ଅନୁଯାୟୀ, ଜିଲାର ସୀମାକୁ ଲାଗି ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ ରହିଛି। ଏହି ୨ ରାଜ୍ୟକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ କୌଣସି ଚେକ୍ ପୋଷ୍ଟ ନାହିଁ କିମ୍ବା ସିସି କ୍ୟାମେରା ଲଗାଯାଇ ନାହିଁ। ସେହିପରି ସୀମାନ୍ତରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ପଟେ ଧାନ ଆଣି ଜିଲାରେ ରଖାଯାଉଛି। ଏପରିକି

- ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଧାନ ଓଡ଼ିଶାରେ
- ସୀମା ସିଲ୍ କରିବାକୁ ନିର୍ଦ୍ଦେଶ ଦେଲେ ଜିଲାପାଳ
- ୧୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଧାନ ଜବତ

ଧାନର ଆମଦାନୀ ଉପରେ କୌଣସି ପ୍ରତିବନ୍ଧକ ରହୁ ନ ଥିବାରୁ ଖୁଲମଖୁଲା ପରିବହନ କରାଯାଉଛି। ଜିଲାର ରାଇରଙ୍ଗପୁର ଉପଖଣ୍ଡ ତିରିଂ-ଝାଡ଼ଖଣ୍ଡ ଜାତୀୟ ରାଜପଥ, ବହଳଦା-ଚାଇଁବସା ରାଜ୍ୟ ରାଜପଥ, ସାରସକଣା ବ୍ଲକ୍ ସୀମାନ୍ତ ପାକଟିଆରୁ ଝାଡ଼ଖଣ୍ଡ ରାଜ୍ୟ ମୂଷାବଣୀ ଓ ଜାମଶୋଳ-ବହଡ଼ାଗୋଡ଼ା ଏବଂ ଜାମଶୋଳାରୁ ପଶ୍ଚିମବଙ୍ଗ ରାଜ୍ୟ ଗୋପୀବଲ୍ଲଭପୁର ରାସ୍ତା,ରାସଗୋବିନ୍ଦପୁର ବ୍ଲକ୍ ସୁବାନଡିହଠାରୁ ପଶ୍ଚିମବଙ୍ଗର ନୟାଗ୍ରାମ ଥାନା ଅଧୀନ ପାଇଲଟଛକ, ମୋରଡ଼ା ବ୍ଲକ୍ ପଳାଶମୁଣ୍ଡୁଳୀରୁ ପଶ୍ଚିମବଙ୍ଗ ଧୂମସାହି, ଶୁଳିଆପଦା ବ୍ଲକ୍ ବାଘଡ଼ାରୁ ପଶ୍ଚିମବଙ୍ଗ ବାଲିଗଡ଼ିଆ, ଚକଶୁଳିଆପଦାରୁ ପଶ୍ଚିମବଙ୍ଗ ଗୋପୀବଲ୍ଲଭପୁର ସଂଯୋଗ ରାସ୍ତାଗୁଡ଼ିକରେ କୌଣସି ଚେକ୍‌ପୋଷ୍ଟ ନ ଥିବା ବେଳେ ସିସି କ୍ୟାମେରା ମଧ୍ୟ ଲଗାଯାଇ ନାହିଁ। ଫଳରେ ଉଭୟ ରାଜ୍ୟରେ ଧାନର ଏମ୍‌ଏସ୍‌ପି ମୂଲ୍ୟ ସହିତ ସବ୍‌ସିଡି ଇନ୍‌ପୁଟ୍ ହାତେଇବା ପାଇଁ ବେଧଡକ ଧାନ ପରିବହନ କରାଯାଉଛି। ଚାଷୀଙ୍କୁ ହାତବାରିସି କରି ଓଡ଼ିଶାରେ ଧାନ ବିକ୍ରିକରି ମାଲାମାଲ ହେବାକୁ ବ୍ୟବସାୟୀମାନେ ବିପୁଳ ପରିମାଣର ଧାନ ଗଚ୍ଛିତକରି ରଖିଛନ୍ତି। ଧାନର କଳାବଜାର ବଢ଼ିବା ସହ ୨ ରାଜ୍ୟର ଧାନ ଏବେ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଗଚ୍ଛିତ ରହିଛି। ଏହାକୁ ଅସାଧୁ ଉପାୟରେ ବିକ୍ରି କରିବାର ମସୁଧା ଚାଲିଥିବା ବେଳେ ଜିଲା ପ୍ରଶାସନ ନୀରବତା ଅବଲମ୍ବନ କରିଛି। ଖୁବ୍‌ଶୀଘ୍ର ସୀମାନ୍ତ ରାସ୍ତାଗୁଡ଼ିକ ସିଲ୍ କରାଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ନେଇ ଜିଲା ନୋଡାଲ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକ କହିଛନ୍ତି।

## ଜଣେ ଶିକ୍ଷକ, ୩୫ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ

**ଖୋର୍ଦ୍ଧା,୪।୧ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ସହିତ ୩୫ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ଏକାଧିକ ପିଲା ଥଣ୍ଡାଜ୍ୱରରେ ପୀଡ଼ିତ ଥିବା ଜଣାପଡ଼ିଛି। ପ୍ରାଥମିକ ଚିକିତ୍ସା ପରେ ପିଲାମାନଙ୍କୁ ଘରକୁ ପଠାଇ ଦିଆଯାଇଛି ବୋଲି ବିଦ୍ୟାଳୟ ଉପାଧ୍ୟକ୍ଷ ନୃସିଂହ ନାଥ ଚକ୍ର ସୂଚନା ଦେଇଛନ୍ତି। ଦୂଷିତ ପାଣି ବ୍ୟବହାରରୁ ଏଭଳି ଘଟଣା ଘଟିଥିବା କେତେଜଣ ଅଭିଭାବକ ଗଣମାଧ୍ୟମରେ କହିଛନ୍ତି। ତେବେ କାହିଁକି ଏତେ ସଂଖ୍ୟକ ଛାତ୍ରୀଛାତ୍ର ଆକ୍ରାନ୍ତ ହୋଇଛନ୍ତି, ସେ ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କୌଣସି ବାହାର ଖାଦ୍ୟ କିମ୍ବା ରନ୍ଧା ଖାଦ୍ୟ ଦିଅନ୍ତୁ ନାହିଁ, ବାହାର ଖାଦ୍ୟ ଖାଇବା ଫଳରେ ପିଲାଙ୍କ ଦେହ ଖରାପ ହେବା ସହ ପରିବେଶ ପ୍ରଦୂଷଣ ହେଉଛି ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ନୋଟିସ ବୋର୍ଡରେ ସୂଚନା ଦେଇ ନିଜ ଉପରୁ ଦୋଷ ଖସାଇ ନେଇଛନ୍ତି। ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ପାଇଁ ଅଭିଭାବକମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଅନ୍ୟପଟେ ପିଲାମାନେ ବ୍ୟବହୃତ କରୁଥିବା ପାଣି ନମୁନା ପରୀକ୍ଷଣ ପାଇଁ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯାଇଥିବା ଜଣାପଡ଼ିଛି।

**ଖୋର୍ଦ୍ଧା ଜବାହର ନବୋଦୟ ବିଦ୍ୟାଳୟ**

ଏ ସମ୍ପର୍କରେ ବିଦ୍ୟାଳୟ ଉପାଧ୍ୟକ୍ଷ ଚକ୍ର କହିଛନ୍ତି ଯେ, ଗତ ଛୁଟିରେ ପିଲାମାନେ ଘରକୁ ଯାଇ ଫେରିଥିଲେ। ସେଥିରୁ ଜଣଙ୍କର ଦେହ ଖରାପ ଥିଲା। ପରୀକ୍ଷା ପରେ ଜଣ୍ଡିସ ଲକ୍ଷଣ ଦେଖା ଦେବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ନଭେମ୍ବର, ଡିସେମ୍ବର ମାସରେ କେତେଜଣଙ୍କୁ ଥଣ୍ଡା ଜ୍ୱର ହୋଇଥିଲା। ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅନ୍ୟପିଲାଙ୍କୁ ବ୍ୟାପିବା ଆଶଙ୍କାରେ ପରିବେଶ ସ୍ୱଚ୍ଛତା, ପାଣି ଟାଙ୍କି ନିୟମିତ ସଫା, ବିଶୋଧନ କରାଯାଉଛି। ଏଥିସହିତ ପିଲାଙ୍କୁ କେବଳ ନିଜ ପାଣି ବୋତଲ ବ୍ୟବହାର, ଫୁଟା ପାଣି ପିଇବା ପାଇଁ କୁହାଯାଉଛି। କେହି କାହାରି ଥାଳି ବ୍ୟବହାର କିମ୍ବା ଖାଦ୍ୟ ପ୍ରଦାର୍ଥ ଖାଇବେ ନାହିଁ। ଏପରିକି ଖାଇବା ପୂର୍ବରୁ ଶୌଚ ଯିବା ପରେ ହାତଗୋଡ଼, ମୁହଁକୁ ଭଲଭାବେ ଧୋଇବା, ସଫା ବସ୍ତ୍ର ପରିଧାନ ବ୍ୟବହାର କରିବା ତଥା ନିଜ ପରିବେଶ ସ୍ୱଚ୍ଛତା ଉପରେ ସଚେତନ କରାଯାଉଛି। ସୋମବାର ସମସ୍ତ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଚିଠି କରାଯାଇଛି।

## ବିଦ୍ୟୁତ୍ ଆଘାତରେ ଚାଷୀ, ଗୃହିଣୀଙ୍କ ମୃତ୍ୟୁ

**ଆସିକା/ଖଲ୍ଲିକୋଟ,୪।୧**
**(ସୁରେନ୍ଦ୍ର ନାଥ ସାହୁ/ ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲାର ପୃଥକ୍ ସ୍ଥାନରେ ବିଦ୍ୟୁତ୍ ଆଘାତରେ ରବିବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ଖଲ୍ଲିକୋଟ ଥାନା ଅଞ୍ଚଳରେ ଜଣେ ଗୃହିଣୀ ଓ ଆସିକା ଥାନା ଅଞ୍ଚଳରେ ଜଣେ ଚାଷୀଙ୍କ ଜୀବନ ଯାଇଛି।

ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ନବରତ୍ନପୁର ଗ୍ରାମର ଚାଷୀ ଡୁବା ମଲିକ(୬୭) ସକାଳେ ନିଜ ଆଖୁ କିଆରିକୁ ପାଣି ମଡାଇବାକୁ ଯାଇଥିଲେ। କୌଣସି ପ୍ରକାରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଆସିକା ସରକାରୀ ଡାକ୍ତରଖାନାକୁ ଅଣାଯାଇଲା। ସେଠାରେ ଡୁବାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଡୁବାଙ୍କ ପୁଅ ସୂର୍ଯ୍ୟନାରାୟଣ ମଲିକଙ୍କ ଅଭିଯୋଗକ୍ରମେ ପୋଲିସ ଆସିକା ଥାନାରେ ନଂ.୧/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସେହିପରି ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ଗ୍ରାମ ରୋଡ ସାହିର ତ୍ରିନାଥ ନାୟକଙ୍କ ସ୍ତ୍ରୀ ସୁକାନ୍ତି ନାୟକ ପୂର୍ବାହ୍ନରେ ଘରେ କାମ କରୁଥିବା ସମୟରେ ଅସାବଧାନତାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ଗୁରୁତର ହୋଇଥିଲେ। ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଭେଜିପୁଟ ଫାଣ୍ଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କାବ୍ୟ ଛନ୍ଦର ସ୍ପର୍ଶରେ ଜୀବନ୍ତ ନବୀନଙ୍କ କାରିଗରି

**ତିହିଡ଼ି, ୪।୧(ସଞ୍ଜିତ ବଳ)**

ହାତରେ ହାତୁଡ଼ି ଓ ନିହାଣ। ଠୁକୁ ଠୁକୁ ଶବ୍ଦ ସହ ଗାଇ ଚାଲୁଛନ୍ତି ପ୍ରାଚୀନ କାବ୍ୟ କବିତା। କାବ୍ୟ ଛନ୍ଦର ସ୍ପର୍ଶରେ ଜୀବନ୍ତ ହୋଇଉଠୁଛି ନବୀନଙ୍କ କାରିଗରି। ସାଦାସିଧା ମଣିଷ ଭାବେ ପରିଚିତ ନବୀନଙ୍କ ଭିତରେ ଅନନ୍ୟ ପ୍ରତିଭା ଲୁଚି ରହିଛି। ତାଙ୍କ ମୁହେଁ ମୁହେଁ ରହିଛି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କଠାରୁ ରାଧାନାଥ ରାୟ, କବିସୂର୍ଯ୍ୟଙ୍କଠାରୁ ଗୋଦାବରୀଶ ମିଶ୍ରଙ୍କ କାବ୍ୟ କବିତା।

ନବୀନଙ୍କ ଭଲ ନାଁ ନବକିଶୋର ବେହେରା(୬୩)। ତାଙ୍କ ଘର ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତର କାଳୀମେଘା ଗ୍ରାମରେ। ସ୍ତ୍ରୀ, ୨ ଝିଅ, ୨ ପୁଅ ଓ ବୋହୂଙ୍କୁ ନେଇ ତାଙ୍କ ପରିବାର। ରାତି ପାହିବା ବେଳକୁ ସେ ନିତ୍ୟକର୍ମ ସାରି ଦେବଦେବୀଙ୍କ ବନ୍ଦନାର ସଂସ୍କୃତ ଶ୍ଳୋକ ଆବୃତ୍ତି କରନ୍ତି। ପରେ ସେ କାଠରେ ବିଭିନ୍ନ ଆବଶ୍ୟକ ସାମଗ୍ରୀ ତିଆରିରେ ଲାଗିପଡ଼ନ୍ତି। ମଝିରେ ଖାଇବା ସମୟକୁ ବାଦ୍ ଦେଲେ ଅପରାହ୍ନ ୩ଟା ଯାଏ ତାଙ୍କର ଏହି କାମ ଚାଲେ। ଆଗକୁ ବିଭିନ୍ନ ସ୍ଥାନରେ ଥିବା ମେଳାରେ ବିକ୍ରି କରିବା ଲକ୍ଷ୍ୟରେ ସେ ଏହି ସାମଗ୍ରୀ ସବୁ ତିଆରି କରନ୍ତି। ପ୍ରାୟ ୬୦/୭୦ ପ୍ରକାର ସାମଗ୍ରୀ ସେ ତିଆରି କରନ୍ତି, ଯାହା ଭିତରେ ଘରୋଇ ଉପକରଣଠାରୁ ଆରମ୍ଭ କରି ଆଧ୍ୟାତ୍ମିକ କାର୍ଯ୍ୟରେ ଲାଗୁଥିବା ବିମାନ, ଖଟୁଲିଠାରୁ ଘଣ୍ଟା ବାଡ଼ି ଓ ଯଜ୍ଞରେ ବ୍ୟବହୃତ ଶ୍ରୁବ ଥାଏ। ଏମିତିକି ତାଙ୍କ ହାତ ତିଆରି ବିଲୁପ୍ତପ୍ରାୟ କୃଷି ଉପକରଣ ନେଇ କେତେକ ସଂଗ୍ରହାଳୟରେ ରଖିଥିବା ସେ କହନ୍ତି। ପୁଅ ୨ଜଣ ରୋଜଗାରକ୍ଷମ ହୋଇଥିଲେ ବି ନିଜର ଗୁଜୁରାଣ ମେଣ୍ଟାଇବାକୁ ସେ ଏହି କାର୍ଯ୍ୟ କରୁଥିବା ନବୀନ କହନ୍ତି। ୯ମ ଶ୍ରେଣୀରେ ପଢ଼ୁଥିବା ବେଳେ ପାଠରେ ଡୋରି ବନ୍ଧା ହୋଇଥିଲା। ଜଣେ ମେଧାବୀ


ନବୀନ କାଠର ଉପକରଣ ତିଆରି କରୁଛନ୍ତି।

- ୩୦ବର୍ଷ ହେଲା କାଠ ସାମଗ୍ରୀ ତିଆରିରେ ନିମଗ୍ନ
- ମୁହେଁ ମୁହେଁ ରହିଛି ପ୍ରାଚୀନ କାବ୍ୟ, କବିତା

ଛାତ୍ର ଭାବେ ୫ମ ଓ ୭ମ ଶ୍ରେଣୀରେ ସେ ବୃତ୍ତି ପରୀକ୍ଷା ଦେଇଥିଲେ। ମାତ୍ର ଶ୍ରେଣୀରେ ବୀଜଗଣିତ ଓ ପାଟୀଗଣିତର ମୋଟା ବହି ଦେଖି ସେ ଭୟ କରିବା ସହ ପାଠପଢ଼ା ଛାଡ଼ି ଦେଇଥିଲେ। ପାଠ ଛାଡ଼ି କିଛି ବର୍ଷ ପରେ ତାଙ୍କର କାଠ କାମ ପ୍ରତି ଆଗ୍ରହ ହେବାରୁ ସେ ଭୁବନେଶ୍ୱର ଯାଇଥିଲେ। ସେଠାରେ ଜଣେ କାରିଗରଙ୍କ ପାଖରେ ସହଯୋଗୀ ଭାବେ କାର୍ଯ୍ୟ କରିବା ପରେ ଅନ୍ୟ ଏକ ସ୍ଥାନରେ କାମ କରି ବିଭିନ୍ନ ଉପକରଣ ତିଆରି କରିବାର କଳା କୌଶଳ ଶିଖିଥିଲେ। ବିବାହ ପରେ ସେ ମୟୂରଭଞ୍ଜ, ଯାଜପୁର ଆଦି ବିଭିନ୍ନ ଜିଲାରେ କାମ କରିଥିଲେ। ଯାଜପୁରର କୁଆଖିଆଠାରେ କାମ କରିବା ବେଳେ ସେ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବାରେ ସଫଳ ହୋଇଥିଲେ। ୩୦ବର୍ଷ ହେଲା ସେ ଉପକରଣ ତିଆରି କରିଆସୁଛନ୍ତି। କାବ୍ୟ କବିତା ପ୍ରତି ତାଙ୍କର ଆଗ୍ରହ ଯୋଗୁ ସେ ବିଭିନ୍ନ ଲୋକଙ୍କଠାରୁ ଆଣି ରାମାୟଣ, ମହାଭାରତ ସହ ବିଭିନ୍ନ କବିଙ୍କ କାବ୍ୟ ଗ୍ରନ୍ଥ ପଢ଼ିଥିଲେ। ଏହା ପଢ଼ିବା ଭିତରେ ସେ ଅସଂଖ୍ୟ କାବ୍ୟ କବିତା ମନେରଖିଛନ୍ତି। ସେ ଆବୃତ୍ତି କରିବା ସହ ଏହାର ସରଳ ବ୍ୟାଖ୍ୟା ମଧ୍ୟ କରିପାରନ୍ତି। କେଉଁ ରାଗରେ କେଉଁ ସ୍ୱରରେ କବିତା ଆବୃତ୍ତି ହେବ, ତାହା ତାଙ୍କୁ ଜଣାଥିବାରୁ ତାଙ୍କର ଗୀତ ଗାଇବା ଶୈଳୀ ବି ମନ ମୁଗ୍ଧକର ହୋଇଥାଏ। ଏହାବ୍ୟତୀତ ସଂସ୍କୃତରେ ମଧ୍ୟ ସେ କିଛି ଶ୍ଳୋକର ନିର୍ଭୁଲ୍ ଉଚ୍ଚାରଣ କରିପାରନ୍ତି। ବ୍ୟସ୍ତବହୁଳ ଜୀବନ ଭିତରେ ଏତେ ଗ୍ରନ୍ଥ ପଢ଼ିବା ଓ ମନେ ରଖିବା କଷ୍ଟସାଧ୍ୟ ହୋଇଥିଲେ ବି ସେ ଏହା କିପରି ହାସଲ କଲେ, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ତେବେ ସାଧନା ଥିଲେ ଅନେକ କିଛି ହାସଲ କରିହେବ। କାମରେ ବିଭୋର ଥିବାବେଳେ ସେ ଗୀତ ଗାଆନ୍ତି। ଗୀତର ସ୍ପର୍ଶରେ ଶୁଖିଲା କାଠରେ ଅପରୂପ ସୌନ୍ଦର୍ଯ୍ୟ ଭରିଯାଉଥିବା ତାଙ୍କର ବିଶ୍ୱାସ ବୋଲି ନବୀନ କହନ୍ତି।

### ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
## ଘୋଷଣା

**File No. ୨୬୪୪/୨୦୨୫** **Dated: ୨୪।୦୯।୨୦୨୫**

No. X-09: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: କଲାର, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୩/୨୦୨୨, ତା୧୧।୦୫।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୭୮୮୪ ତା୨୮।୦୭।୨୦୨୫ରିଖ ଅନୁଯାୟୀ ୩୧।୧୨।୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: କଲାର, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.koraput.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଅଛି।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: କୋରାପୁଟ** **ତହସିଲ: ବୈପାରିଗୁଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଲାର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା। | | | | | |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: କୋରାପୁଟ** **ତହସିଲ: ବୈପାରିଗୁଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୩୧।୧୨।୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କୋରାପୁଟ

## ଭୂମି ଅନୁସୂଚୀ

**ମୌଜା: କଲାର, ଥାନା: ବୈପାରିଗୁଡ଼ା ନଂ. – ୨୦୬, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟ**
**ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧୭ | ରୟତି | ୧୪୩୬ | ୦.୮୦୬ | ୦.୦୪୧ | ଡଙ୍ଗର | କୁଞ୍ଜ ନାୟକ, ରାମଚନ୍ଦ୍ର ନାୟକ, ମଧୁ ନାୟକ, ଗୋବର୍ଦ୍ଧନ ନାୟକ, ପି. ଚନ୍ଦ୍ରଶେଖର ନାୟକ, ଜା: ଭୂମିଆ, ବା: ନିଜଗାଁ, ଦିସାରିଗୁଡ଼ା |
| ୨୫ | ରୟତି | ୧୩୭୫ | ୨.୨୨୧ | ୨.୧୯୨ | ଡଙ୍ଗର | କେଶବ ମିନାର ବାଲିଆ, ପି.: ଧନ ମିନାର ବାଲିଆ, ଜା: ଭୂମିଆ, ବା: ନିଜଗାଁ |
| ୩୨ | ରୟତି | ୧୪୦୦ | ୨.୦୫୧ | ୦.୦୬୮ | ଡଙ୍ଗର | ଗଙ୍ଗା ପୂଜାରୀ, ପି.: ଡମ୍ବରୁ ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| ୩୬ | ରୟତି | ୧୪୧୨ | ୩.୬୮୨ | ୨.୫୨୩ | ଡଙ୍ଗର | ଗୁରୁ ଗାଦବା, ପି.: ସୁକୁରା ଗାଦବା, ଜା: ଗାଦବା, ବା: ନିଜଗାଁ, ଦିସାରିଗୁଡ଼ା |
| ୩୭ | ରୟତି | ୧୪୦୮ | ୧.୯୫୨ | ୧.୫୫୮ | ଡଙ୍ଗର | ଗୁରୁ ଗାଦବା, ବୁଦା ଗାଦବା, ପି.: ସୁକୁରା ଗାଦବା, ଜା: ଗାଦବା, ବା: ନିଜଗାଁ, ଦିସାରିଗୁଡ଼ା |
| ୩୭ | ରୟତି | ୧୪୦୯ | ୦.୧୮୮ | ୦.୦୯୫ | ଡଙ୍ଗର | ଗୁରୁ ଗାଦବା, ବୁଦା ଗାଦବା, ପି.: ସୁକୁରା ଗାଦବା, ଜା: ଗାଦବା, ବା: ନିଜଗାଁ, ଦିସାରିଗୁଡ଼ା |
| ୪୯ | ରୟତି | ୧୪୧୦ | ୪.୬୪୫ | ୦.୯୨୦ | ଡଙ୍ଗର | ଗୋରା ମାଠ ପଡ଼ିଆ, ପି.: ଭଗବାନ ମାଠ ପଡ଼ିଆ, ଜା: ଭୂମିଆ, ବା: ନିଜଗାଁ |
| ୫୧ | ରୟତି | ୧୪୦୩ | ୧.୭୬୯ | ୦.୪୫୦ | ଡଙ୍ଗର | ଗୋବର୍ଦ୍ଧନ ସଗରିଆ, ପି.: ରଘୁନାଥ ସଗରିଆ, ଜା: ହରିଜନ, ବା: ନିଜଗାଁ |
| ୫୮ | ରୟତି | ୧୦୧୭ | ୨.୩୯୭ | ୦.୬୫୪ | ଡଙ୍ଗର | ଘାସି ପାମିଆ, ପି.: ଖାଡ଼ି ପାମିଆ, ଜା: ଗାଦବା, ବା: ନିଜଗାଁ ଦିସାରିଗୁଡ଼ା |
| ୬୪ | ରୟତି | ୧୪୬୭ | ୧.୫୬୪ | ୧.୧୪୨ | ଡଙ୍ଗର | ଚନ୍ଦ୍ର ନାୟକ, ପି.: ରାମଚନ୍ଦ୍ର ନାୟକ, ଜା: ରଣା, ବା: କେରାପୁଟ |
| ୬୬ | ରୟତି | ୧୪୦୧ | ୧.୭୧୭ | ୧.୬୨୫ | ଡଙ୍ଗର | ଚନ୍ଦ୍ର ମାଟାମ, ପି.: ଇଚ୍ଛୁ ମାଟାମ, ଜା: ଡମ୍ବ, ବା: ନିଜଗାଁ, ଟାଙ୍ଗିନିଗୁଡ଼ା |
| ୮୭ | ରୟତି | ୧୩୭୯ | ୧.୬୬୫ | ୦.୪୯୧ | ଡଙ୍ଗର | ଜାଇ ପୂଜାରୀ, ପି.: ଡମ୍ବରୁ ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| ୮୭ | ରୟତି | ୧୩୭୮/ ୨୮୯୮ | ୦.୨୯୨ | ୦.୨୦୮ | ଡଙ୍ଗର | ଜାଇ ପୂଜାରୀ, ପି.: ଡମ୍ବରୁ ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| ୯୮ | ରୟତି | ୧୪୬୮ | ୨.୫୭୭ | ୦.୧୪୧ | ଡଙ୍ଗର | ଡମ୍ବରୁ ନାୟକ, ଚୈତନ୍ୟ ନାୟକ, ତ୍ରିନାଥ ନାୟକ, ପି.: ଗୁରୁ ମୂର୍ତ୍ତି ନାୟକ, ଜା: ରଣା, ବା: କେରାପୁଟ |
| ୩୪୨/ ୨୯୩ | ରୟତି | ୧୦୨୨ | ୫.୭୩୩ | ୦.୩୭୫ | ଡଙ୍ଗର | ଭଗବାନ ମାଝୀ, ପି.: ଲକ୍ଷ୍ମଣ ମାଝୀ, ଚଞ୍ଚଳା ମାଝୀ, ସ୍ୱା.: ଭଗବାନ ମାଝୀ, ଜା: ଗାଦବ, ବା: ଦୁର୍ଲା (ଲମତାପୁଟ) |
| ୧୦୦ | ରୟତି | ୧୩୮୦ | ୩.୫୪୬ | ୦.୦୬୬ | ଧାନ ଅଣଜଳସେଚିତ ଏକ | ଡମ୍ବରୁ ଶିଶା, ଦୁଦୁରା ଶିଶା, ସନୁ ଶିଶା, ପି.: ଗୁରୁମୂର୍ତ୍ତି ଶିଶା, ଗୁରୁବାରି ଶିଶା, ସ୍ୱା.: ଗୁରୁମୂର୍ତ୍ତି ଶିଶା, ଜା: ଗାଦବା, ବା: ନିଜଗାଁ |
| ୧୦୦ | ରୟତି | ୧୩୮୧ | ୨.୫୭୦ | ୨.୦୦୩ | ଧାନ ଅଣଜଳସେଚିତ ଏକ | ଡମ୍ବରୁ ଶିଶା, ଦୁଦୁରା ଶିଶା, ସନୁ ଶିଶା, ପି.: ଗୁରୁମୂର୍ତ୍ତି ଶିଶା, ଗୁରୁବାରି ଶିଶା, ସ୍ୱା.: ଗୁରୁମୂର୍ତ୍ତି ଶିଶା, ଜା: ଗାଦବା, ବା: ନିଜଗାଁ |
| ୧୦୩ | ରୟତି | ୧୩୭୨ | ୪.୮୪୩ | ୦.୨୧୩ | ଡଙ୍ଗର | ଡମ୍ବରୁ କଡଲି, ପି.: ପୀତବାସ କଡଲି, ଜା: ଭୂମିଆ, ବା: ଗନିପୁଟ |
| ୧୦୯ | ରୟତି | ୧୪୬୪ | ୦.୫୭୧ | ୦.୦୮୭ | ଡଙ୍ଗର | ତ୍ରିନାଥ ନାୟକ, ପି.: ସୁରେନ୍ଦ୍ର ନାୟକ, ଭଗବତି ନାୟକ, ସ୍ୱା.: ସୁରେନ୍ଦ୍ର ନାୟକ, ଜା: ଭୂମିଆ, ବା: ନିଜଗାଁ ଦିଶାରିଗୁଡ଼ା |
| ୧୦୯ | ରୟତି | ୧୪୬୫ | ୦.୬୬୦ | ୦.୦୩୨ | ଡଙ୍ଗର | |
| ୧୧୬ | ରୟତି | ୧୦୨୭ | ୫.୩୩୭ | ୦.୪୭୫ | ଡଙ୍ଗର | ଦହନା ମୁର୍ଜିଆ, ଚନ୍ଦ୍ରମା ମୁର୍ଜିଆ, ପି.: ବୁଦୁ ମୁର୍ଜିଆ, ସୟାରୁ ମୁର୍ଜିଆ, ଡମାଇ ମୁର୍ଜିଆ, ଭଗବତି ମୁର୍ଜିଆ, ପି.: ଜଗନ୍ନାଥ ମୁର୍ଜିଆ, ଜମୁନା ମୁର୍ଜିଆ, ସ୍ୱା.: ଜଗନ୍ନାଥ ମୁର୍ଜିଆ, ଦଇତାରି ମୁର୍ଜିଆ, ରାମ ମୁର୍ଜିଆ, ବଲ୍ଲଭ ମୁର୍ଜିଆ, ତିଳ ମୁର୍ଜିଆ, ସନିଆ ମୁର୍ଜିଆ, ପି-କେଶବ ମୁର୍ଜିଆ,ଜୟରାମ ମୁର୍ଜିଆ, ପି.: ସୁନା ମୁର୍ଜିଆ, ଲକ୍ଷ୍ମୀ ମୁର୍ଜିଆ, ସ୍ୱା.: ସୁନା ମୁର୍ଜିଆ, ଜା: ଗାଦବା, ବା: ନିଜଗାଁ ଦିଶାରିଗୁଡ଼ା |
| ୧୪୦ | ରୟତି | ୧୩୭୬ | ୨.୦୨୪ | ୦.୩୩୩ | ଡଙ୍ଗର | ନନ୍ଦ ସଗରିଆ, ପି.: ବୁଦୁରା ସଗରିଆ, ଜା: ହରିଜନ, ବା: ନିଜଗାଁ |
| ୧୭୦ | ରୟତି | ୧୦୨୬ | ୩.୪୪୨ | ୧.୧୫୮ | ଡଙ୍ଗର | ବଳରାମ ଗାଦବା, ଜଗବନ୍ଧୁ ଗାଦବା, ପି.: ଶୁକୁରା ଗାଦବା, ପାର୍ବତୀ ଗାଦବା, ସ୍ୱା.: ମାଧବ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୭୪ | ରୟତି | ୧୩୭୮ | ୨.୦୫୧ | ୧.୮୧୬ | ଡଙ୍ଗର | ବଲ୍ଲଭ କରଲିଆ, ପି.: ରାମଚନ୍ଦ୍ର କରଲିଆ, ଜା: ଗାଦବା, ବା: ନିଜଗାଁ |
| ୧୯୧ | ରୟତି | ୧୪୭୧ | ୨.୬୫୬ | ୦.୦୫୨ | ଡଙ୍ଗର | ନରସିଂହ ଦିସାରୀ, ପି.: ଲୋକନାଥ ଦିସାରୀ ଓରଫ ରଣା, ଜା: ରଣା, ବା: ନିଜଗାଁ (ଦିଶାରିଗୁଡ଼ା) |
| ୨୦୮ | ରୟତି | ୧୩୭୪ | ୧.୯୨୦ | ୧.୧୮୩ | ଡଙ୍ଗର | ମଙ୍ଗଳା କେନ୍ଦୁ, ପି.: ଅର୍ଜୁନ କେନ୍ଦୁ, ଜା: ଭୂମିଆ, ବା: ନିଜଗାଁ |
| ୨୪୦ | ରୟତି | ୧୩୭୭ | ୨.୦୩୯ | ୧.୨୯୯ | ଡଙ୍ଗର | ରଘୁନାଥ ସଗରିଆ, ପି.: ଲଛମନ ସଗରିଆ, ଜା: ହରିଜନ, ବା: ନିଜଗାଁ |
| ୨୫୭ | ରୟତି | ୧୪୩୯ | ୦.୮୮୦ | ୦.୦୧୨ | ଧାନ ଅଣଜଳସେଚିତ ଦୁଇ | ରାମେଶ୍ୱର ସୁଆବି, ଗୁରୁ ସୁଆବି, ବାଳରାମ ସୁଆବି, ପି.: ଡମ୍ବରୁଧର ସୁଆବି, ଜମିନା ସୁଆବି, ସ୍ୱା.: ଡମ୍ବରୁଧର ସୁଆବି, ଶୁକଦେବ ସୁଆବି, ସନିଆ ସୁଆବି, ଅର୍ଜୁନ ସୁଆବି, କୃଷ୍ଣ ସୁଆବି, ସମରା ସୁଆବି, ପି.: ଭଗବାନ ସୁଆବି, କୁସୁମା ସୁଆବି, ସ୍ୱା.: ଭଗବାନ ସୁଆବି, ବୁଦୁରା ସୁଆବି, ପି.: ଧର୍ନୁଜୟ ସୁଆବି, ଜା: ରଣା, ବା: ନିଜଗାଁ (ଖୁରିଗୁଡ଼ା) |
| ୨୭୦ | ରୟତି | ୧୪୦୨ | ୧.୫୨୭ | ୧.୫୦୩ | ଡଙ୍ଗର | ଲଛମନ ମାଟାମ୍, ପି.: ଲଚ୍ଛୁ ମାଟାମ୍, ଜା: ହରିଜନ, ବା: ନିଜଗାଁ |
| ୨୮୦ | ରୟତି | ୧୪୩୭ | ୧.୫୭୪ | ୧.୪୦୩ | ଡଙ୍ଗର | ଲୋକନାଥ ମାଟପଡ଼ିଆ, ଭଗବାନ ମାଟପଡ଼ିଆ, ହରିବନ୍ଧୁ ମାଟପଡ଼ିଆ, ପି.: ଅର୍ଜୁନ ମାଟପଡ଼ିଆ, ଭୀମ ମାଟପଡ଼ିଆ, ପି.: ବଳରାମ ମାଟପଡ଼ିଆ, ପର୍ଶୁରାମ ମାଟପଡ଼ିଆ, ବନୁ ମାଟପଡ଼ିଆ, ପି.: ଧନୁ ମାଟପଡ଼ିଆ, ଜା: ଭୂୟାଁ, ବା: ନିଜଗାଁ, ଦିସାରିଗୁଡ଼ା |
| ୨୮୬ | ରୟତି | ୧୪୬୬ | ୩.୧୮୮ | ୨.୬୨୯ | ଡଙ୍ଗର | ସଦନ ନାୟକ, ପି.: ଲଳିତ ନାୟକ, ଭଗବତି ନାୟକ, ସ୍ୱା.: ଲଳିତ ନାୟକ, ଜା: ରଣା, ବା: କେରାପୁଟ |
| ୩୨୬ | ରୟତି | ୧୩୮୫ | ୩.୪୮୪ | ୦.୫୨୨ | ଡଙ୍ଗର | ସୁକ୍ରା ଗାଦବା, ପଦଲାମ ଗାଦବା, ପି.: ମସିହା ଗାଦବା, ପରମାନନ୍ଦ ଗାଦବା, ପି.: କମୁଳ ଗାଦବା, କୁସୁମା ଗାଦବା, ସ୍ୱା.: କମଲୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୩୨୬ | ରୟତି | ୧୩୮୯ | ୩.୩୮୩ | ୦.୭୬୪ | ଡଙ୍ଗର | |
| ୩୩୭ | ରୟତି | ୧୦୨୩ | ୨.୫୦୮ | ୦.୭୪୦ | ଡଙ୍ଗର | ସୋମନାଥ ଗାଦବା, ବଳରାମ ଗାଦବା, ଦିନୁ ଗାଦବା, ବୁଦୁ ଗାଦବା, ଗଙ୍ଗା ଗାଦବା, ପି.: ମଙ୍ଗଳା ଗାଦବା, ଚନ୍ଦ୍ରମା ଗାଦବା, ସ୍ୱା.: ମଙ୍ଗଳା ଗାଦବା, ଜା: ଗାଦବା, ବା: ନିଜଗାଁ |
| ୩୩୭ | ରୟତି | ୧୩୮୩ | ୦.୪୯୪ | ୦.୩୧୮ | ଡଙ୍ଗର | |
| ୩୩୭ | ରୟତି | ୧୩୮୪ | ୪.୭୪୪ | ୩.୨୮୮ | ଡଙ୍ଗର | |
| ୩୪୨/ ୨୪ | ରୟତି | ୧୪୩୩ | ୧.୫୫୪ | ୧.୦୯୪ | ଡଙ୍ଗର | ପାର୍ବତୀ ନାୟକ, ପି.: ରତନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୫ | ରୟତି | ୧୨୮୨ | ୨.୨୧୯ | ୧.୦୧୪ | ଧାନ ଅଣଜଳସେଚିତ ଦୁଇ | ଭଗତ ନାୟକ, ପି.: ପଦନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୫ | ରୟତି | ୧୨୮୬ | ୪.୨୨୫ | ୧.୧୭୦ | ଡଙ୍ଗର | |
| ୩୪୨/ ୨୫୪ | ରୟତି | ୧୪୩୩/ ୨୯୬୫ | ୩.୦୨୯ | ୦.୨୧୪ | ଡଙ୍ଗର | ଲଛମନ ଗାଦବା, ପି.: ସୁତ ଗାଦବା, ଜା: ଗାଦବା, ବା: ଦିସାରିଗୁଡ଼ା |
| | | ମୋଟ | | ୩୫.୮୭୧ | | |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | |
| ୧୭ | ରୟତି | ୧୪୩୬ | ୦.୮୦୬ | ୦.୫୮୯ | ଡଙ୍ଗର | କୁଞ୍ଜ ନାୟକ, ରାମଚନ୍ଦ୍ର ନାୟକ, ମଧୁ ନାୟକ, ଗୋବର୍ଦ୍ଧନ ନାୟକ, ପି.: ଚନ୍ଦ୍ର ଶେଖର ନାୟକ, ଜା: ଭୂମିଆ, ବା: ନିଜଗାଁ ଦିସାରିଗୁଡ଼ା |
| ୬୫ | ରୟତି | ୧୪୩୧ | ୨.୧୪୯ | ୨.୧୪୯ | ଡଙ୍ଗର | ଚନ୍ଦ୍ରମା ନାୟକ, କନକ ନାଏକ, ପି.: ଡାଲିଆ ନାୟକ, ଜା: ଭୂମିଆ, ବା: ନିଜଗାଁ ଦିସାରିଗୁଡ଼ା |
| ୮୫ | ରୟତି | ୧୪୨୭ | ୩.୧୫୩ | ୩.୧୫୩ | ଡଙ୍ଗର | ଜମୁନା ଗାଦବା, ପି.: ସମରା ଗାଦବା, ଜା: ଗାଦବା, ବା: ନିଜଗାଁ ଦିସାରିଗୁଡ଼ା |
| ୨୫୭ | ରୟତି | ୧୪୩୯ | ୦.୮୮ | ୦.୮୬୮ | ଧାନ ଅଣଜଳସେଚିତ ଦୁଇ | ରାମେଶ୍ୱର ସୁଆବି, ଗୁରୁ ସୁଆବି, ବାଳରାମ ସୁଆବି, ପି.: ଡମ୍ବରୁଧର ସୁଆବି, ଜମୁନା ସୁଆବି, ସ୍ୱା.: ଡମ୍ବରୁଧର ସୁଆବି, ଶୁକଦେବ ସୁଆବି, ସନିଆ ସୁଆବି, ଅର୍ଜୁନ ସୁଆବି, କୃଷ୍ଣ ସୁଆବି, ସମରା ସୁଆବି, ପି.: ଭଗବାନ ସୁଆବି, କୁସୁମା ସୁଆବି, ସ୍ୱା.: ଭଗବାନ ସୁଆବି, ବୁଦୁରା ସୁଆବି, ପି.: ଧନୁର୍ଜୟ ସୁଆବି, ଜା: ରଣା, ବା: ନିଜଗାଁ, ଗୁଡ଼ିଗୁଡ଼ା |
| ୨୫୭ | ରୟତି | ୧୪୫୯ | ୩.୬୦୮ | ୩.୬୦୮ | ଧାନ ଅଣଜଳସେଚିତ ଏକ | ରାମେଶ୍ୱର ସୁଆବି, ଗୁରୁ ସୁଆବି, ବାଳରାମ ସୁଆବି, ପି.: ଡମ୍ବରୁଧର ସୁଆବି, ଜମୁନା ସୁଆବି, ସ୍ୱା.: ଡମ୍ବରୁଧର ସୁଆବି, ଶୁକଦେବ ସୁଆବି, ସନିଆ ସୁଆବି, ଅର୍ଜୁନ ସୁଆବି, କୃଷ୍ଣ ସୁଆବି, ସମରା ସୁଆବି, ପି.: ଭଗବାନ ସୁଆବି, କୁସୁମା ସୁଆବି, ସ୍ୱା.: ଭଗବାନ ସୁଆବି, ବୁଦୁରା ସୁଆବି, ପି.: ଧନୁର୍ଜୟ ସୁଆବି, ଜା: ରଣା, ବା: ନିଜଗାଁ, ଗୁଡ଼ିଗୁଡ଼ା |
| ୨୮୦ | ରୟତି | ୧୪୩୭ | ୧.୫୭୪ | ୦.୧୭୧ | ଡଙ୍ଗର | ଲୋକନାଥ ମାଟପଡ଼ିଆ, ଭଗବାନ ମାଟପଡ଼ିଆ, ହରିବନ୍ଧୁ ମାଟପଡ଼ିଆ, ପି.: ଅର୍ଜୁନ ମାଟପଡ଼ିଆ, ଭୀମ ମାଟପଡ଼ିଆ, ପି.: ବଳରାମ ମାଟପଡ଼ିଆ, ପର୍ଶୁରାମ ମାଟପଡ଼ିଆ, ବନୁ ମାଟପଡ଼ିଆ, ପି.: ଧନୁ ମାଟପଡ଼ିଆ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୦ | ରୟତି | ୧୪୩୨ | ୧.୪୧୬ | ୧.୪୧୬ | ଡଙ୍ଗର | ସୋମନାଥ ନାଏକ, ପି.: ଡମ୍ବୁ ନାଏକ, ଜା: ଭୂୟାଁ (ଭୂମିଆ) ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୪ | ରୟତି | ୧୪୨୨ | ୦.୫୮୩ | ୦.୫୮୩ | ଧାନ ଅଣଜଳସେଚିତ ଏକ | ପାର୍ବତୀ ନାୟକ, ପି.: ରତନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୪ | ରୟତି | ୧୪୩୩ | ୧.୫୫୪ | ୦.୨୪୬ | ଡଙ୍ଗର | ପାର୍ବତୀ ନାୟକ, ପି.: ରତନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୪ | ରୟତି | ୧୨୭୬ | ୧.୧୭୬ | ୧.୧୭୬ | ଡଙ୍ଗର | ପାର୍ବତୀ ନାୟକ, ପି.: ରତନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୫ | ରୟତି | ୧୨୭୫ | ୧.୪୨୮ | ୧.୪୨୮ | ଡଙ୍ଗର | ଭଗତ ନାୟକ, ପି.: ପଦନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୫ | ରୟତି | ୧୨୭୪ | ୩.୫୨୯ | ୩.୫୨୯ | ଡଙ୍ଗର | ଭଗତ ନାୟକ, ପି.: ପଦନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୩୧୨ | ରୟତି | ୧୨୭୬/ ୩୨୨୩ | ୧.୭୭୯ | ୧.୫୬୫ | ଡଙ୍ଗର | ଉଦୟନାଥ ମୁଣ୍ଡାଗୁଡ଼ିଆ, ପି.: ବଳରାମ ମୁଣ୍ଡାଗୁଡ଼ିଆ, ଜା: ଗାଦବା, ବା: ଦିସାରିଗୁଡ଼ା, ବାଣ୍ଣଆଗୁଡ଼ା, କୁନ୍ଦୁରା |
| | | | ମୋଟ | ୨୦.୪୮୧ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | – |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୩୫.୮୭୧ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | ୨୦.୪୮୧ |
| ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | | | | | | – |
| | | | | | | |
| | | ମୋଟ | | | | ୫୬.୩୫୨ |

**Sd./- Special Land Acquisition Officer**
**Jeypore - Malkangiri New B.G. Rail**
**Link Project-cum-Tahasildar,**
**Boipariguda**

OIPR-24221/14/0002/2526

# ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ମଧ୍ୟ ସମ୍ଭାଗର ବାର୍ଷିକ ସମ୍ମିଳନୀ

## ଆସନ୍ତାବର୍ଷ ବୌଦ୍ଧ ଜିଲାରେ, ନିମନ୍ତ୍ରଣ ଗ୍ରହଣ କଲେ ଜିଲା ମୁଖ୍ୟ

ଅନୁଗୋଳ,୪।୧(ମାନସ ବିଶ୍ୱାଳ)



ଆଜ୍ଞାଥାଳି ଗ୍ରହଣ କରୁଛନ୍ତି ବୌଦ୍ଧ ଜିଲା ମୁଖ୍ୟ।

ଅନୁଗୋଳ ସହର ଉପକଣ୍ଠ ଅଙ୍ଗାରବନ୍ଧ ବାଘସିଂହ ସ୍ଥିତ ବିନୋରୀପୁର ଶ୍ରୀଅଭିରାମ ସେବାଶାନ୍ତି ଆଶ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ମଧ୍ୟ ସମ୍ଭାଗର ବାର୍ଷିକ ସମ୍ମିଳନୀ ରବିବାର ପାଳିତ ହୋଇଯାଇଛି। ଅନୁଗୋଳ ଜିଲା ସଭାପତି ପ୍ରଶାନ୍ତ କୁମାର ରଥ ଏବଂ ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହା ପାଳନ କରାଯାଇଥିଲା ।

ଏହି ବାର୍ଷିକ ସମ୍ମିଳନୀକୁ ୪ଟି ସୂତ୍ରରେ ବିଭକ୍ତ କରାଯାଇଥିଲା । ପ୍ରଥମ ସୂତ୍ରରେ ସଭାକାର୍ଯ୍ୟ, ଦ୍ୱିତୀୟ ସୂତ୍ରରେ ସାଙ୍ଗଠନ ବିଶେଷ, ତୃତୀୟ ସୂତ୍ରରେ ସମାନ୍ତରାଳ ବୈଠକ ଓ ଚତୁର୍ଥ ସୂତ୍ରରେ ପ୍ରସ୍ତାବନ ନିଷ୍ପତ୍ତି ଓ ସମାପନ ସଭା ସାମିଲ ଥିଲା । ପ୍ରତ୍ୟେକ ସୂତ୍ରକୁ ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକ ପରିଚାଳନା କରିଥିଲେ। ଯୋଗଦେଇଥିବା ପଦାଧିକାରୀ ସଭାପତିତ୍ୱ କରିଥିଲେ। ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ସଦସ୍ୟ ସଂସଦକୁ ବଢାଇବା ସହ ଦୀର୍ଘାୟୁ କରିବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିବେକାନନ୍ଦଙ୍କ ନିତି ଆଦର୍ଶରେ ଯୁବପିଢୀଙ୍କୁ ଅନୁପ୍ରାଣିତ କରି ଦେଶର ସାଂସ୍କୃତିକ ମୂଲ୍ୟବୋଧ ଉଜ୍ଜୀବିତ ରଖିବା ପ୍ରୟାସରେ ସଂସଦ ପକ୍ଷରୁ ସାରା ରାଜ୍ୟର ବିଭିନ୍ନ ସ୍କୁଲ କଲେଜରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ସହ ବିବେକାନନ୍ଦ ଜୟନ୍ତୀ ପାଳନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସାରା ଦେଶରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସବୁଜାୟନ କାର୍ଯ୍ୟକ୍ରମ ପାଇଁ ସଦସ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡ.କଳ୍ପନା ବୋଇତ, ଲତିକା ମହାପାତ୍ର, ଯୁଗ୍ମ ସମ୍ପାଦକ, ମଧ୍ୟ ସମ୍ଭାଗ, ରାଜ୍ୟ ସହ ସମ୍ପାଦକ ସିମାଞ୍ଚଳ ମିଶ୍ର, ନିବେଦିତା ରଥ, ପଣ୍ଡିତ ସୁଶାନ୍ତ କୁମାର ତ୍ରିପାଠୀ, ଡ. ପ୍ରବୀର କୁମାର ଦାସ, ବିଭୁତି ଭୂଷଣ ସ୍ୱାଇଁ, ପ୍ରଫେସର ପ୍ରଳୟ କୁମାର ନନ୍ଦ, ଶଙ୍କର୍ଷଣ ଶତପଥୀ, ଜଗତ କିଶୋର ଦାସ ପ୍ରମୁଖ ବିଭିନ୍ନ ସୂତ୍ରର ଅଭିଭାଷଣ ରଖିଥିଲେ। ଅତିଥିଙ୍କ ଦ୍ୱାରା କୃଷ୍ଣଚନ୍ଦ୍ର ସାହୁଙ୍କ ରଚିତ ପୁସ୍ତକ 'ବାଣୀମୁଗ୍ଧା' ପୁସ୍ତକ ଉନ୍ମୋଚନ ହୋଇଥିଲା । ଆଗାମୀ ସମ୍ଭାଗ ସମ୍ମିଳନୀ ବୌଦ୍ଧ ଜିଲାରେ ହେବାକୁ ସ୍ଥିର ହେବାପରେ ବୌଦ୍ଧ ଜିଲା ମୁଖ୍ୟ ଆଜ୍ଞାଥାଳି ଗ୍ରହଣ କରି ଶ୍ରୀଫଳ ବିନିମୟ କରିଥିଲେ।

# ବାଲ୍ୟବିବାହ ନିଷେଧ ପାଇଁ ଶପଥ ପାଠ




ବଇଣ୍ଡା,୪।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ରାମଦେଓ ସରକାରୀ ଉଚ୍ଚବିଦ୍ୟାଳୟରେ ରବିବାର ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ୍‌ଟୁ ଜଷ୍ଟିସ କାର୍ଯ୍ୟକ୍ରମ ଓ ତ୍ରିଧାରା ସାହିତ୍ୟ ସଂସଦର ମିଳିତ ଉଦ୍ୟମରେ ଲୁହାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଦେଓ ସରକାରୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମା ହିଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟର ୨୫ ଜଣ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ, ରଙ୍ଗୋଲି, ସଙ୍ଗୀତ ପ୍ରତିଯୋଗୀତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ତ୍ରିଧାରା ସାହିତ୍ୟ ସଂସଦ ସଭାପତି ଆର୍ ମିଶ୍ର, ଶିକ୍ଷକ ନିତ୍ୟାନନ୍ଦ ବାରିକ ପ୍ରମୁଖ ଯୋଗଦେଇଥିଲେ। ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅତିଥି ବାଲ୍ୟ ବିବାହ ନିଷେଧ ପାଇଁ ଏକ ଶପଥ ପାଠ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ୧୮ରେ ଅନୁଷ୍ଠିତ ହେବାକୁ ଥିବା ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମକୁ ବିଶ୍ୱ ଯୁବକେନ୍ଦ୍ରର କ୍ଷେତ୍ର ଅଧିକାରୀ ଜ୍ୟୋସ୍ନିତା ପ୍ରଧାନ, ସଞ୍ଜୋଯିକା ପୂଜା ସ୍ୱାଇଁ ଓ ପ୍ରକଳ୍ପ ସହାୟିକା ଦୀପି ଦେହୁରି ପ୍ରମୁଖ ସହଯୋଗ କରିଥିଲେ।

# ଟାଙ୍ଗିଆ ଚୋଟରେ ବାପ ପୁଅ ଗୁରୁତର

ବଇଣ୍ଡା,୪।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗଡେଇମୁଣ୍ଡା ଗ୍ରାମର ବଳରାମ କରଣ ଓ ତାଙ୍କ ପୁଅ ସାଜନ କରଣଙ୍କୁ ସେହି ଗ୍ରାମର ଭଗବାନ କରଣ ଏକ ଟାଙ୍ଗିଆରେ ହାଣି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଉଭୟ ବାପ ପୁଅ ଗୁରୁତର ଆହତ ହୋଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଏନେଇ ବଳରାମଙ୍କ ସ୍ତ୍ରୀ ରଜନୀ କରଣ ହଣ୍ଡପା ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨/୨୬ରେ ଏକ ମାମଲା ରୁଜୁକରିଛି। ପୋଲିସ କହିଛି, ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ବଳରାମ ବାହାରେ ବୁଲୁଥିବାବେଳେ ଭଗବାନ ଏକ ଟାଙ୍ଗିଆ ଆଣି ତାଙ୍କ ଘରେ ହାଣିବା ପାଇଁ ଠିଆ ହୋଇଥିଲେ। ଏହାକୁ ପ୍ରତିବାଦ କରିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ଭଗବାନ ପ୍ରଥମେ ସାଜନଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ସାଜନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରେ ପଡ଼ିଥିବାବେଳେ ବଳରାମ ଘରକୁ ଆସିବାରୁ ତାଙ୍କୁ ମଧ୍ୟ ଟାଙ୍ଗିଆରେ ଆକ୍ରମଣ କରିଥିଲେ।

# ଖବର ସଂଗ୍ରହ ସହିତ ଜନକଲ୍ୟାଣ କାର୍ଯ୍ୟ କରିବାକୁ ଆହ୍ୱାନ




ଆଠମଲ୍ଲିକ, ୪।୧ (ଉଦିପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଜାମୁଡୋଲୀ ପଞ୍ଚାୟତ ଦରୁହା ଗ୍ରାମ ନିକଟସ୍ଥ ତଥା ମହାନଦୀ କୂଳରେ ଥିବା ପର୍ଯ୍ୟଟନ ସ୍ଥଳ ମା' ବିନିକେୟୀ ଶକ୍ତିପୀଠ ନିକଟରେ ଓୟୁଜେ ଅନୁବନ୍ଧିତ ଅନୁଗୁଳ ଜିଲ୍ଲା ସାମ୍ବାଦିକ ସଂଘ (ଏଡ଼ିୟୁଜେ) ର ବାର୍ଷିକ ସାଧାରଣ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲା ସଂଘ ସଭାପତି ଅଜିତ କୁମାର ଧର, ଉପସଭାପତି ସୁଧାକର ସାହୁ, ଦିଲୀପ ସାହୁ, କୋଷାଧ୍ୟକ୍ଷ ଦିନେଶ ନାଏକ, ଉପଦେଷ୍ଟା ସନ୍ତୋଷ କୁମାର ମିଶ୍ର, ସହ ସମ୍ପାଦକ ରାଜେଶ କୁମାର ସେକସେରିଆ, ବରିଷ୍ଠ ସାମ୍ବାଦିକ ତଥା କବି ହରପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ସାମ୍ବାଦିକମାନେ ସଂଗଠିତ ହୋଇ ସାମାଜିକ କଲ୍ୟାଣ ଦିଗରେ କାର୍ଯ୍ୟ କରିବାକୁ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶତ୍ରୁଘ୍ନ ସାହୁଙ୍କ ସମେତ ବହୁ ସାମ୍ବାଦିକ ସଂଗଠନକୁ ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ମିଶ୍ର ସଂଘର କର୍ମକର୍ତ୍ତା ଓ କାର୍ଯ୍ୟକ୍ରମକୁ ନେଇ ଏକ ସ୍ୱରଚିତ କବିତା ପାଠ କରିଥିଲେ। ଉପସ୍ଥିତ ଥିବା ସମସ୍ତ ସାମ୍ବାଦିକଙ୍କୁ କର୍ମକର୍ତ୍ତାଙ୍କ ଦ୍ୱାରା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମରେ ମା' ବିନିକେୟୀଙ୍କ ଦର୍ଶନ କରି ସମସ୍ତେ ଆଶିଷ ଭିକ୍ଷା କରିଥିଲେ । ସାମ୍ବାଦିକ ବିନୟ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଯୁବ ସାମ୍ବାଦିକ କମଳାକାନ୍ତ ମିଶ୍ର, ବିଶ୍ୱମ୍ଭର ବେହେରା , ସୁନୀଲ କୁମାର ମିଶ୍ର ସହଯୋଗ କରିଥିଲେ । ଏହି ଅବସରରେ ସାମ୍ବାଦିକ ବୁଲୁ ଦଳେଇ, ଧନଞ୍ଜୟ ନାୟକ ସଂଘର ସଦସ୍ୟତା ଗ୍ରହଣ କରିଥିଲେ । ଜିଲାର ବହୁ ସାମ୍ବାଦିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶେଷରେ ଖବର ଦାତା ସୁବୋଧ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କୂଅରେ ପଡ଼ି ମହିଳା ମୃତ

ସନ୍ତ୍ରୀଛକ,୪।୧(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ଥାନା ଅନ୍ତର୍ଗତ ମହୀଧରପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। କୂଅରେ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ହିନ୍ଦୋଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ରବିବାର ମହିଳାଙ୍କ ମୃତଦେହ କୂଅରୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଉକ୍ତ ଗାଁର ଉର୍ବଶୀ ଭୋଇ(୫୫) ଗତକାଲି ବିଳମ୍ବିତ ରାତିରେ କୌଣସି କାରଣରୁ ଘର ସମ୍ମୁଖରେ ଥିବା ଖୋଲା କୂଅରେ ଖସି ପଡ଼ିଥିଲେ। ପରିବାର ଲୋକେ ରବିବାର ସକାଳୁ ଘରେ ନ ପାଇ ବହୁ ଖୋଜାଖୋଜି କରିଥିଲେ । ବହୁତ ସମୟପରେ କୂଅରେ ତାଙ୍କ ମୃତଦେହ ଭାସୁଥିବା ଦେଖି ହିନ୍ଦୋଳ ଦମକଳ ବହିନୀକୁ ଖବର ଦେଇଥିଲେ। ହିନ୍ଦୋଳ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଜବତ କରି ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହୀଧରପୁର ଫାଣ୍ଡି ଅଧିକାରୀ ମାନସ କୁମାର ମିଶ୍ର ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ହିନ୍ଦୋଳ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର ସିଂହ, ମୁଖ୍ୟ ଆଗ୍ନେକିକ ବିପିନ ବିହାରୀ ପରିଡା, ବିଜୟ କୁମାର ସାହୁ, ସତ୍ୟଜିତ ମିଶ୍ର, ସର୍ବେଶ୍ୱର ବେହେରା, ପ୍ରିୟବ୍ରତ ପରିଡ଼ା, ଅଶୋକ କୁମାର ସ୍ୱାଇଁ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ।

# ଭାଜପା ଯୁବମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର



ପରଜଙ୍ଗ ୪।୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଆଲୋ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଭାଜପା ଯୁବମୋର୍ଚ୍ଚା ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କୁଆଲୋ ଭାଜପା ଯୁବ ମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୮୫ ଜଣ ରକ୍ତଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଶରତ କୁମାର ସାହୁ ,ସରପଞ୍ଚ ଅଜିତ କୁମାର ସାହୁ, ପୂର୍ବତନ ସରପଞ୍ଚ ଅନିଲ କୁମାର ଭୂତିଆ, ଜିଏମ ଆଇରନ ପ୍ଲାଣ୍ଟର କର୍ମଚାରୀମାନେ ଯୋଗଦେଇଥିଲେ ଏବଂ ତାଳଚେର ରକ୍ତଭଣ୍ଡାରର ଡାକ୍ତର ସମେତ ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

# ଅସହାୟଙ୍କୁ କମ୍ବଳ ବଣ୍ଟନ

ଢେଙ୍କାନାଳ,୪।୧(ରତନ ନାୟାର)



ଢେଙ୍କାନାଳ ଜିଲା ସଦର ବ୍ଲକ ମଙ୍ଗଳପୁର ପଞ୍ଚାୟତରେ ଅସହାୟ ଲୋକଙ୍କୁ ଶୁକ୍ରବାର କମ୍ବଳ ବଣ୍ଟନ କରାଯାଇଥିଲା । ମଙ୍ଗଳପୁର ସରପଞ୍ଚ ଲିନା ଦାସ, ଓର୍ଡ୍ଡ ମେମ୍ବର ରୋହିତ ବେହେରା, ଲକ୍ଷ୍ମୀପ୍ରିୟା ବ୍ରହ୍ମ, ସମାଜସେବୀ ମମତା ରାଉତ, ଜିତେନ୍ଦ୍ର ସାହୁ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିଥିଲେ । ପ୍ରାୟ ୩୦ଜଣ ଅସହାୟ ମହିଳା ଓ ପୁରୁଷଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରାଯାଇଥିଲା । ଏଥିସହିତ ଛୋଟଛୋଟ ପିଲାଙ୍କୁ ବିସ୍କୁଟ ପ୍ରଦାନ କରାଯାଇଥିଲା ।

# ବାଗଡ଼ିଆଠାରେ ହିନ୍ଦୁ ସମ୍ମିଳନୀ ପାଇଁ ବୈଠକ



ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି ।

ଛେଣ୍ଡିପଦା,୪।୧(ଅଜିତ୍ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ବାମନାଳୀର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ରବିବାର ହିନ୍ଦୁ ସମ୍ମିଳନୀ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୂଆଗାଁ ମଠର ବାବା ଅଜୟ ଦାସଙ୍କ ଅଧ୍ୟକ୍ଷତାରେ ବାଗଡ଼ିଆ ମଣ୍ଡଳର ବୁଦ୍ଧିଜୀବୀ ଓ କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଯୋଜକ ଭାବେ ଇନ୍ଦ୍ରମଣି ସାହୁ ଓ କୋଷାଧ୍ୟକ୍ଷ ଭାବେ ଅଧ୍ୟାପକ ବୁଦ୍ଧଦେବ ପ୍ରଧାନ ଏବଂ ସମସ୍ତ ଗ୍ରାମର ସଭାପତି ସହସଂଯୋଜକ ଭାବେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ମାଘ ଶୁକ୍ଳପକ୍ଷ ଦଶମୀ ତିଥି ଜାନୁୟାରୀ ୨୮ ରେ ବାଗଡ଼ିଆ କଦମ୍ବଛକଠାରେ ଗୋ ପୂଜନ, ହିନ୍ଦୁ ସମ୍ମିଳନୀ ଓ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି। ଏଥିରେ ବାଗଡ଼ିଆ, ବସନ୍ତପୁର, ଶିମିଳିପାଳ, ବରସାହି, ଟାଙ୍ଗିରି, ପାଟକୁମୁଣ୍ଡା ଗ୍ରାମ ପଞ୍ଚାୟତର ଶତାଧିକ ଭକ୍ତ ଯୋଗଦେଇ ହିନ୍ଦୁ ସମ୍ମିଳନୀକୁ ସଫଳ କରିବା ପାଇଁ ନିଜର ମତବ୍ୟକ୍ତ କରିଥିଲେ। ବୈଠକରେ ଜିଲା ପରିଷଦ ଯଶୋବନ୍ତ ବେହେରା, ଡ. ବିରଞ୍ଚି ନାରାୟଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ହିନ୍ଦୁମାନଙ୍କ କର୍ତ୍ତବ୍ୟ ଓ ହିନ୍ଦୁଧର୍ମର ବିକାଶ ପାଇଁ ସଚେତନତା ସୃଷ୍ଟି ହେବା ବିଧେୟ ବୋଲି ମତବ୍ୟକ୍ତ କରିଛନ୍ତି। ହିନ୍ଦୁ ଭାବେ ସମସ୍ତେ ଗଳାରେ ଫିତା ପକାଇବା ଓ କପାଳରେ ତିଳକ ମାରିବା ପାଇଁ ଶପଥପାଠ ଗ୍ରହଣ କରିଛନ୍ତି । ବୈଠକରେ ବୟୋଜ୍ୟେଷ୍ଠ ସଭ୍ୟ ତଥା ଶିକ୍ଷାବିତ୍ ବିପିନି ବିହାରୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଭକ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଛି।

# ଧରଣୀଧରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଉଛି ।

ବନ୍ତଳା,୪।୧(ସୁଶିତ ସାହୁ)

ଅନୁଗୋଳ ବ୍ଲକ ତଳଗଡ଼ ଗାଁର ମୁରବୀ ତଥା ସାମାଜିକକର୍ମୀ ଧରଣୀଧର ସାହୁଙ୍କ ପ୍ରତିମୂର୍ତ୍ତି ରବିବାର ଉନ୍ମୋଚିତ ହୋଇଯାଇଛି। ଏନେଇ ତଳଗଡ଼ ହାଇସ୍କୁଲ ଛକ ନିକଟରେ ସ୍ଥାପିତ ଧରଣୀଧରଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ତ୍ରିଲୋଚନ୍ ପ୍ରଧାନଙ୍କ ଦ୍ୱାରା ଆୟୋଜିତ ଏକ ସ୍ମୃତିସଭା ହୋଇଥିଲା। ଏଥିରେ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ବୁଦ୍ଧିଜିବୀ, ଶିକ୍ଷାବିତ୍ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ସାମାଜିକ କର୍ମୀ ବିପ୍ଳବ ଜେନା, ପୂର୍ବତନ ଜିଲା ପରିଷଦ ଭାଗିରଥି ମାଝୀ, ଆଇନଜୀବୀ ସରୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଧରଣୀଧରଙ୍କ ସ୍ମୃତିଚାରଣ କରିବା ସହ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।

# ବିଲ ମଝିରେ ବିଷପିଇ ଦମ୍ପତି ଗୁରୁତର

ଛେଣ୍ଡିପଦା,୪।୧(ଅଜିତ୍ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା କନକପଡା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଘରଠାରୁ ମାତ୍ର ୪ କି.ମି. ଦୂରରେ କାଠପାଳ ଗାଁ ନିକଟସ୍ଥ ବିଲ ମଝିରେ ରବିବାର ଦମ୍ପତି ବିଷପିଇ ଗୁରୁତର ଅବସ୍ଥାରେ ପଡ଼ିଥିବା ଖବରପାଇ ପରିବାର ଲୋକ ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରିଛନ୍ତି। ଗୁରୁତର ଦମ୍ପତି ହେଲେ କନକପଡା ଗାଁର ରଜତ ସାହୁ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଝୁନୁ ବେହେରା। ସୂଚନା ଅନୁଯାୟୀ, କନକପଡା ଗାଁର ରଜତ ସେହି ଥାନା ଘୁଣ୍ଟୁଲିପଶି ଗ୍ରାମର ଝୁନୁଙ୍କୁ ପ୍ରେମକରି ଦ୍ୱିତୀୟ ସ୍ତ୍ରୀ ଭାବେ ରଖିଥିଲେ। ଫଳରେ ରଜତଙ୍କ ସହ ତାଙ୍କ ପ୍ରଥମ ସ୍ତ୍ରୀ ମିତାରାଣୀ ସାହୁ ଏବଂ ପରିବାର ମଧ୍ୟରେ ଝଗଡା ଲାଗି ରହିଥିଲା । ଏନେଇ ରଜତ ଝୁନାଙ୍କୁ ନେଇ ପରିବାର ଠାରୁ ୪କି.ମି. ଦୂରରେ କାଠପାଳ ଗାଁ ନିକଟରେ ରହୁଥିଲେ। ତେବେ ଉଭୟ ଦମ୍ପତି ଏକ ବିଲ ଭିତରେ ବିଷପିଇ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ରଜତଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ରଜତଙ୍କ ମା' ସରସ୍ୱତୀ ଓ ପ୍ରଥମ ସ୍ତ୍ରୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ତେବେ କେଉଁ କାରଣରୁ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଜଣା ପଡ଼ିନାହିଁ। ପାରିବାରିକ କଳହକୁ ନେଇ ଉଭୟେ ବିଷ ପିଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି।

# ପବିତ୍ରନଗର କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ପବିତ୍ରନଗର,୪।୧(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ପବିତ୍ରନଗର କ୍ଲବ ଦ୍ୱାରା ଆୟୋଜିତ ପବିତ୍ରନଗର କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଆୟୋଜକ ଟିମ ପବିତ୍ରନଗର

## ପ୍ରଥମ ମ୍ୟାଚରେ ବେଙ୍ଗାଲୁରୁ ଚାମ୍ପିୟନ

ଓ ବାଙ୍ଗାଲୋର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ବେଙ୍ଗାଲୁରୁ ଟିମ୍ ବିଜୟୀ ହୋଇଥିଲା । ବିଜୟୀ ଟିମ୍‌ର ରାଗା କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବେ ବଅଁରପାଳର ସାମାଜିକ କର୍ମୀ ଦେବବ୍ରତ ସାମଲ ଯୋଗଦେଇଥିଲେ। ଅମ୍ପାୟାର ଭାବେ ପ୍ରସନ୍ନ କୁମାର ସାହୁ ଓ ଶିଶୁପାଳ ପ୍ରଧାନ ଖେଳ ପରିଚାଳନା କରିଥିଲେ। ସୁବାସ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସଭାପତି ଜିତେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଜ୍ଞାନ ରଞ୍ଜନ ଜ୍ୟୋତିଷଙ୍କ ସମେତ ସମସ୍ତ କ୍ଲବ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଛନ୍ତି। ସୋମବାର ବାଙ୍ଗାଲୋର ଓ ତାଳଚେର ୟୁଥ୍ ସ୍ପୋର୍ଟିଂ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କ୍ଲବ ତରଫରୁ ସୂଚନା ମିଳିଛି।

# ଝାଡ଼ବନ୍ଧରେ ପୌଷ ପୂର୍ଣ୍ଣିମା ମହୋତ୍ସବ

ସାତମାଇଲ,୪।୧(ସୁଶାନ୍ତ ପତି)



ଢେଙ୍କାନାଳ ଜିଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଗାଲପଡ଼ା ପଞ୍ଚାୟତ ଅନ୍ତର୍ଗତ ଝାଡ଼ବନ୍ଧରେ ପୌଷପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଝାଡ଼ବନ୍ଧରେ ପୋଲିସ, ବ୍ଲକ ପ୍ରଶାସନ ଏବଂ ଝାଡବନ୍ଧ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଝାଡବନ୍ଧ ପୌଷ ମହୋତ୍ସବ ଓ ପୌଷ ପୂର୍ଣ୍ଣିମା ଯାତ୍ରା ପାଳିତ ହୋଇଯାଇଛି । ସୂଚନା ଅନୁଯାୟୀ, ଆଜକୁ ପ୍ରାୟ ୬ବର୍ଷ ହେଲା କାରଖାନାରେ କାର୍ଯ୍ୟଦେଶକୁ ନେଇ ଗ୍ରାମରେ ଗୋଷ୍ଠୀ ବିବାଦ ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। ଫଳରେ ପୌଷ ମହୋତ୍ସବ ବନ୍ଦ ରହିଥିଲା। କିନ୍ତୁ ଗ୍ରାମର ଯୁବଗୋଷ୍ଠୀ ବାରମ୍ବାର ଉଦ୍ୟମ କରି ଶାନ୍ତି ଫେରାଇ ଆଣିବାକୁ ଚେଷ୍ଟା କରିଆସିଥିଲେ। ଚଳିତ ବର୍ଷ ଜିଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଶାନ୍ତିଶୃଙ୍ଖଳା ସହ ଏହି ପୌଷମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ପୁରୁଣାସାହି ଠାରୁ ମା'ଙ୍କୁ ନୂତନ ଡାଲାରେ ସଜ୍ଜିତ କରି ନାମ ସଂକୀର୍ତ୍ତନ, ହରିବୋଲ ଓ ହୁଳହୁଳି ଧ୍ୱନିରେ ଗ୍ରାମ ପରିକ୍ରମା କରାଯାଇଥିଲା । ସେଠାରେ ମା' ଙ୍କୁ ମନ୍ଦିରରେ ବିଜେ କରାଯାଇଥିଲା। ନିତ୍ୟ ପୂଜକ ଗଜାନନ ସାହୁ ଯଥାବିଧି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ । ଏଥିରେ ବହୁ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଦର୍ଶନ ଲାଭକରି ପ୍ରସାଦ ସେବନ କରିଥିଲେ। ଦୀର୍ଘବର୍ଷ ପରେ ଗ୍ରାମକୁ ଖୁସି ଫେରିଆସିଥିବାରୁ ଗ୍ରାମବାସୀ ଉତ୍ସାହିତ ଦେଖିବାକୁ ମିଳିଥିଲା ।

# ଲାଞ୍ଚ ନେଇ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ଗିରଫ



ଭୁବନେଶ୍ୱର ଶିଶୁପାଳଗଡ଼ସ୍ଥିତ ଥାନାଧିକାରୀ ବିଜୟ କୁମାର ବାରିକଙ୍କ ଘରୁ ଜବତ ଟଙ୍କା।

## ମଦ ଦୋକାନୀଙ୍କଠୁ ଟଙ୍କା ନେବା ବେଳେ ଧରାପଡ଼ିଲେ

- ସରକାରୀ କ୍ୱାର୍ଟର୍ସରୁ ମିଳିଲା ନଗଦ ୪.୯୬ ଲକ୍ଷ, ଦାମୀ ସାମଗ୍ରୀ
- ଜାମିନ ନାମଞ୍ଜୁର ପରେ ଜେଲ ଗଲେ ଇନ୍ସପେକ୍ଟର ବିଜୟ



ଗିରଫ ଥାନାଧିକାରୀ ବିଜୟ କୁମାର ବାରିକ

ଭୁବନେଶ୍ୱର, ୪।୧ (ସତ୍ୟଜିତ ରାଉତ)/ କଟକ (କାର୍ତ୍ତିକ ସାହୁ)

କମିଶନରେଟ୍ ପୋଲିସର କଟକ ସହରାଞ୍ଚଳ ପୋଲିସ ଜିଲା ଅଧୀନ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟ କୁମାର ବାରିକ ଭିଜିଲାନ୍ସ ଜାଲରେ ଫସିଛନ୍ତି। ରବିବାର ସକାଳେ ଭୁବନେଶ୍ୱର ରାଜମହଲ ଛକ ନିକଟରେ ଜଣେ ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବିଜୟଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରିଛି। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏନେଇ ଭିଜିଲାନ୍ସ ସେଲ୍ ଡିଭିଜନ ଥାନା ପକ୍ଷରୁ ଏକ ମାମଲା (ନଂ.୧/୨୦୨୬) ପଞ୍ଜୀକୃତ ହୋଇଛି। ଅଭିଯୁକ୍ତ ବିଜୟଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ବିଜୟଙ୍କ ଅଫିସ ଚାମ୍ବର ଓ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢ଼ାଉ କରାଯାଇଥିଲା। ତେବେ ସରକାରୀ କ୍ୱାର୍ଟର୍ସରୁ ୪ ଲକ୍ଷ ୯୬ ହଜାର ୧୨୦ ଟଙ୍କା ଜବତ କରାଯାଇଛି। ଏଥିସହ ତାଙ୍କ ନିକଟରୁ ବିଭିନ୍ନ ଦାମୀ ଘଣ୍ଟା ମଧ୍ୟ ଠାବ କରାଯାଇଛି। ସେହିପରି ଶିଶୁପାଳଗଡ଼ରେ ଥିବା ବିଜୟଙ୍କ ୩ ମହଲା କୋଠା ଓ କେନ୍ଦ୍ରାପଡ଼ା ଜିଲା ଡେରାବିଶସ୍ଥିତ ପୈତୃକ ଗାଁରେ ନବନିର୍ମିତ ୨ ମହଲା କୋଠା ମଧ୍ୟ ଠାବ କରାଯାଇଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, ଅଭିଯୋଗକାରୀ ମଦ ବ୍ୟବସାୟୀ ଜଣକ କଟକ ସିଆର୍‌ଆର୍‌ଆଇ ଥାନା ଅଞ୍ଚଳରେ ମଦ ଦୋକାନ କରିଛନ୍ତି। ତାଙ୍କୁ ବିଭିନ୍ନ ସମୟରେ ଥାନାଧିକାରୀ ବିଜୟ ଟଙ୍କା ଦାବି କରିବା ସହ ବ୍ୟବସାୟ ଚଳାଇ ନ ଦେବାକୁ ଧମକ ଦେଉଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ମଦ ବ୍ୟବସାୟୀ ଜଣକ ଭିଜିଲାନ୍ସ ନିକଟରେ ଶନିବାର ଅଭିଯୋଗ କରିଥିଲେ। ଯୋଜନା ମୁତାବକ ସକାଳ ପ୍ରାୟ ୮ଟା ବେଳେ ରାଜମହଲ ଛକ ରାସ୍ତାରେ ମଦ ବ୍ୟବସାୟୀଙ୍କଠାରୁ ବିଜୟ ଟଙ୍କା ନେବା ପରେ ପ୍ୟାଣ୍ଟ ପକେଟ୍‌ରେ ରଖିଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ସେଠାରେ ଚଢ଼ାଉକରି ବିଜୟଙ୍କୁ କାବୁ କରିଥିଲା। ତେବେ ବିଜୟଙ୍କ ଆର୍ଥିକ ନିବେଶ ଓ କାରବାର ନେଇ ଭିଜିଲାନ୍ସ ଅଧିକ ଯାଞ୍ଚ ଚଳାଇଛି। ୨୦୧୨ ସେପ୍ଟେମ୍ବର ୨୧ରେ ଅଭିଯୁକ୍ତ ବିଜୟ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ୨୦୧୪ ଜାନୁଆରୀରୁ ୨୦୧୯ ଫେବୃଆରୀ ଯାଏ ସେ ବୌଦ୍ଧ ଜିଲାର ବିଭିନ୍ନ ଥାନାରେ ଏସ୍‌ଆଇ ଭାବେ କାର୍ଯ୍ୟ କରିଥିଲେ। ୨୦୧୯ ମାର୍ଚ୍ଚରେ ବିଜୟ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଅବସ୍ଥାପିତ ହୋଇଥିଲେ। ସେ ଆଇଆଇସି ଭାବେ ୨୦୨୧ ନଭେମ୍ବରରୁ ଟ୍ୱିନ୍ ସିଟି କମିଶନରେଟ୍ ପୋଲିସରେ କାର୍ଯ୍ୟ କରିଥିଲେ। ୨୦୨୪ ଫେବୃଆରୀରୁ ବିଜୟ କଟକ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ଭାବେ ଦାୟିତ୍ୱ ନେଇଥିଲେ।

# ଦିନରେ ମିଟର ରିଡର, ରାତିରେ ଚୋରି

## ୪ ଚୋରି ଘଟଣାର ୨ ଅଭିଯୁକ୍ତ ଗିରଫ

ପାରଳାଖେମୁଣ୍ଡି,୪।୧ (ଗିରିଧାରୀ ପରିଚ୍ଛା)



ଗିରଫ ହୋଇଥିବା ୨ ଅଭିଯୁକ୍ତ।

ଗଜପତି ଜିଲାର ଦୁଇଟି ଥାନା ଅଞ୍ଚଳରେ ହୋଇଥିବା ୪ଟି ଚୋରି ମାମଲାର ପର୍ଦ୍ଦାଫାଶ କରିଛି ପୋଲିସ। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପାରଳାଖେମୁଣ୍ଡି ସହର କଣ୍ଡରାସାହିର ଦୁର୍ଗା ପ୍ରସାଦ ବେଣିଆ (୨୮) ଓ ଦେବୀ ମଣ୍ଡଳ (୩୫)। ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଦୁର୍ଗାଙ୍କ ସହଯୋଗୀ ହେଉଛନ୍ତି ଦେବୀ। ଦୁର୍ଗା ଟିପିଏସ୍‌ଓଡିଏଲ୍‌ର ମିଟର ରିଡର ଭାବେ କାର୍ଯ୍ୟ କରନ୍ତି। ସେ ମିଟର ରିଡିଂ ପାଇଁ ଘରକୁ ଘର ବୁଲିବା ସମୟରେ କାହା ଘରେ କେତେ ଦିନ ହେଲା ତାଲା ପଡିଛି, କିଏ କେତେ ଦିନ ହେଲା ଘରେ ନାହିଁ, ତାହାର ତଥ୍ୟ ସଂଗ୍ରହ କରନ୍ତି। ତଦନୁଯାୟୀ ଯୋଜନାବଦ୍ଧ ଭାବେ ସହଯୋଗୀ ଦେବୀଙ୍କ ସହ ସେ ସମ୍ପୃକ୍ତ ଘରେ କଳାକନା ବୁଲାଉଥିଲେ। ତେବେ ଉଭୟଙ୍କୁ ସିସିଟିଭି ଫୁଟେଜ୍ ଧରାଇ ଦେଇଛି ବୋଲି ଏସ୍‌ପି କହିଛନ୍ତି।

ଏସ୍‌ପିଙ୍କ ସୂଚନାନୁଯାୟୀ, ଦୁଇ ଅଭିଯୁକ୍ତ ଗତ ଜୁନ ୨୨ରେ ପାରଳାଖେମୁଣ୍ଡି ଗଜେନ୍ଦ୍ର ସାହିର ବ୍ୟବସାୟୀ ସନ୍ଦୀପଙ୍କ ଘରେ ପଶି ୧୦ କେଜିରୁପା ଓ ୩୩ ଗ୍ରାମ ସୁନା ଅଳଙ୍କାର ଲୁଟି ନେଇଥିଲେ। ସେହିପରି ଗୁରାଣ୍ଡି ଥାନା ଅନ୍ତର୍ଗତ ମଧୁର ନାରାୟଣପେଟା ଗ୍ରାମର ବ୍ୟବସାୟୀ ଟି. ଲବକୁମାର ନଭେମ୍ବର ୧୪ରେ ସପରିବାର ତିରୁପତି ଯାଇଥିଲେ। ଏହି ଦୁଇ ଅଭିଯୁକ୍ତ ଲବଙ୍କ ଭେଣ୍ଟିଲେଟର ଭାଙ୍ଗି ଘରେ ପଶି ୧ଲକ୍ଷ ଟଙ୍କା, ୨ ତୋଳା ସୁନା ଅଳଙ୍କାର ସହ ରୁପାର ସାମଗ୍ରୀ ଚୋରି କରି ନେଇଯାଇଥିଲେ। ଡିସେମ୍ବର ୧୨ରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ବାଟଗୌଡସାହି ଛକଠାରେ ରହୁଥିବା ବରିଷ୍ଠ ଖବରଦାତା ଦିଜେନ୍ଦ୍ରନାଥ ପାଢ଼ୀଙ୍କ ଘରେ କେହି ପରିବାର ଲୋକେ ନ ଥିବା ସୁଯୋଗରେ ଅଭିଯୁକ୍ତ ଦ୍ୱୟ ରାତି ୮ଟାରେ ସ୍କାଏ ଲାଇଟ ଭାଙ୍ଗି ପଶିଥିଲେ। ଏହାପରେ ଲକର ଭାଙ୍ଗି କିଛି ସୁନାଗହଣା ଏବଂ ୨୫ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ। ଏନେଇ ଡିସେମ୍ବର ୧୩ରେ ଥାନାରେ ଅଭିଯୋଗ ହୋଇଥିଲା। ପରେ ଡିସେମ୍ବର ୨୭ରେ କୁମୁଟି ସାହିର କେ.ନାରାୟଣ ରାଓଙ୍କ ଘରେ ପଶି ଏହି ଦୁଇ ଦୁର୍ବୃତ୍ତ ୧ କେଜି ୫୦୦ ଗ୍ରାମର ରୁପା ସାମଗ୍ରୀ ସହ ୪୦ ହଜାର ଟଙ୍କା ଚୋରି କରିନେଇଥିଲେ। ତଦନ୍ତ ବେଳେ ସିସିଟିଭି ଫୁଟେଜ ଓ ଟେକ୍ନୋଲୋଜି ବ୍ୟବହାର କରି ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତଙ୍କ ପାଖରୁ ୧୧୪ ଗ୍ରାମ ସୁନା, ୯ କିଲୋ ରୁପା, ୩୩ ହଜାର ଟଙ୍କା, ୨ଟି ମୋବାଇଲ ଫୋନ, ଗୋଟିଏ ହାର୍ଲେ ଡେଭିଡସନ ବାଇକ୍ ଓ ଗୋଟିଏ ସ୍କୁଟି ଜବତ କରାଯାଇଥିବା ଏସ୍‌ପି ପଣ୍ଡା କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପଆରକ୍ଷୀ ଅଧୀକ୍ଷକ ଅମିତାଭ ପଣ୍ଡା, ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକ, ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ଗୁରାଣ୍ଡି ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦାଦାଙ୍କ ଠେଙ୍ଗାମାଡ଼ରେ ପୁତୁରା ମୃତ, ୨ ଗିରଫ

କେନ୍ଦ୍ରାପଡ଼ା, ୪।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଚକ୍ରୋଡ଼ା ପଞ୍ଚାୟତର ନରିଲୋ ଗ୍ରାମରେ ଶନିବାର ରାତିରେ ଜମିବାଡ଼ି ବିବାଦରୁ ଦାଦାଙ୍କ ଠେଙ୍ଗାମାଡ଼ରେ ପୁତୁରା ଉପେନ୍ଦ୍ର ଓଝାଙ୍କ ମୃତ୍ୟୁ ଘଟିଛି। ଏଥିସହ ଉପେନ୍ଦ୍ରଙ୍କ ମା' ସଞ୍ଜୁକ୍ତା ଓ ବାପା ସରୋଜକାନ୍ତ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି।

ଉପେନ୍ଦ୍ରଙ୍କ ସ୍ତ୍ରୀ ସୁଷମାଙ୍କ ଅଭିଯୋଗ ଅନୁଯାୟୀ, ରାଜକିଶୋର ଓଝା ଓ ସରୋଜକାନ୍ତ ଓଝା ୨ ଭାଇ। ଉଭୟଙ୍କ ମଧ୍ୟରେ ପ୍ରାୟ ୮ବର୍ଷ ଧରି ଜମି ବିବାଦ ଲାଗିରହିଛି। ସରୋଜକାନ୍ତ ବିବାଦୀୟ ଜମି ଉପରେ ଗୃହ ନିର୍ମାଣ କରୁଥିବା ରାଜକିଶୋର ଅଭିଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ ଗ୍ରାମବାସୀଙ୍କ ସହଯୋଗରେ ଏହି ବିବାଦ ସମାପ୍ତ ପାଇଁ ଉଭୟ ପରିବାର ବସିଥିଲେ। ତେବେ ଗ୍ରାମବାସୀଙ୍କ ସମାଧାନରେ ରାଜକିଶୋର ପରିବାର ସହମତି ପ୍ରକାଶ ନ କରି ସଭାସ୍ଥଳରୁ ପଳାଇ ଯାଇଥିଲେ। କିଛି ସମୟ ପରେ ରାଜକିଶୋର, ସ୍ତ୍ରୀ ପ୍ରଣତି, ପୁଅ ଉମାକାନ୍ତ ଓ ଝିଅ ତପିନା ହାତରେ ଠେଙ୍ଗା, ଶାବଳ ଆଦି ଧରି ସରୋଜକାନ୍ତଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସରୋଜକାନ୍ତ, ସଞ୍ଜୁକ୍ତା ଓ ଉପେନ୍ଦ୍ର ଗୁରୁତର ହୋଇଥିଲେ। ଗ୍ରାମବାସୀ ସେମାନଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଉପେନ୍ଦ୍ରଙ୍କ ମୃତ୍ୟୁ ହୋଇଛି। ଏହି ଆକ୍ରମଣ ଘଟଣା ସିସିଟିଭିରେ ରହିଥିବା ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୭/୨୬ରେ ମାମଲା ରୁଜୁ କରିଛି। ଅପରପକ୍ଷରେ ରାଜକିଶୋରଙ୍କ ସ୍ତ୍ରୀ ପ୍ରଣତିଙ୍କ ଅଭିଯୋଗ ଅନୁଯାୟୀ, ବିବାଦୀୟ ଜମି ଉପରେ ଗୃହ ନିର୍ମାଣକୁ ବିରୋଧ କରିବାରୁ ସରୋଜକାନ୍ତଙ୍କ ପରିବାର ଆକ୍ରମଣ କରିଛନ୍ତି। ପୋଲିସ ଏହି ଅଭିଯୋଗକୁ ଭିତ୍ତିକରି ନଂ. ୬/୨୬ରେ ମାମଲା ରୁଜୁ କରିଛି। ଏ ସମ୍ପର୍କରେ ଥାନା ଅଧିକାରୀ ଶୁଭେନ୍ଦୁ ସାହୁଙ୍କୁ ପଚାରିବାରେ ଉଭୟପକ୍ଷଙ୍କ ଅଭିଯୋଗ ପତ୍ରକୁ ଭିତ୍ତିକରି ତଦନ୍ତ କରାଯାଉଛି। ଘଟଣାରେ ସମ୍ପୃକ୍ତ ରାଜକିଶୋରଙ୍କ ସ୍ତ୍ରୀ ପ୍ରଣତି ଓ ପୁଅ ଉମାକାନ୍ତଙ୍କୁ ଗିରଫ କରାଯାଇଛି ବୋଲି ସେ କହିଛନ୍ତି। ରାଜକିଶୋରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

# ବୋମା ଖାଇ ବାର୍‌ହା ମୃତ, ୩ ଗିରଫ

ଭଞ୍ଜନଗର,୪।୧ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡ ଅନ୍ତର୍ଗତ ବେଲଗୁଣ୍ଠା ରୋଡ କନ୍ଧସାହି ନିକଟରୁ ପୋଲିସ ରବିବାର ୩ ଜଣ ବାରହା ଶିକାରୀଙ୍କୁ ଗିରଫ କରି ବନ ବିଭାଗକୁ ହସ୍ତାନ୍ତର କରିଛି। ଏଥିସହ ମୃତ ବାରହାକୁ ମଧ ହସ୍ତାନ୍ତର କରାଯାଇଛି। ପରେ ବନ ବିଭାଗ ବାର୍‌ହାର ବ୍ୟବଚ୍ଛେଦ କରି ତଦନ୍ତ ଜାରି ରଖିଛି। କେତେଜଣ ଯୁବକ ବାର୍‌ହା ଶିକାର ପାଇଁ ଲୋହରାଖଣ୍ଡି ନଦୀରେ ବୋମାରେ ମାଂସଗୁଣ୍ଡ ବୋଳି ବିଛାଇଥିଲେ। ଗୋଟିଏ ବାର୍‌ହା ଉକ୍ତ ବୋମାକୁ ମାଂସ ଗୁଳା ଭାବି ଖାଇବା ପରେ ଏହା ଫୁଟି ଯାଇଥିଲା। ଫଳରେ ବାର୍‌ହାର ମୁହଁରେ ବୋମା ଫାଟିଯିବା ସହ ସେଠାରେ ତାହାର ମୃତ୍ୟୁ ହୋଇଥିଲା। ପରେ ଅଭିଯୁକ୍ତମାନେ ବାରହା ମାଂସ କାଟିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସୂଚନା ପାଇ ପୋଲିସ ଘଟଣା ସ୍ଥଳରେ ଚଢାଉ କରି ୩ ଜଣଙ୍କୁ ଧରିଥିଲା।

# କାର୍ ପାଇଁ ନବବଧୂଙ୍କୁ ହତ୍ୟା ଅଭିଯୋଗ



ସଞ୍ଜନା ମିସ୍ତ୍ରୀ

ଉମରକୋଟ,୪।୧ (ସନ୍ତୋଷ ଶତପଥୀ)

ବିବାହକୁ ମାତ୍ର ଦେଢ଼ ବର୍ଷ ହୋଇଛି । କାନ୍ଥରେ ଲେଖା ହୋଇଥିବା ଚିତା ନ ଲିଭିବା ପୂର୍ବରୁ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ରବିବାର ସକାଳେ ଜବତ କରିଛି। ମୃତ ମହିଳା ହେଲେ ନବରଙ୍ଗପୁର ଜିଲା ଉମରକୋଟ ଡିଏନ୍‌କେରେ ରହୁଥିବା ଅନୁପମ ଚାନ୍ଦଙ୍କ ସ୍ତ୍ରୀ ସଞ୍ଜନା ମିସ୍ତ୍ରୀ (୨୫)। ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକେ କହୁଥିବାବେଳେ ଯୌତୁକରେ ଏକ କାର ଆଣିବା ପାଇଁ ଦାବି କରି ଆମ ଝିଅକୁ ହତ୍ୟା କରାଯାଇଥିବା ସଞ୍ଜନାଙ୍କ ବାପା ପ୍ରଭାସ କୁମାର ମିସ୍ତ୍ରୀ ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ସଞ୍ଜନାଙ୍କ ସ୍ୱାମୀ ଅନୁପମଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ପ୍ରଭାସଙ୍କ ଅଭିଯୋଗ ଅନୁଯାୟୀ, କାବୁଲ ଚାନ୍ଦଙ୍କ ସାନପୁଅ ଅନୁପମ ୧୫।୭।୨୦୨୪ରେ ବଙ୍ଗୀୟ ରୀତିନୀତି ଅନୁସାରେ ରାଇଘର ନିକଟସ୍ଥ ପାରୁଆ ଗ୍ରାମ ପଞ୍ଚାୟତର ଛତାବେଡ଼ା ଗ୍ରାମର ପ୍ରଭାସଙ୍କ ଝିଅ ସଞ୍ଜନାଙ୍କୁ ବିବାହ କରିଥିଲେ। ସଞ୍ଜନା ଜଣେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ବାହାଘରର ମାତ୍ର ୧୦ ଦିନ ପରେ ଅନୁପମଙ୍କ ସହ ତାଙ୍କ ପରିବାର ଲୋକେ ଯୌତୁକରେ ଏକ କାର ଆଣିବାକୁ ଦାବି କରି ସଞ୍ଜନାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। କାର ନ ଆଣିଲେ ତାଙ୍କୁ ଜୀବନରେ ମାରିଦେବେ। ତେଣୁ ତାଙ୍କୁ ସେଠାରୁ ନେଇଯାଅ ବୋଲି ବୋଲି ଶନିବାର ରାତିରେ ସଞ୍ଜନା ତାଙ୍କ ଦାଦାଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଘଟଣାର ସମାଧାନ ପାଇଁ ପ୍ରଭାସ ରବିବାର ଆସିବାକୁ ବାହାରିଥିଲେ। ହେଲେ ରବିବାର ସକାଳ ୬ଟାରେ ସଞ୍ଜନା ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ ଦେଇଥିଲେ ବୋଲି ପ୍ରଭାସ କହିଛନ୍ତି। ଆମ ଝିଅ ଆତ୍ମହତ୍ୟା କରି ନାହିଁ, ବରଂ ଶାଶୁ ଘର ଲୋକେ ମିଶିକି ତାକୁ ମାରି ଦେଇଛନ୍ତି ବୋଲି ସେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଶ୍ୱଶୁର କାବୁଲ ବୋହୂକୁ ନିର୍ଯାତନା ଦେବା କଥାକୁ ଖଣ୍ଡନ କରିଛନ୍ତି। ପୁଅ ଓ ବୋହୂ ଭିତରେ ସମ୍ପର୍କ ଭଲ ଥିଲା, କିନ୍ତୁ କେଉଁ କାରଣ ପାଇଁ ସେ ଆତ୍ମହତ୍ୟା କରିଛନ୍ତି ଆମେ ଜାଣିନାହୁଁ ବୋଲି କାବୁଲ କହିଛନ୍ତି। ଏ ନେଇ ପୋଲିସ ନଂ.୨/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି । ଘଟଣାସ୍ଥଳରେ ନବରଙ୍ଗପୁର ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି।

**OFFICE OF THE MUNICIPAL COUNCIL, SONEPUR**
Ph-06654-220475, e-Mail : sonepurm.hud@nic.in
Letter No.3323/Dt.31.12.2025
**CORRIGENDUM NOTICE**
**No.C-1981** : In continuation to this office bid identification No-SNP-MUN-33/2025-26 invited vide this office TCN No-3294 Dt.24.12.2025, partial modification/addition of TCN has been made as follows.

| Tender Sl. No. | Name of the Work | Class of Contractor as per Original TCN | Class of Contractor as per Corrigendum |
|---|---|---|---|
| 2. | Development of Nuabandha W.No-5 & 7 in Sonepur Municipality | B or Equivalent | B & A |

**Instruction to Bidder**
The Bidder must be provided experience of Minimum Quantity of more than 75% earth work on embankment of pond, river, canal & road work in any Finanacial Year in the Last Five Year i.e. 2020-21 to 2024-25.
The other term & conditions as per DTCN are remain Un-changed and can be seen in Govt.website i.e. www.tendersodisha.gov.in.
Sd./- Executive Officer
Sonepur Municipality
OIPR-13098/11/0039/2526

**GOVERNMENT OF ODISHA** No.B-925
**OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR**
Phone/Fax : 0680-2233996, e-mail : sernb2.ganjam@gmail.com
INVITATION FOR BIDS (IFB)[e-Procurement]
**TENDER CALL NOTICE**
**Bid Identification No. SC (R&B)-GM-II-26/2025-26 No. Dated.29.12.2025**
1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Double cover system (composite) to be received in **ONLINE MODE** only for the work as detailed below :
2) Nature of Work : Building work
3) No. of work : 01 No.
4) Tender Cost : Rs.10,000/-
5) Class of Contractor : 'B' Class
6) Availability of bid documents in the website : From 07.01.2026 10.00 AM to 20.01.2026 4.00 P.M.
7) Date of opening of Bid : 21.01.2026 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The bidders must submit all the original uploaded documents within 03 days from opening of the tender.
Sd./- S. Panigrahi
Superintending Engineer
Ganjam (R&B) Division No.II
OIPR-34080/11/0045/2526

**THE ODISHA AGRO INDUSTRIES CORPORATION LTD.**
(A Govt. of Odisha Undertaking)
95-Satya Nagar, Bhubaneswar-7, https://odishaagro.nic.in/
**Invitation for Bids**
**Bid Identification No. M.D./OAIC-64 (E&I)/2025-26**
**No.CAD-2923** : The Managing Director, Odisha Agro Industries Corporation Ltd., Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only for the following works.

| Sl. No. | Name of Work | Value of work (Excluding GST) | Bid Security (In ₹) | Cost of document | Period of completion | Class of Bidder |
|---|---|---|---|---|---|---|
| 1. | Construction of Labor Rest Shed and Amenity Center" At - Barmunda, Bhubaneswar | Rs.17,85,000/- | 1% i.e. Rs.17,850/- | ₹ 7,080/- | 1 (One) Calendar Month | 'C' & 'B' Class |

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period **dt.05.01.2026 to 17:00 Hours of dt.27.01.2026**.
2. Online bids shall be received till **17:00 Hours of dt.27.01.2026**.
3. Bid Security amount & cost of bid document are to be remitted online through a process as mentioned in DTCN.
4. The technical bids will be opened at **11:30 hours of dt.28.01.2026** in the Office of the Managing Director, The Odisha Agro Industries Corporation Ltd., 95-Satyanagar, Bhubaneswar.
5. The bidder must possess compatible **Digital Signature Certificate (DSC)** of Class II or Class - III.
6. The authority reserves the right to reject any or all bids without assigning any reason thereof.

Sd./- Managing Director
OAIC Ltd., Bhubaneswar
OIPR-01047/11/0065/2526

**OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION**
NEAR JAIL CHOWK, SAMBALPUR - 768001
E-mail: dfo.sambalpur@odisha.gov.in
**SHORT TENDER NOTICE**
**Tender No. 02** **Dated: 02.01.2026**
No. MM-466: Divisional Forest Officer, Sambalpur Forest Division on behalf of Governor of Odisha invites sealed tenders from reputed intending Manufacturing Firms/Dealers/Suppliers having valid GSTN and PAN Registration No. for procurement and installation of **"Puffed Rice Machine and Foot Operated Sewing Machine with Stand and Table"** for Sambalpur Forest Division. The tender papers with detailed terms and conditions documents can be downloaded from website **https://sambalpur.odisha.gov.in** from 11.00 hours of 06.01.2026 to 17.00 hours of 20.01.2026. The non-refundable cost of tender paper of Rs.2,000/- (Two thousand) only to be deposit through Demand Draft in favour of Divisional Forest Officer, Sambalpur Forest Division payable at Sambalpur. The tender papers can be submitted at the below mentioned address on or before 20.01.2026 till 05.00 P.M. by Speed Post/Registered Post/by Hand only. The tender will be opened in the office of the undersigned on 21.01.2026 at 11.00 A.M.
The undersigned reserves the right to accept or reject any or all the tenders without assigning any reason thereof.
Sd./- Divisional Forest Officer
Sambalpur Forest Division
OIPR-08104/11/0034/2526

**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**
**ଘୋଷଣା**
File No.2820/2025 Date:4.10.2025
**No.X-15**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଘୋଷର୍ଲା**, ଥାନା-ବୋଇପାରିଗୁଡା, ତହସିଲ-କୁନ୍ଦରା, ଜିଲ୍ଲା-କୋରାପୁଟରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା 302, ତା.11.05.2022 ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା 27817 ତା. 28.07.2025 ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି । ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଘୋଷର୍ଲା**, ଥାନା-ବୋଇପାରିଗୁଡା, ତହସିଲ-କୁନ୍ଦରା, ଜିଲ୍ଲା-କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ https://koraput.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଅଛି ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
ଜିଲ୍ଲା-କୋରାପୁଟ ତହସିଲ:କୁନ୍ଦରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଘୋଷର୍ଲା | ଗ୍ରାମାଞ୍ଚଳ | ୧ | ୩୬୪ | ଧାନ ଅଣ ଜଳସେଚିତ ଏକ | ୧.୭୮୭ | ୦.୩୧୨ | ପାନାଗାଣ୍ଡି ଆଦିନାରାୟଣ, ପି-ପାନାଗାଣ୍ଡି ସାମାୟା, ଜା-ତେଲଙ୍ଗା, ବା-ହାଟଖୁଡୁପି |
| | | ୧ | ୩୬୫ | ଧାନ ଅଣ ଜଳସେଚିତ ଏକ | ୧.୦୨୧ | ୦.୦୮ | ପାନାଗାଣ୍ଡି ଆଦିନାରାୟଣ, ପି-ପାନାଗାଣ୍ଡି ସାମାୟା, ଜା-ତେଲଙ୍ଗା, ବା-ହାଟଖୁଡୁପି |
| | | ୬୬ | ୧୭୨ | ଧାନ ଅଣ ଜଳସେଚିତ ଏକ | ୦.୫୫୧ | ୦.୦୩୧ | ଏ ପଦ୍ମାବତୀ, ପି-ତେଡା ଆପଲସ୍ୱାମୀ, ଜା-ପଦ୍ମଶାଳି, ବା-ହାଟଖୁଡୁମି |
| | | ୬୬ | ୩୬୩ | ଧାନ ଅଣ ଜଳସେଚିତ ଏକ | ୩.୦୨୭ | ୦.୫୬୩ | ଏ ପଦ୍ମାବତୀ, ପି-ତେଡା ଆପଲସ୍ୱାମୀ, ଜା-ପଦ୍ମଶାଳି, ବା-ହାଟଖୁଡୁମି |
| | | ୮୦ | ୧୭୧ | ଧାନ ଅଣ ଜଳସେଚିତ ଏକ | ୩.୫୧୬ | ୦.୯୬୬ | ବାଲ୍ୟ କୃଷ୍ଣ ପାଣିଗ୍ରାହୀ, ପି-ସଦାଶିବ ପାଣିଗ୍ରାହୀ, ଜା-ବ୍ରାହ୍ମଣ, ବା-ଦିଗାପୁର |
| | | ୮୦ | ୧୭୩ | ଧାନ ଅଣ ଜଳସେଚିତ ଏକ | ୨୧୪୫ | ୦.୨୯୭ | ବାଲ୍ୟ କୃଷ୍ଣ ପାଣିଗ୍ରାହୀ, ପି-ସଦାଶିବ ପାଣିଗ୍ରାହୀ, ଜା-ବ୍ରାହ୍ମଣ, ବା-ଦିଗାପୁର |
| | | ୧୭୨/ ୫୫ | ୧୬୧ | ଧାନ ଅଣ ଜଳସେଚିତ ଏକ | ୩୦୦୯ | ୧୧୬୩ | ବିଷ୍ଣୁପ୍ରିୟା ପାଢୀ, ସ୍ୱା-ହରିଶ୍ଚନ୍ଦ୍ର ପାଢୀ, ଜା-ବ୍ରାହ୍ମଣ, ବା-ଦିଗାପୁର |
| | | ୧୭୨/ ୫୫ | ୧୭୧/ ୫୪୦ | ଧାନ ଅଣ ଜଳସେଚିତ ଏକ | ୦.୫୬୮ | ୦.୧୨ | ବିଷ୍ଣୁପ୍ରିୟା ପାଢୀ, ସ୍ୱା-ହରିଶ୍ଚନ୍ଦ୍ର ପାଢୀ, ଜା-ବ୍ରାହ୍ମଣ, ବା-ଦିଗାପୁର |
| | | ୧୭୨/ ୫୫ | ୧୭୩/ ୫୩୯ | ଧାନ ଅଣ ଜଳସେଚିତ ଏକ | ୦.୩୭୫ | ୦.୧ | ବିଷ୍ଣୁପ୍ରିୟା ପାଢୀ, ସ୍ୱା-ହରିଶ୍ଚନ୍ଦ୍ର ପାଢୀ, ଜା-ବ୍ରାହ୍ମଣ, ବା-ଦିଗାପୁର |
| | | | | | | **3.632** | |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
ଜିଲ୍ଲା-କୋରାପୁଟ ତହସିଲ:କୁନ୍ଦରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:୩୧.୧୨.୨୦୨୫
ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ମନୋଜ ମହାଜନ
ଜିଲ୍ଲାପାଳ,କୋରାପୁଟ
OIPR-24057/14/0016/2526

**OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR** No. O-1873
E-Mail: eerw_gm1@yahoo.co.in
**Government of Odisha, e-Procurement Notice**
**Bid Identification No. Online Tender // 21 // SERWDG-I / 2025-26**
**Letter No. 6986//RWDG-I/BAM//** **Date: 24.12.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.81.03 lakhs |
| 3 | Period of Completion | : | 09 (Nine) Calendar Months as shown in Column No. 06 of Annexure |
| 4 | Date & Time of Availability of Bid Documents in the Portal | : | From 04.01.2026 at 11.00 A.M. to 21.01.2026 upto 5.00 P.M. |
| 5 | Last Date/Time for Receipt of Bids in the Portal | : | 21.01.2026 upto 5.00 P.M. |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website **https://www.tendersodisha.gov.in**.
Sd./- Executive Engineer
R.W. Division-I, Ganjam, Berhampur
OIPR-25085/11/0047/2526

**WORKS DEPARTMENT** No. B-903
**OFFICE OF THE SUPERINTENDING ENGINEER, BHADRAK (R&B) DIVISION**
e-mail: bhadrakrnbdivision@gmail.com
**Government of Odisha "e" Procurement Notice**
**Bid Identification No. SE (R&B) BDK-30/2025-26**
**No. 10239** **Dt.24.12.2025**
Nature of Works : Civil Works and EI Works
Number of Works : 6 (Six) Nos.
Amount put to Tender : Rs.3.70 to 47.00 lakhs
Class of Contractor : B&HT Class
Date & time of availability of bid documents in the portal : 05.01.2026 at 11.00 A.M.
Last date/time of receipt of bid in the portal : 12.01.2026 upto 05.00 P.M.
Date of Opening of Bid : Dt.13.01.2026 at 11.30 A.M.
Name & address of the Office Inviting Bid : Superintending Engineer, Bhadrak (R&B) Division
The bidders have to participate in ONLINE bidding only.
Further details can be seen from the e-procurement portal **"http//tendersodisha.gov.in"**.
All future corrigendum will be available on ONLINE mode only.
Sd./- Superintending Engineer
Bhadrak (R&B) Division
OIPR-34079/11/0033/2526

# ଉତ୍କଳମଣି ଗୋପବନ୍ଧୁ ଅନ୍ଧକଲ୍ୟାଣ ସମିତିର ଶୀତବସ୍ତ୍ର ବଣ୍ଟନ

ପବିତ୍ରନଗର,୪।୧(ନିରୋଜ ପ୍ରଧାନ)



ଅନୁଗୋଳ ଜିଲା କଣିହାଁ ବ୍ଲକ ଉତ୍କଳମଣି ଗୋପବନ୍ଧୁ ଅନ୍ଧକଲ୍ୟାଣ ସମିତି ପକ୍ଷରୁ ୫୨ତମ ବାର୍ଷିକ ଶୀତକାଳୀନ ବସ୍ତ୍ର ବଣ୍ଟନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । କଣିହାଁ ପ୍ରଜାମଣ୍ଡଳ ପରିସରରେ ସମିତି ସଭାପତି ସୁଧାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନ୍‌ଟିପିସିକଣିହାଁପ୍ରକଳ୍ପ ମୁଖ୍ୟ କେ. ନରସିମା ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ଏଜିଏମ୍(ଏଚ୍ଆର) ପୁଷ୍ପିତା ରଥ, ଏଜିଏମ୍(ଏଚ୍ଆର) ପଙ୍କଜ ଚୌଧୁରୀ, ଏଜିଏମ୍(ଟି ଏସ୍) ଓ୍ୱାଇ ଶ୍ରୀନିବାସ ରାଓ,ଏସ୍‌ଏସ୍ଇ କଣିହାଁ ଜିଏମ୍ ନରେଶ ସିଂ ରାଣା, ଜିଏମ୍ ବିନେଶ କୁମାର ମାଳି ପ୍ରମୁଖ ଯୋଗଦେଇ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ଦୃଷ୍ଟିହୀନ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ । ଆୟୋଜିତ ସଭାରେ ସାମାଜିକ କର୍ମୀ ଡ଼ଃ. ଧନେଶ୍ୱର ସାହୁ ମଞ୍ଚ ପରିଚାଳନା, ସମିତି ସମ୍ପାଦକ କାଳନ୍ଦୀ ଚରଣ ପ୍ରଧାନ ସମ୍ପାଦକୀୟ ବିବରଣୀ ପଠନ ଓ ଦେବଦତ୍ତ ପ୍ରସାଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଷାରାଣୀ ପ୍ରଧାନ ସ୍ୱାଗତ ସଙ୍ଗୀତ ପ୍ରଦାନ କରିଥିଲେ । ଉତ୍ସବରେ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ୮୪୦ ଦୃଷ୍ଟିହୀନ ଓ ଦିବ୍ୟାଙ୍ଗଙ୍କୁ ବସ୍ତ୍ରବଣ୍ଟନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମରେ ଦିଲୀପ ପ୍ରଧାନ, ସୁନୀଲ ପ୍ରଧାନ, ଜଗବନ୍ଧୁ ପ୍ରଧାନ, ରୋହିତ ସାହୁ, ସମରବହାଦୁର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ସଭା ପ୍ରାରମ୍ଭରେ ଅତିଥିଗଣ ଗୋପବନ୍ଧୁ, ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମିତିର ପ୍ରତିଷ୍ଠାତା ସ୍ୱର୍ଗତ କପିଳେଶ୍ୱର ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସବୁ ବର୍ଷ ଭଳି ଏନ୍‌ଟିପିସି ପକ୍ଷରୁ ଟେଷ୍ଟ ଓ ଶୀତବସ୍ତ୍ର ପ୍ରଦାନ, ଶିକ୍ଷୟିତ୍ରୀ ସୁଲୋଚନା ପ୍ରଧାନ ଟିଫିନ ବ୍ୟବସ୍ଥା ଓ ଏନ୍‌ଟିପିସି ପଣ୍ଡା ଚା' ଦୋକାନୀ ପକ୍ଷରୁ ମାଗଣା ଚା' ପ୍ରଦାନ କରାଯାଇଥିଲା ।

# ଦିବସ ବ୍ୟାପୀ ଚୌପ୍ରହର ନାମଯଜ୍ଞ

ପରଜଙ୍ଗ,୪।୧(ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଗଡ଼ ପରଜଙ୍ଗରେ ଚଳିତ ମାସ ପୌଷ ପୂର୍ଣ୍ଣିମା ଶନିବାର ସାଧୁଗୋଷ୍ଠୀ ବାୟାପାଗଳା ମଠ ପ୍ରାଙ୍ଗଣଠାରେ ଦିବସ ବ୍ୟାପି ଚୌପ୍ରହର ନାମଯଜ୍ଞ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଶୁଭାଧିବାସ ଓ କଳସ ଯାତ୍ରା ଆରମ୍ଭ ହୋଇ ଶନିବାର ଦିବସ ବ୍ୟାପି ନାମ ସଂକୀର୍ତ୍ତନ ହୋଇଥିଲା। ସାଧୁଗୋଷ୍ଠୀ ବାୟାପାଗଳ ମଠର ପୁନା ବାବା, ରଘୁନାଥପୁରର ସନ୍ତୋଷ ଚୈତନ୍ୟ ବାବା, ପାଟରପଦା ମଠର କୃଷ୍ଣ କରୁଣା ଦାସ ବାବା, କଙ୍କିଳା ଅନନ୍ତ ବାବା ଓ ସାନ କପିଳାସ ପଥରଗଡ଼ର ପଙ୍କଜ ବାବା ସାଧୁ ଗୋଷ୍ଠୀ ବାୟାପାଗଳ ମଠରେ ଉପସ୍ଥିତ ରହି ନାମଯଜ୍ଞରେ ପ୍ରଭୁକୃପା ଲାଭ କରିଥିଲେ। ବାୟା ପାଗଳ ମଠ ପରିଚାଳନା କମିଟି ମୁଖ୍ୟ ଅଶୋକ କୁମାର ଦଳବେହେରା, ଗ୍ରାମ ସଭାପତି ଶାନ୍ତନୁ କୁମାର ସାମଲ, କମିଟି ସଦସ୍ୟ ରଞ୍ଜନ ଦଳବେହେରା, ସୁବ୍ରତ ପରିଡ଼ା, ଫିରୋଜ ଦଳବେହେରା, ବିନୟ ଦଳବେହେରା, ଅଭୟ କୁମାର ସାହୁ, ଦୁଷ୍ମନ୍ତ ସାମଲ, ଦିଲ୍ଲୀ ଦାନୀ ଡାଣ୍ଡି ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପରେ ନଗର ସଂକୀର୍ତ୍ତନ ଓ ବଧି ଭଞ୍ଜନ ହେବା ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ହୋଇଥିଲା । ଏହି ପବିତ୍ର ନାମଯଜ୍ଞରେ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ପ୍ରଭୁକୃପା ଲାଭ କରିଥିଲେ।

## ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
## ଘୋଷଣା

No.5039/2025 Date:14.11.2025

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No** at the **Top Right-hand Corner**. *(Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/OTP etc through OPSC e-Chayan Portal via www.opscechayan.in)*
2. Four **(04)** "passport size photographs" (Unsigned & Unattested) which have been uploaded with 'application form'.
3. **Matriculation Certificate** in support of declaration of Age.
4. **Bachelors Degree** Certificate.
5. **Post-Graduation Certificate/ Master's Degree** Certificate in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form)
10. **Odia Test Pass** Certificate from the 'competent authority' wherever applicable.
11. Permanent Disability Certificate (indicating percentage of 'permanent disability' i.e. **40% and more**), wherever applicable
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any "civil post" after retirement from military service, wherever applicable
13. Identity Card for **Sports persons** issued by the Director of Sports Odisha, wherever applicable
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with "passport size photograph" (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0359/2526** **Sd./- Secretary**

## ଭେନେଜୁଏଲା ଉପରେ ଆମେରିକାର କବ୍‌ଜା ପ୍ରଭାବ

# ସୁନା, ରୁପା ମୂଲ୍ୟ ବୃଦ୍ଧି ଆଶଙ୍କା

**ଭୁବନେଶ୍ୱର,୪।୧(ଅନୁରାଧା ମହାରଣା)**

ବର୍ଷ ଆରମ୍ଭରୁ ବିଶ୍ୱର ସର୍ବବୃହତ୍ ତୈଳ ସଂରକ୍ଷଣ ଥିବା ଭେନେଜୁଏଲା ଏବେ ଏକ ବଡ଼ ଅନ୍ତର୍ଜାତୀୟ ସଂଘର୍ଷର କେନ୍ଦ୍ର ପାଲଟିଛି। ଭେନେଜୁଏଲା ଉପରେ ଆମେରିକାର କବ୍‌ଜା ପ୍ରଭାବ ସିଧାସଳଖ ସାମଗ୍ରୀ ବଜାର ଉପରେ ପଡୁଛି। ଯେତେବେଳେ ବିଶ୍ୱରେ ଯୁଦ୍ଧ କିମ୍ବା ରାଜନୈତିକ ଅସ୍ଥିରତା ଦେଖାଦିଏ, ଲୋକମାନେ ବିପଦପୂର୍ଣ୍ଣ ଷ୍ଟକ୍ ବଜାରରୁ ଟଙ୍କା କାଢ଼ି ସୁନା ଏବଂ ରୁପା ଭଳି 'ନିରାପଦ ନିବେଶ'ରେ ପୁଞ୍ଜି ବିନିଯୋଗ କରନ୍ତି। ଏହି କାରଣରୁ ୨୦୨୬ ଆରମ୍ଭରେ ସୁନା ମୂଲ୍ୟ ବୃଦ୍ଧି ପାଇଛି। ଭୂରାଜନୈତିକ ଉତ୍ତେଜନା ସମୟରେ ସୁନାକୁ ସର୍ବଦା 'ନିରାପଦ ନିବେଶ' ଭାବରେ ବିବେଚନା କରାଯାଏ। ଭେନେଜୁଏଲା ଘଟଣା ପରେ ନିବେଶକମାନେ ଭୟ କରୁଛନ୍ତି ଯେ ରୁଷିଆ ଏବଂ ଉତ୍ତର କୋରିଆ ଭଳି ଦେଶଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ବିଶ୍ୱ ଉତ୍ତେଜନାକୁ ଆହୁରି ବୃଦ୍ଧି କରିପାରନ୍ତି। ଯଦି ଏହି ଉତ୍ତେଜନା ଜାରି



ରହେ, ତେବେ ଏମ୍‌ସିଏକ୍ସରେ ସୁନା ମୂଲ୍ୟ ପୁଣି ଥରେ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିବ ବୋଲି ବିଶ୍ୱାସ କରାଯାଉଛି। ଜାନୁଆରୀ ୨ ତାରିଖରେ ଏମ୍‌ସିଏକ୍ସରେ ସୁନା ୧୦ ଗ୍ରାମ ପିଛା ୧,୩୭,୦୯୮ ରେ ବିକ୍ରି ହେଉଥିଲା। ରୁପା ସୁନା ଅପେକ୍ଷା ଆହୁରି ଅଧିକ ଲାଭ ପାଇଛି। ଏହା କେବଳ ଏକ ସୁରକ୍ଷିତ ନିବେଶ ନୁହେଁ, ବରଂ କାରଖାନା (ବୈଦ୍ୟୁତିକ ଯାନ, ସୌରଶକ୍ତି)ରୁ ବଢୁଥିବା ଚାହିଦା ଏହାକୁ ଅଧିକ ମହଙ୍ଗା କରୁଛି। ଏମ୍‌ସିଏକ୍ସରେ ରୁପା ମୂଲ୍ୟ ମଧ୍ୟ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିପାରେ। ଚାଇନାରେ ଯୋଗାଣ ଅଭାବ ଏବଂ ନୂତନ ନିୟମ ମଧ୍ୟ ମୂଲ୍ୟକୁ ଇନ୍ଧନ ଦେଇଛି। ଏହା ଉଲ୍ଲେଖନୀୟ ଯେ ଜାନୁଆରୀ ୨ ରେ ଏମ୍‌ସିଏକ୍ସରେ ରୁପା ମୂଲ୍ୟ ୨,୪୪,୯୯୯ ପ୍ରତି କିଲୋଗ୍ରାମରେ ପହଞ୍ଚିଛି। ସୂଚନା ଥାଉକି, ଗତ କିଛି ମାସ ଧରି ସୁନା ଏବଂ ରୁପା ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଛି। ମୂଲ୍ୟ ସାମାନ୍ୟ ସଂଶୋଧନ ହେବା ପରେ ଭେନେଜୁଏଲା ସଙ୍କଟ ଉଭା ହୋଇଛି। ଏପରି ପରିସ୍ଥିତିରେ ସୁନା ଏବଂ ରୁପା ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।

## ୱାଲ୍‌ଟିୟର ମଣ୍ଡଳରେ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

**ଭୁବନେଶ୍ୱର,୪।୧(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ପକ୍ଷରୁ ୱାଲ୍‌ଟିୟର ମଣ୍ଡଳରେ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଏହି ମଣ୍ଡଳ ଅଧୀନରେ କିଛି ଟ୍ରେନ୍ ବାତିଲ କରାଯାଇଛି। ଏହି ସମୟ ମଧ୍ୟରେ କିଛି ପାସେଞ୍ଜର ଏବଂ ଏକ୍ସପ୍ରେସ୍ ଟ୍ରେନ ବାତିଲ ହୋଇଥିବାବେଳେ କେତେକ ଟ୍ରେନ୍‌ର ମାର୍ଗ ଓ ସମୟ ପରିବର୍ତ୍ତନ କରାଯାଇଛି। ଜାନୁଆରୀ ୫, ୧୨ ଓ ୧୯ ତାରିଖରେ ୫୮୫୨୮/୫୮୫୨୭ ବିଶାଖାପାଟଣା-ରାୟପୁର-ବିଶାଖାପାଟଣା ପାସେଞ୍ଜର, ୫୮୫୩୭/୫୮୫୩୮ ବିଶାଖାପାଟଣା-କୋରାପୁଟ-ବିଶାଖାପାଟଣା ପାସେଞ୍ଜର ଓ ବିଶାଖାପାଟଣା-କୋରାପୁଟ ଇଣ୍ଟରସିଟି ଏକ୍ସପ୍ରେସ୍ ବାତିଲ ରହିବ। ସେହିପରି ଜାନୁଆରୀ ୬, ୧୩ ଓ ୨୦ ତାରିଖରେ ୧୮୫୧୧ କୋରାପୁଟ-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ୍ ବାତିଲ ରହିବା ନେଇ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ୧୮୦୦୬ ଜଗଦଲପୁର-ହାଓଡା ସମଲେଶ୍ୱରୀ ଏକ୍ସପ୍ରେସ୍ ଜାନୁଆରୀ ୧୯ରେ ଜଗଦଲପୁରରୁ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ବିଳମ୍ବରେ ଛାଡିବ। ଚଳାଚଳରେ ପରିବର୍ତ୍ତନ ହୋଇଥିବା ଅନ୍ୟାନ୍ୟ ଟ୍ରେନ୍ ମଧ୍ୟରେ ୧୭୨୪୩ ଗୁଣ୍ଟୁର-ରାୟଗଡ଼ା ଏକ୍ସପ୍ରେସ୍, ୨୦୮୨୯ ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍, ୧୮୩୦୧ ସମ୍ବଲପୁର-ରାୟଗଡା ଇଣ୍ଟରସିଟି ଏକ୍ସପ୍ରେସ୍, ୧୭୨୪୪ ରାୟଗଡ଼ା-ଗୁଣ୍ଟୁର ଏକ୍ସପ୍ରେସ୍, ୨୦୮୩୦ ବିଶାଖାପାଟଣା ଦୁର୍ଗ ବନ୍ଦେ ଭାରତ ଏକ୍ସପ୍ରେସ୍ ଓ ୧୮୩୦୨ ରାୟଗଡା ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ରହିଛି। ଯାତ୍ରୀମାନଙ୍କୁ ଟ୍ରେନ୍ ସେବାରେ ଉପରୋକ୍ତ ପରିବର୍ତ୍ତନଗୁଡ଼ିକୁ ଧ୍ୟାନଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# Classified Everyday
**0674-2580101, 9692975378**

## ଡିସେମ୍ବରରେ ୧୨, ୩୯୨ ସୋନାଲିକା ଟ୍ରାକ୍ଟର ବିକ୍ରି

**ଭୁବନେଶ୍ୱର,୪।୧(ଅନୁରାଧା ମହାରଣା)**

ସୋନାଲିକା ଟ୍ରାକ୍ଟର୍ସ ୨୦୨୫ ଡିସେମ୍ବରରେ ଏହାର ସର୍ବୋଚ୍ଚ ୧୨,୩୯୨ ଟ୍ରାକ୍ଟର ବିକ୍ରୟ ରେକର୍ଡ ହାସଲ କରିଛି। ଉନ୍ନତ ଜ୍ଞାନକୌଶଳରେ ନିର୍ମିତ ଟ୍ରାକ୍ଟର ୧୮ ଲକ୍ଷରୁ ଅଧିକ ଚାଷୀଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ହୋସିଆରପୁରରେ ବିଶ୍ୱର ନମ୍ବର ୧ ପ୍ଲାଣ୍ଟରେ କମ୍ପାନୀର ଉତ୍ପାଦନ କ୍ଷମତା ଏକ ବିସ୍ତୃତ ଚ୍ୟାନେଲ ପାର୍ଟନର ନେଟ୍‌ୱର୍କ ସହିତ ମିଳିତ ଭାବରେ କ୍ଷେତ୍ରଗତ ଦକ୍ଷତା ବୃଦ୍ଧି କରୁଥିବା ଉନ୍ନତ ଟ୍ରାକ୍ଟରଗୁଡ଼ିକର ସମୟାନୁସାରେ ଉପଲବ୍ଧତା ସୁନିଶ୍ଚିତ କରୁଛି। ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଡିସେମ୍ବର ସୁଦ୍ଧା



୧୨,୩୯୨ ଟ୍ରାକ୍ଟରର ସର୍ବାଧିକ ବିକ୍ରୟ ଆମର ନୂତନ ସଫଳତା, ବିଭିନ୍ନ କୃଷି ପରିସ୍ଥିତିରେ ଆମର ଅଭିନବ ଟ୍ରାକ୍ଟର ସହିତ ଡିୟୁଏମ୍ ପ୍ରଦାନ କରିବା ଉପରେ ଆମର ଦୀର୍ଘକାଳୀନ ଧ୍ୟାନକୁ ଆହୁରି ଦୃଢ଼ କରୁଛି। ଗତ ବର୍ଷ ତୁଳନାରେ ରବି ବୁଣା କ୍ଷେତ୍ର ଯଥେଷ୍ଟ ବୃଦ୍ଧି ପାଇଛି, ଯାହା ଏକ ପ୍ରତିଶ୍ରୁତିପୂର୍ଣ୍ଣ ଫସଲ ଭବିଷ୍ୟତ ଏବଂ ଅଭିନବ ଯନ୍ତ୍ରପାତି ଦ୍ୱାରା ସ୍ଥିର ଅଭିବୃଦ୍ଧିକୁ ସୂଚିତ କରୁଛି।

## ଘର ବିକ୍ରି ୫% ହ୍ରାସ, ସେଲ୍‌ସ ଭାଲ୍ୟୁ ୧୧% ବୃଦ୍ଧି

**ଭୁବନେଶ୍ୱର,୪।୧(ଅନୁରାଧା ମହାରଣା)**

୨୦୨୫ ବର୍ଷ ରିଅଲ ଇଷ୍ଟେଟ ବଜାର ପାଇଁ ଆହ୍ୱାନପୂର୍ଣ୍ଣ ରହିଥିଲା। ଆନାରକ ଏବଂ ପ୍ରପ୍‌ଇକ୍ୱିଟି ସମେତ ଅନେକ ରିପୋର୍ଟ ଅନୁଯାୟୀ, ୨୦୨୫ରେ ବିକ୍ରୟ ପରିମାଣ ୫% ହ୍ରାସ ପାଇଛି, ତଥାପି ମୋଟ ବିକ୍ରୟ ମୂଲ୍ୟ ଅର୍ଥାତ୍ ସେଲସ୍ ଭାଲ୍ୟୁ ୧୧% ବୃଦ୍ଧି ପାଇଛି। ସରଳ ଭାଷାରେ କହିବାକୁ ଗଲେ, ଡେଭଲପରମାନେ କମ୍ ଘର ବିକ୍ରି କରିଛନ୍ତି କିନ୍ତୁ ରାଜସ୍ୱରେ ବୃଦ୍ଧି ଦେଖିଛନ୍ତି। ବିକ୍ରୟ ପରିମାଣରେ ହ୍ରାସ ଏବଂ ବିକ୍ରୟ ମୂଲ୍ୟ ବୃଦ୍ଧିର ମୁଖ୍ୟ କାରଣ ହେଉଛି ପ୍ରିମିୟମାଇଜେଶନ। ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ ବଜାରରେ ବିଳାସପୂର୍ଣ୍ଣ ଏବଂ ମହଙ୍ଗା ଘରଗୁଡ଼ିକ ସୁଲଭ ଏବଂ ଶସ୍ତା ଘରଗୁଡ଼ିକୁ ବଦଳାଇ ଦେଇଛି। କ୍ରେଡାଇ ଏବଂ ସିଆରଇ ମ୍ୟାଟ୍ରିକ୍ସ ପକ୍ଷରୁ ଡେଭେଲପର ସେଣ୍ଟିମେଣ୍ଟ ସର୍ଭେ ୨୦୨୬ ଏବଂ ସ୍କୋୟାର ୟାର୍ଡ ରିପୋର୍ଟ, ଡେଭଲପରମାନଙ୍କ ସଂଘ, ସ୍ପଷ୍ଟ ଭାବରେ ସୂଚିତ କରିଛି ଯେ, ପ୍ରିମିୟମ ଏବଂ ବିଳାସପୂର୍ଣ୍ଣ ଘର ଚାହିଦା ଶୀର୍ଷରେ ରହିଛି। ୨୦୨୬ରେ ବଜାର ମୂଲ୍ୟ-ନେତୃତ୍ୱାଧୀନ ଅଭିବୃଦ୍ଧି ପରିଲକ୍ଷିତ ହେବ। ଏହାର ଅର୍ଥ ହେଉଛି ଉଚ୍ଚମାନର ଘରଗୁଡ଼ିକର ଚାହିଦା କିଛି ପରିମାଣରେ ସାଚୁରେଟ୍ ହୋଇପାରେ, ଯାହା ମିଡ୍ ସେଗ୍‌ମେଣ୍ଟ ଘରଗୁଡ଼ିକୁ ବଜାରର ମୁଖ୍ୟ ଆଧାର ହେବ। ଏହା ସ୍ଥିର ପରିମାଣ ଏବଂ ବଜାର ଆକାରରେ ବୃଦ୍ଧି ମଧ୍ୟ ଆଣିବ। ଡେଭଲପରମାନେ ଅନୁଭବ କରୁଛନ୍ତି ଯେ ବଜାର କେବଳ ବିଳାସପୂର୍ଣ୍ଣ ପ୍ରକଳ୍ପ ଦ୍ୱାରା ପରିଚାଳିତ ହୋଇପାରିବ ନାହିଁ, ତେଣୁ ୨୦୨୬ ମସିହାରେ ମଧ୍ୟବିତ୍ତ ବର୍ଗ ପାଇଁ ନୂତନ ଲଞ୍ଚ ଆଶା କରାଯାଉଛି।

## ୫%ରୁ ୯% ବୃଦ୍ଧି ପାଇବ ଟୋଲ୍ ସଂଗ୍ରହ

**ଭୁବନେଶ୍ୱର,୪।୧(ଅନୁରାଧା ମହାରଣା)**

### ରେଟିଂ ଏଜେନ୍ସି ଆଇସିଆର୍‌ଏ ରିପୋର୍ଟ

ଆଗାମୀ ବର୍ଷଗୁଡ଼ିକରେ ଭାରତରେ ଟୋଲ ସଡ଼କ କ୍ଷେତ୍ର ସ୍ଥିର ଏବଂ ସକାରାତ୍ମକ ଦୃଷ୍ଟିକୋଣ ଦେଖିବ ବୋଲି ଆଶା କରାଯାଉଛି। ଏକ ରିପୋର୍ଟ ଅନୁଯାୟୀ, ଦେଶର ଟୋଲ୍ ଆଦାୟ ୨୦୨୬ ଆର୍ଥିକ ବର୍ଷରେ ୫% ରୁ ୯% ବୃଦ୍ଧି ପାଇବାର ଆଶା କରାଯାଉଛି। ଏହି ବୃଦ୍ଧିର ପ୍ରଭାବ ପରବର୍ତ୍ତୀ ବର୍ଷ, ଅର୍ଥାତ୍ ୨୦୨୭ ଆର୍ଥିକ ବର୍ଷରେ ଦେଖିବାକୁ ମିଳିବ, ଯେଉଁଠାରେ ଟୋଲ ରୋଡ କ୍ଷେତ୍ର ସ୍ଥିର ରହିବ ବୋଲି ଆକଳନ କରାଯାଇଛି। ରେଟିଂ ଏଜେନ୍ସି ଆଇସିଆରଏ, ଦ୍ୱାରା ପ୍ରକାଶିତ ଏହି ରିପୋର୍ଟରେ କୁହାଯାଇଛି ଯେ ବର୍ତ୍ତମାନର ଆର୍ଥିକ ପରିସ୍ଥିତି ସତ୍ତ୍ୱେ, ଟୋଲ ରୋଡ କ୍ଷେତ୍ର ଦୃଢ଼ ରହିଛି। ଟ୍ରାଫିକ ଅଭିବୃଦ୍ଧି, ଉନ୍ନତ ସଂଗ୍ରହ ବ୍ୟବସ୍ଥା ଏବଂ କାର୍ଯ୍ୟକ୍ଷମ ଖର୍ଚ୍ଚ ନିୟନ୍ତ୍ରଣ ଭଳି କାରଣଗୁଡ଼ିକ ଏହି କ୍ଷେତ୍ରରେ ସନ୍ତୁଳିତ ଅଭିବୃଦ୍ଧି ସୁନିଶ୍ଚିତ କରିବ ବୋଲି ଆଶା କରାଯାଉଛି। ରିପୋର୍ଟ ଅନୁଯାୟୀ, ଭବିଷ୍ୟତରେ ଟୋଲ୍ ସଂଗ୍ରହରେ ଉନ୍ନତି ଜାରି ରହିବ। ଆଇସିଆର୍‌ଏର ସେକ୍ଟର ମୁଖ୍ୟ ଏବଂ ସହାୟକ ଉପାଧ୍ୟକ୍ଷ ଏମ୍. ରାଜଶେଖର ରେଡ୍ଡି କହିଛନ୍ତି ଯେ ଦୁର୍ବଳ ପାଇକାରୀ ମୁଦ୍ରାସ୍ଫୀତି ହାର (ଡବ୍ଲ୍ୟୁପିଆଇ) ଯୋଗୁ ଆର୍ଥିକବର୍ଷ୨୭ ରେ ଟୋଲ ହାର ବୃଦ୍ଧି ସୀମିତ ହୋଇପାରେ। ନୂତନ ପ୍ରକଳ୍ପ ପାଇଁ ଟୋଲ୍ ହାର ହାରାହାରି ପ୍ରାୟ ୩.୨% ବୃଦ୍ଧି ପାଇବାର ଆକଳନ କରାଯାଇଛି । ପୁରୁଣା ପ୍ରକଳ୍ପ କ୍ଷେତ୍ରରେ ଏହି ବୃଦ୍ଧି ୧.୬% ରୁ ୨% ପର୍ଯ୍ୟନ୍ତ ହୋଇପାରେ। ଏହା ଉପରେ ଆଧାର କରି, ୨୦୨୭ ଆର୍ଥିକ ବର୍ଷରେ ଟୋଲ ଆଦାୟ ବୃଦ୍ଧି ୫% ରୁ ୮% ମଧ୍ୟରେ ରହିବ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ବର୍ଦ୍ଧିତ ଟୋଲ ଆଦାୟ ଏବଂ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ ଯୋଗୁ ବିଓଟି ଟୋଲ୍ ରାସ୍ତା ପ୍ରକଳ୍ପ ପାଇଁ ଋଣ କଭରେଜ ମେଟ୍ରିକ୍ସ ସନ୍ତୋଷଜନକ ରହିବ। ଏହା କ୍ଷେତ୍ରରେ ନିବେଶକ ଏବଂ ବ୍ୟାଙ୍କ ବିଶ୍ୱାସ ବଜାୟ ରଖିବ। ଟୋଲ୍ ସଂଗ୍ରହରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏନ୍‌ଏଚ୍‌ଏଆଇ ଆର୍ଥିକ ବର୍ଷ-୨୦୨୬ ର ପ୍ରଥମ ୯ ମାସରେ ଟୋଲ-ଅପରେଟ-ଟ୍ରାନ୍ସଫର (ଟିଓଟି) ବଣ୍ଡଲ ମାଧ୍ୟମରେ ୧୨,୩୫୭ କୋଟି ଟଙ୍କା ସଂଗ୍ରହ କରିଛି। ଏହା ଆର୍ଥିକ ବର୍ଷ ୨୦୧୯ ପରଠାରୁ ଟିଓଟିରୁ ମୋଟ ରାଜସ୍ୱ ୧,୦୪,୯୯୦ କୋଟି ଟଙ୍କାକୁ ବୃଦ୍ଧି କରିଛି। ରିପୋର୍ଟ ଅନୁଯାୟୀ, ଯଦି ଅତିରିକ୍ତ ବଣ୍ଡଲ ଜାରି କରାଯାଏ, ତେବେ ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ସଂଖ୍ୟା ପ୍ରାୟ ୧.୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିପାରେ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଏପ୍ରିଲରୁ ଅକ୍ଟୋବର ୨୦୨୫ ମଧ୍ୟରେ ୩,୪୬୮ କିଲୋମିଟର ରାସ୍ତା ନିର୍ମାଣ ହୋଇଛି, ଯାହା ଗତ ବର୍ଷର ସମାନ ଅବଧିରେ ୩,୯୨୦ କିଲୋମିଟର ଥିଲା। ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ପାଇଁ ରାସ୍ତା ନିର୍ମାଣ ୯,୦୦୦ରୁ ୯,୫୦୦ କିଲୋମିଟର ମଧ୍ୟରେ ହେବ ବୋଲି ଆକଳନ କରାଯାଇଛି । ଏହା ଆର୍ଥିକ ବର୍ଷ ୨୫ରେ ୧୦,୬୬୦ କିଲୋମିଟର ଥିଲା। ତଥାପି ରେଟିଂ ଏଜେନ୍ସି ବିଶ୍ୱାସ କରୁଛି ଯେ, ସରକାର ପ୍ରଦାନ କରିଥିବା ରାସ୍ତା କଣ୍ଟ୍ରାକ୍ଟସର ଦୈର୍ଘ୍ୟ ଆର୍ଥିକ ବର୍ଷ-୨୦୨୬ରେ ୮,୫୦୦ ରୁ ୯,୦୦୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିପାରେ, ଯାହା ଆର୍ଥିକ ବର୍ଷ ୨୫ରେ ଆକଳନ କରାଯାଇଥିବା ୭,୫୦୦ ରୁ ୮,୦୦୦ କିଲୋମିଟର ଥିଲା।




**REAL ESTATE**

**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

All types of physiotherapy and massage. Contact: 9556924059/ 7656969134. D-3013


**AFFIDAVIT**

By virtue of an affidavit sworn before the Executive Magistrate, Jharsuguda, No.- 9548, Dtd.- 10.09.2024, I, Sambhu Prasad Choudhury, R/o. At- Mangal Bazar, Bangali Pada, Ward No. 20, P.S./ Dist.- Jharsuguda, Odisha, PIN- 768201 declare that, I have changed the name of my daughter from Sushmita, D/o.- Sampu Patel to Rimjhim Kumari, D/o.- Shambhu Prasad Choudhury. Henceforth, she shall be known as Rimjhim Kumari, D/o.- Shambhu Prasad Choudhury for all purposes.

Shambhu Prasad Choudhury
D-3024


**DHARITRI Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।


## LEGAL NOTICE

IN THE COURT OF CIVIL JUDGE SENIOR DIVISION BHADRAK.
C.S. NO. 1160/2024

1- Najar Emam Bije Bahudarada, 2- Sri Rakesh Kumar Nayak, aged about 30 years, S/o.- Sri Gadadhar Nayak. 3- Sri Satyanshu Sekhar Rout, aged about 41 years, S/o.- Late Golak Chandra Rout, 4- Sekh Isak, Aged about 65 years, S/o.- Late Sekh Rushtam, 5- SK Gora, aged about 38 years, S/o.- SK Seraj.
All are of Vill./Post- Bahudarda, P.S.- Bahudarda, P.S.- Bhadrak(R),Bhadrak.
................Plaintiffs

Vers

1- Najar Emam Bije Nijgaon, At/Post- Bahudarda, P.S.- Bhadrak(R), Bhadrak. 2- Najar Emam Bije Nijgaon Marfat Farid Khan, aged about 65 years, S/o.- Late Meharban Khan, At- Mirzapur, P.O./P.S.- Purnabazar, Dist.- Bhadrak. 3- Sri. Naresh Kumar Sahoo, aged about 40 years, S/o.- Umakanta Sahoo. 4- Smt. Sunanda Sahoo, aged about 39 years, W/o.- Naresh Kumar Sahoo, 5- Smt. Anadi Kalyani Singh, aged about 34 years, W/o.- Rajesh Kumar Sahoo, Defendants No.- 3 to 5 are of Village- Bankasahi, P.O./Dist.- Bhadrak (Town), Bhadrak. 6- Sri. Sailemdra Kumar Rout, aged about 47 years, S/o.- Late Gayadhar Rout, At- Kuansh, (Near Town Police Station), P.O./Dist.- Bhadrak (Town), Bhadrak. 7- SK. Abdul Ahesan, aged about 47 years, S/o.- SK. Abdul Sahid, At- Yusufpur (Chaddak Mahala), P.O./P.S.- Purnabazar, Dist.- Bhadrak. 8- Sahenaj Bano, aged about 37 years, W/o.- SK Abdul Rafique, At- Yusufpur (Chaddak Mahala), P.O./P.S.- Purnabazar, Dist.- Bhadrak. 9- Anora Bibi, aged about 37 yeras, W/o.- Sekh Asgar Ali, At- Mirzapur (Patnasahi) Chhadak Mahala, P.O./P.S.- Purnabazar, Dist.- Bhadrak. A/P- B-87, D.C Enclave, Old Halbatpur, Sentdevi Nagar Colony, Hailatpur, Goutam Buddha Nagar Uttar Pradesh, PIN-201009. 10- Ramesh Chandra Jena, aged about 59 years, S/o.- Late Jagabandhu Jena. 11- Sekh Jalo, aged about 35 years, S/o.- Sekh Isak. 12- Nijamuddin Khan, aged about 38 years, S/o.- Abdul Afar Khan. 13- Sekh Samser, aged about 61 years, S/o.- Sekh Haddi. 14- Birendra Jena, aged about 55 years S/o.- Gandhi Jena. 15- Gangadgar Nayak, aged about 55 years, S/o.- Late Krushna Ch. Nayak. 16- Soni Bibi, aged about 39 years, W/o.- SK Salim. 17- Arakhita Das aged about 38 years, S/o.- Late Chakradhar Das.
Defendents No.- 10 to 17 are of Vill./P.O.- Bahudarda, P.S.- Bhadrak(R), Dist.- Bhadrak.
...................Defendants

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୧ ରୁଲ୍ ୮ ଅନୁଯାୟୀ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ନିମ୍ନ ତଫସିଲ ବୃତ୍ତିପକ୍ଷେ ଆମ୍ଭେ ବାଦୀ ବହୁଦରଡ଼ା ଗ୍ରାମର ରିପ୍ରେଜେଣ୍ଟେଟିଭ ଭାବରେ ଅତ୍ର ମୋକଦ୍ଦମା ନିମ୍ନ ତଫସିଲ ଦାବୀରେ ଆଗତ କରିଅଛୁ ଓ ଗ୍ରାମର କେତେକ ଅଧିବାସଙ୍କୁ ପକ୍ଷଭୁକ୍ତ କରିଅଛୁ ଓ ତାହା ତା୦୭।୦୨।୨୬ରିଖକୁ ଧାର୍ଯ୍ୟ ଅଛି। ଯଦି ଅନ୍ୟ କୌଣସି ଗ୍ରାମବାସୀ କିମ୍ବା ସର୍ବସାଧାରଣଙ୍କ ଆପତ୍ତି ଅଭିଯୋଗ ଥାଏ ତେବେ ସେମାନେ ଉକ୍ତ ତାରିଖରେ ମୋକଦ୍ଦମାରେ ପକ୍ଷଭୁକ୍ତ ହୋଇ ଆପତ୍ତି ଅଭିଯୋଗ କରିପାରିବେ। ନଚେତ୍ ଆଇନ ଅନୁଯାୟୀ ଉଚିତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

PRAYER

Hence prayed that-
A- That, let a decree for easementary and customary right in favour of the plaintiff and defendants No.- 11 to 17 and general public be decreed. B- That, the sale deed dated 9.01.2018 vid deed No.- 10231800332 and 02.03.2022 vide deed No.- 10232201017 and 04.07.2018 vide deed No.- 10231803140 and on 04.07.2018 vide deed No.- 10231803139 and on 04.07.2018 vide deed No.- 10231803138 and on 19.07.2018 vid deed No.- 10233180382. Be declared null and void and not acted upon. C- That, the defendants No.- 2 to 10 be permanent injected in the peaceful possession of deity s land (suit Land) not to obstruct in any manner in seva puja and ceremonial observation of the festival and do any unlawful activities and to would the religious sentiment of the devotees. D. That the cost of the suit be decreed in favour of the plaintiffs. E. That, Any other relief the plaintiffs entitled be decreed in their favour.

SCHEDULE SUIT LAND

Dist.- Bhadrak, MZ- Bahudarda, P.S.- Bhadrak(R)
Consolidation Khata No.- 835

| | |
|---|---|
| Plot No.- 2615 | A0.57 dec. |
| Plot No.- 2630 | A0.23 dec. |
| Plot No.- 3527 | A0.61 dec. |

Corresponds to M.S. Khata No.- 655

| | |
|---|---|
| Plot No.- 2073 | A0.57 dec. |
| Plot No.- 2008 | A0.23 dec. |
| Plot No.- 2466/4287 | A0.61 dec. |

Further correspondences to C.S. Khata No.- 5

| | |
|---|---|
| Plot No.- 1988 | A0.24 dec. |
| Plot No.- 2051 | A0.61 dec. |
| Plot No.- 2333 | A0.82 dec. |

Sd./- Civil Judge, Senior Division, Bhadrak
D-3025

In the Court of the Additional Commissioner, Settlement & Consolidation, Bargarh
Settlement Revision Case No. 242 of 2024

Gurudwarasingh Sahab Balangir r/t president Surinder Singh, S/o.- Sarwan Singh ................Petitioner

Vrs.

Kanakabardhan Singhdeo S/o.- Rajaraj Singhdeo and others ...........Opp. Parties

To,
1. Kanakabardhan Singhdeo, 2. Shreebardhan Singhdeo both are S/o.- Rajaraja Singhdeo, 3. Mitrabindha Debi, 4. Satyarajeswari, Both are D/o.- Rajaraja Singhdeo, 5. Ananga Uday Singhdeo, S/o.- Rajendra Narayan Singhdeo, 6. Krishna Kumari Singhdeo, D/o.- Rajendra Narayan Singhdeo, All are R/o.- Balangir [Sailashree Palace], P.S./Tahasil/Dist.- Balangir ..................O.Ps

NOTICE THROUGH PAPER PUBLICATION U/O 5 RULE 20 CIVIL PROCEDURE CODE, 1908

The above petitioner has filed the above noted case against the above O.Ps for recording of the case land mentioned below on the strength of Regd. Gift Deed bearing No.427 dated 31.01.1977. However, due to communication deficiency the notices have not been served to the opposite parties. Hence this newspaper publication. The case land consists Hal Plot No.- 76 (P), Area- Ac.0.115 dec under Hal Khata No.- 182 of Mouza- Balangir Kha, P.S./Tah.- Balangir, Dist.- Balangir.

Hence, the O.Ps are to appear in this Court in person or through Advocate on 30.01.2026 at 11.00 AM by filing Counter in response to the said revision petition failing which the said revision case will be heard and determined Ex-Party in your absence as per law.

Given under my hand and seal of the Court on this 31st December 2025.

Sd./- ADDL. COMMISSIONER
SETTLEMENT & CONSOLIDATION,
BARGARH
D-3026

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ସୁଷମା ମହାନ୍ତି**
ନୀଳକଣ୍ଠପୁର, ଧର୍ମଶାଳା , ଯାଜପୁର
ଆବିର୍ଭାବ: ୧୭।୦୫।୧୯୩୨
ତିରୋଧାନ: ୨୬।୧୨।୨୦୨୫
-:ଶ୍ରଦ୍ଧାଞ୍ଜଳି ସହ:-
ପୁତ୍ର- ଚିତ୍ତରଞ୍ଜନ ମହାନ୍ତି
ନାତି- ସିଦ୍ଧାର୍ଥ, ନାତୁଣୀବୋହୂ- ଅର୍ପିତା, ମହାନ୍ତି ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-3027

**୨୦ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଆଶୁତୋଷ ପ୍ରଧାନ**
ଅଲଗୁମ, ପୁରୀ
ଆବିର୍ଭାବ: ୨୫।୧୨।୧୯୭୨
ତିରୋଧାନ: ୦୫।୦୧।୨୦୦୬
ତୋ ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବାପା, ବୋଉ, ମାମୁ, ମାଈଁ, ଅପା, ପିଉସା, ମଉସା, ମାଉସୀ, ଭାଇ, ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ।
ଧ-3028

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## ଅତ୍ୟଧିକ ଚିନ୍ତା ଓ ମସ୍ତିଷ୍କର କାର୍ଯ୍ୟଧାରା

କଥାରେ ଅଛି- ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି। ଅନେକ କାରଣରୁ ଆମେ ଅଧିକ ଚିନ୍ତା କରିଥାଉ। ବେଳେବେଳେ ଏପରି ଚିନ୍ତାଗ୍ରସ୍ତ ହୋଇଯାଉ ଯେ ତାହା ଆମର ଦୈନନ୍ଦିନ ଜୀବନଶୈଳୀକୁ ଅନେକାଂଶରେ ପ୍ରଭାବିତ କରିଥାଏ। ତେବେ ଅତ୍ୟଧିକ ଚିନ୍ତା କରିବା ଦ୍ୱାରା ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ସିଓଲ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ସେମାନେ ଏଭଳି କଥା ଜାଣିପାରିଛନ୍ତି। ଆବଶ୍ୟକତାଠାରୁ ଅଧିକ ଚିନ୍ତା କରୁଥିବା କେତେକ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରାକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଶେଷରେ ଏମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଏହାଦ୍ୱାରା ପ୍ରଭାବିତ ହେଉଥିବାର ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ତା'ସହ ଅତ୍ୟଧିକ ଚିନ୍ତାଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖିବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଏଥିପାଇଁ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।





## ଆଣ୍ଟିବାୟୋଟିକ୍ ଖାଉଥିଲେ...

କେତେକ ରୋଗରୁ ଉପଶମ ପାଇବା ଲାଗି ଡାକ୍ତର ଔଷଧ ସହ ଆଣ୍ଟିବାୟୋଟିକ୍ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ରୋଗର କାରଣକୁ ଭଲ ଭାବରେ ତର୍ଜମା କରି ସେ ଏଭଳି ନିଷ୍ପତ୍ତି ନେଇଥାଆନ୍ତି। ତେଣୁ କୌଣସି ରୋଗ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରୁଥିବା ବେଳେ ନିଜର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ତାଙ୍କୁ ବିଶଦ ଭାବରେ ଅବଗତ କରାନ୍ତୁ। କେତେକ ବ୍ୟକ୍ତି ରୋଗରୁ ଉପଶମ କରିବା ମାତ୍ରେ ଆଣ୍ଟିବାୟୋଟିକ୍ ଖାଇବା ମନକୁ ମନ ବନ୍ଦ କରିଦିଅନ୍ତି। ହେଲେ ଏଭଳି ଅଭ୍ୟାସ ବଦଳାନ୍ତୁ। ଏ ନେଇ ମନରେ କିଛି ପ୍ରଶ୍ନ ଥିଲେ ଡାକ୍ତରଙ୍କ ସହ ପୁନଃ ପରାମର୍ଶ କରନ୍ତୁ। ଯେତେଦିନ ପର୍ଯ୍ୟନ୍ତ ସେ ଆଣ୍ଟିବାୟୋଟିକ୍ ଖାଇବାକୁ ପରାମର୍ଶ ଦେଇଛନ୍ତି ତାହାକୁ ସେପର୍ଯ୍ୟନ୍ତ ଚାଲୁ ରଖନ୍ତୁ। ଔଷଧ ବିଷୟରେ ମନରେ କିଛି ବି ପ୍ରଶ୍ନ ଆସୁଥିଲେ ସେଗୁଡ଼ିକୁ ପରାମର୍ଶ ସମୟରେ ହିଁ ସମାଧାନ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା, ଆଣ୍ଟିବାୟୋଟିକ୍ ମନକୁ ମନ କିଣି ଖାଆନ୍ତୁ ନାହିଁ। ଏହାପୂର୍ବରୁ ନିଶ୍ଚୟ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ବାତମାରିବା ସମୟରେ...

►ମନେରଖିବା କଥା ଯେ ରୋଗୀଠାରେ ବାତମାରିବା ଲକ୍ଷଣ ଅସ୍ଥାୟୀ ଏବଂ ତାହା ମନକୁ ମନ ଉପଶମ ହୋଇଯାଏ। ତେଣୁ ସେହି ବାତମାରିବା ସମୟରେ ହିଁ ରୋଗୀ ଉପରେ ତୀକ୍ଷ୍ଣ ନଜର ରଖନ୍ତୁ।

►ରୋଗୀକୁ ବାତମାରିଲା ବେଳେ ତା' ପାଖରୁ ଚେୟାର୍, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନେବା ଉଚିତ।

►ବାତମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ି ବସି ଧରିବା ନିରାପଦ ନୁହେଁ। ରୋଗୀକୁ କଡ଼ମାଡ଼ି ଶୁଆଇ ଦିଅନ୍ତୁ। ଏହାଦ୍ୱାରା ତା'ର ଶ୍ୱାସକ୍ରିୟା ସାବଲୀଳ ରହେ।

►ବାତମାରିବା ସମୟରେ ତା' ପାଟିରେ କୌଣସି ଆଙ୍ଗୁଠି, କାଠି କି ଚାମଚ ଭର୍ତ୍ତି କରନ୍ତୁ ନାହିଁ।

►ଏହି ସମୟରେ ନିଜେ ଶାନ୍ତ ରୁହନ୍ତୁ। ବାତମାରିବା ବନ୍ଦ ହୋଇ ଚେତା ଫେରିଆସିଲେ ତାକୁ ସାନ୍ତ୍ୱନା ଦିଅନ୍ତୁ।

►କିନ୍ତୁ ବାତମାରିବା ବନ୍ଦ ନ ହେଲେ, ବାରମ୍ବାର ବାତମାରିଲେ କିମ୍ବା ଚେତା ନ ଫେରିଲେ ଆମ୍ବୁଲାନ୍ସ ଡକାଇ ରୋଗୀକୁ ତୁରନ୍ତ ହସ୍ପିଟାଲ୍ ନେଇଯାଆନ୍ତୁ।



# ପେଟମରା ବେମାରି



ଡା. ନିତ୍ୟାନନ୍ଦ ସ୍ୱାଇଁ

"ପ୍ରଧାନତଃ ହେଲିକୋବ୍ୟାକ୍ଟର ପାଇଲୋରୀ ନାମକ ଜୀବାଣୁ ସଂକ୍ରମଣ, ଷ୍ଟେରଏଡ୍ ହୋଇ ନ ଥିବା ପ୍ରଦାହରୋଧୀ ଔଷଧଗୁଡ଼ିକର ବେଶିଦିନ ଧରି ସେବନ ଏବଂ କେତେକ କ୍ଷେତ୍ରରେ ଅତ୍ୟଧିକ ମାନସିକ ଚାପ ବା ଷ୍ଟ୍ରେସ୍ ଯୋଗୁ ପେଟମରା ବେମାରି ଜାତ ହୋଇଥାଏ। ଉପରୋକ୍ତ କାରକ ପାକସ୍ଥଳୀରେ କ୍ଷରିତ ଅମ୍ଳର ସନ୍ତୁଳନକୁ ବିପର୍ଯ୍ୟସ୍ତ କରିଦେବା ଫଳରେ ସୃଷ୍ଟି ହୁଏ ଗାଷ୍ଟ୍ରାଇଟିସ୍ ବା ପାକସ୍ଥଳୀ ପ୍ରଦାହ, ପେପ୍ଟିକ ଅଲସର ବା ପାକସ୍ଥଳୀ କିମ୍ବା ଗ୍ରହଣୀ(ଡୁଓଡେନମ୍)ରେ ଘାଆ ଏବଂ ଜିଇଆର୍ଇଡି ବା ଗାଷ୍ଟ୍ରୋଏସୋଫାଜିଆଲ ରିଫ୍ଲକ୍ସ ଡିଜିଜ। ଏହି କାରଣଗୁଡ଼ିକ ଯଥାଯଥ ଚିହ୍ନଟ କରିପାରିଲେ ସୁଗମ ହୋଇଯାଏ ଚିକିତ୍ସା। ପାକସ୍ଥଳୀରେ ସୃଷ୍ଟ ଘାଆକୁ କୁହାଯାଏ ଗ୍ୟାଷ୍ଟ୍ରିକ ଅଲସର ଓ ଗ୍ରହଣୀରେ ହୋଇଥିବା ଘାଆକୁ କୁହାଯାଏ ଡୁଅଡେନାଲ ଅଲସର।"

ପେଟମରା ବେମାରିକୁ ଡାକ୍ତରୀ ଭାଷାରେ କହନ୍ତି 'ଏସିଡ୍ ପେପ୍ଟିକ୍ ଡିଜିଜ'। ଏହାକୁ ମଧ୍ୟ ଏସିଡ୍-ରିଲେଟେଡ୍ ଡିଜଅର୍ଡର ବା ଅମ୍ଳ ସମ୍ପର୍କିତ ରୋଗ ବୋଲି କୁହାଯାଏ। ଏକାଧିକ ଅବସ୍ଥା ଏହାର ଅନ୍ତର୍ଭୁକ୍ତ। ଏହିସବୁ କ୍ଷେତ୍ରରେ ପାକସ୍ଥଳୀରେ ଅସ୍ୱାଭାବିକ ଭାବରେ ବେଶି ପରିମାଣର ଏସିଡ୍ ବା ଅମ୍ଳ କ୍ଷରିତ ହୋଇଥାଏ ଓ ତାହାର ପ୍ରତିକୂଳ ପ୍ରଭାବ ପକେଇଥାଏ ପରିପାକ ତନ୍ତ୍ରରେ। ଏସିଡ୍ ପେପ୍ଟିକ ଡିଜିଜରେ ସମ୍ପୃକ୍ତ ଥାଏ ପାକସ୍ଥଳୀରୁ କ୍ଷରିତ ପେପ୍ଟିକ ନାମକ ଏନ୍‌ଜାଇମ୍ ଏବଂ ଶ୍ଳେଷ୍ମାଝିଲ୍ଲି ପ୍ରତିରୋଧକ। ପେପ୍ଟିକ ଅଲସର ମଧ୍ୟ ଏସିଡ୍ ପେପ୍ଟିକ ଡିଜଅର୍ଡର ଅନ୍ତର୍ଭୁକ୍ତ।

### ପେଟମରା ବେମାରି ହୁଏ କାହିଁକି

ପ୍ରଧାନତଃ ହେଲିକୋବ୍ୟାକ୍ଟର ପାଇଲୋରୀ ନାମକ ଜୀବାଣୁ ସଂକ୍ରମଣ, ଷ୍ଟେରଏଡ୍ ହୋଇ ନ ଥିବା ପ୍ରଦାହରୋଧୀ ଔଷଧଗୁଡ଼ିକର ବେଶିଦିନ ଧରି ସେବନ ଏବଂ କେତେକ କ୍ଷେତ୍ରରେ ଅତ୍ୟଧିକ ମାନସିକ ଚାପ ବା ଷ୍ଟ୍ରେସ୍ ଯୋଗୁ ପେଟମରା ବେମାରି ଜାତ ହୋଇଥାଏ। ଉପରୋକ୍ତ କାରକ ପାକସ୍ଥଳୀରେ କ୍ଷରିତ ଅମ୍ଳର ସନ୍ତୁଳନକୁ ବିପର୍ଯ୍ୟସ୍ତ କରିଦେବା ଫଳରେ ସୃଷ୍ଟି ହୁଏ ଗାଷ୍ଟ୍ରାଇଟିସ୍ ବା ପାକସ୍ଥଳୀ ପ୍ରଦାହ, ପେପ୍ଟିକ ଅଲସର ବା ପାକସ୍ଥଳୀ କିମ୍ବା ଗ୍ରହଣୀ(ଡୁଓଡେନମ୍)ରେ ଘାଆ ଏବଂ ଜିଇଆର୍ଇଡି ବା ଗାଷ୍ଟ୍ରୋଏସୋଫାଜିଆଲ ରିଫ୍ଲକ୍ସ ଡିଜିଜ। ଏହି କାରଣଗୁଡ଼ିକ ଯଥାଯଥ ଚିହ୍ନଟ କରିପାରିଲେ ସୁଗମ ହୋଇଯାଏ ଚିକିତ୍ସା। ପାକସ୍ଥଳୀରେ ସୃଷ୍ଟ ଘାଆକୁ କୁହାଯାଏ ଗାଷ୍ଟ୍ରିକ ଅଲସର ଓ ଗ୍ରହଣୀରେ ହୋଇଥିବା ଘାଆକୁ କୁହାଯାଏ ଡୁଅଡେନାଲ ଅଲସର।





**ହେଲିକୋବ୍ୟାକ୍ଟର ପାଇଲୋରୀ ବା ଏଚ.ପାଇଲୋରୀ ସଂକ୍ରମଣ :** ଏହା ହେଉଛି ଏକ ଅତି ସାଧାରଣ ଜୀବାଣୁ ସଂକ୍ରମଣ ଯାହା ଗାଷ୍ଟ୍ରାଇଟିସ୍ ଏବଂ ପେପ୍ଟିକ ଅଲସର କରାଇଥାଏ।

**ନନ୍-ଷ୍ଟିରଏଡାଲ ଆଣ୍ଟିଇନ୍‌ଫ୍ଲାମେଟୋରୀ ଡ୍ରଗ୍ସ (ଏନ୍‌ଏସ୍‌ଏଆଇଡି) :** ଆସ୍ପିରିନ୍ ଓ ଇବ୍ୟୁପ୍ରୋଫେନ୍ ଭଳି ଷ୍ଟିରଏଡ୍ ହୋଇ ନ ଥିବା ପ୍ରଦାହରୋଧୀ ଔଷଧକୁ ଦୀର୍ଘ ଦିନ ଧରି ବ୍ୟବହାର କଲେ ତାହା ପାକସ୍ଥଳୀ ଝିଲ୍ଲୀରେ କ୍ଷତ ସୃଷ୍ଟି କରି ରୋଗ କରେ।

**ଷ୍ଟ୍ରେସ୍ ବା ଅସ୍ୱାଭାବିକ ମାନସିକ ଚାପ ବୃଦ୍ଧି :** ପ୍ରତ୍ୟକ୍ଷ ଭାବରେ ନ ହେଲେ ମଧ୍ୟ ଷ୍ଟ୍ରେସ୍ ବା ମାନସିକ ଚାପ ଅଧିକ ହୋଇଗଲେ ତାହା ରୋଗର ଲକ୍ଷଣଗୁଡ଼ିକର ତୀବ୍ରତାକୁ ବୃଦ୍ଧି କରିଥାଏ।

ଏହି ରୋଗ ମଧ୍ୟ ଜାତ ହୁଏ ଧୂମପାନ ଓ ମଦ୍ୟପାନ ଯୋଗୁ। ସେଥିପାଇଁ ରୋଗୀ ଧୂମପାନ ଓ ମଦ୍ୟପାନ କରିବା ମନା। ଜୋରିଞ୍ଜର-ଏଲିସନ୍ ସିଣ୍ଡ୍ରୋମ ବା ଗାଷ୍ଟ୍ରିନୋମା ନାମକ ରୋଗ ଯୋଗୁଁ ପାକସ୍ଥଳୀରେ ଏସିଡ୍ କ୍ଷରଣ ବଢ଼ିଯାଇ ରୋଗ ଜାତ ହୁଏ। ମନେରଖିବା ଉଚିତ ଯେ ଏହି ରୋଗଟି ସଂକ୍ରାମକ ନୁହେଁ।

ପେପ୍ଟିକ ଅଲସର ତିନି ପ୍ରକାର, ଯଥା-ଗାଷ୍ଟ୍ରିକ ଅଲସର ବା ପାକସ୍ଥଳୀରେ ଘାଆ, ଡୁଓଡେନାଲ ଅଲସର ବା ଗ୍ରହଣୀରେ ଘାଆ ଏବଂ ଏସୋଫାଞ୍ଜିଆଲ ଅଲସର ବା ଏସୋଫାଗସ୍ ବା ଖାଦ୍ୟନଳୀର ତଳ ଅଂଶରେ ଘାଆ।

### ଲକ୍ଷଣ

ପେଟମରା ବେମାରିର ଲକ୍ଷଣ ଭିନ୍ନତା ପରିଲକ୍ଷିତ ହେଉଥିଲେ ମଧ୍ୟ ସାଧାରଣ ଲକ୍ଷଣଗୁଡ଼ିକ ହେଲା :

-ପେଟ ମାରିବା ବା ପେଟରେ ଯନ୍ତ୍ରଣା, ବିଶେଷକରି ଉଦରର ଉପର ଅଂଶରେ।

-ଅଗ୍ନିମାନ୍ଦ୍ୟ ବା ଅଜୀର୍ଣ୍ଣ।

**-ଛାତି ଜଳାପୋଡ଼ା :** ପାକସ୍ଥଳୀରେ ଥିବା ଅମ୍ଳ ଖାଦ୍ୟବାହୀ ନଳୀ ଭିତରକୁ ପଛୁଆ ଚାଲିଯିବା ଫଳରେ ଛାତିରେ ଜଳାପୋଡ଼ା କରେ।

**-ଅଇ ଓ ବାନ୍ତି :** ସାଧାରଣତଃ ଖାଇସାରିବା ପରେ ପରେ କିମ୍ବା ଶାୟିତ ଅବସ୍ଥାରେ ଏହି ଲକ୍ଷଣ ଦେଖାଦେଇପାରେ।

**ରିଗର୍ଜିଟେସନ୍ ବା ପଶ୍ଚାତ୍ ପ୍ରବାହ**

ଜୀର୍ଣ୍ଣ ହୋଇ ନ ଥିବା ଖାଦ୍ୟ ପାକସ୍ଥଳୀ ଭିତରୁ ପାଟି ଭିତରକୁ ଉଠି ଆସିବା ଫଳରେ ପାଟିରେ ଆମ୍ବିଳା ସ୍ୱାଦ ଅନୁଭୂତ ହୁଏ।

**ଉକାର ଉଠିବା ଓ ପେଟ ଫାମ୍ପିବା:** ଅନ୍ତନଳୀରେ ବେଶି ଗ୍ୟାସ୍ ଜମି ଓକାର ଉଠେ ଓ ପେଟ ପୂରି ରହିବା ଭଳି ଅନୁଭବ ହୁଏ।

**ଓଜନ ହ୍ରାସ :** ରୋଗ ଅତି ଗୁରୁତର କିମ୍ବା ଦୀର୍ଘକାଳର ହୋଇଗଲେ ଶରୀରର ଓଜନ କମିଯାଏ।

**ରକ୍ତ ବାନ୍ତି ଓ କଳା ଝାଡ଼ା :** ବାନ୍ତିରେ ରକ୍ତ ପଡ଼ିପାରେ ଏବଂ ପାକସ୍ଥଳୀ ଓ ଗ୍ରହଣୀରେ ରକ୍ତସ୍ରାବ ହେବା କାରଣରୁ ଝାଡ଼ା ଆଲକାତରା ଭଳି କଳା ଓ ଚିକିଟା ହୋଇଥାଏ।

**ଖାଦ୍ୟ ଢୋକିବାରେ କଷ୍ଟ :** ବିଶେଷକରି ପାଟିରୁ ପାକସ୍ଥଳୀକୁ ଖାଦ୍ୟ ବହନ କରି ନେଉଥିବା ନଳୀ ବା ଏସୋଫାଗସ୍ ସଂକୁଚିତ ହୋଇପଡ଼ିଲେ ଖାଦ୍ୟ ଢୋକିବାରେ ଅସୁବିଧା ଉପୁଜିପାରେ।

ଉପରୋକ୍ତ ଲକ୍ଷଣମାନ ଲାଗି ରହିଲେ ରୋଗ ନିର୍ଣ୍ଣୟ ଓ ଚିକିତ୍ସା ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରିବା ଜରୁରୀ। ପାକସ୍ଥଳୀରେ ଘାଆ ହୋଇଥିଲେ କିଛି ଖାଇଦେବା ପରେ ଯନ୍ତ୍ରଣା ଉପଶମ ହୋଇଥାଏ। ପାଖାପାଖି ଏକ ତୃତୀୟାଂଶ ବୟସ୍କ ରୋଗୀଙ୍କ ଠାରେ କୌଣସି ଲକ୍ଷଣ ପ୍ରକାଶ ପାଏନି।

**ପେପ୍ଟିକ ଅଲସର ହୋଇଥିଲେ...**

-ରକ୍ତବାନ୍ତି ହୋଇପାରେ। ଅନ୍ତତଃ ୧୫ ପ୍ରତିଶତ ରୋଗୀଙ୍କଠାରେ ପରିଲକ୍ଷିତ ହୁଏ ରକ୍ତବାନ୍ତି ଲକ୍ଷଣ।

-ହୋଇପାରେ ଆଲକତରା ଭଳି କଳାଝାଡ଼ା।

-ଅଲସର ବା ଘାଆ କଣା ହୋଇଯାଇପାରେ।

-ଘାଆ ଯୋଗୁ ପାକସ୍ଥଳୀର ତଳ ମୁହଁ ସଂକୀର୍ଣ୍ଣ ହୋଇ ଛିଦ୍ର ଅସ୍ୱାଭାବିକ ଭାବରେ ସରୁ ହୋଇଯାଇପାରେ। ଏହି ପ୍ରକାର ଲକ୍ଷଣକୁ 'ପାଇଲୋରିକ୍ ଷ୍ଟେନିସିସ୍' ବୋଲି କହନ୍ତି।

-ସୋଫୋଗସ୍ ତଳ ଅଂଶରେ ଘାଆ ହେଲେ ହୋଇପାରେ ଦନ୍ତକ୍ଷୟ, ଖାଦ୍ୟ ଗିଳିବାରେ କଷ୍ଟ ଓ ଛାତି ଜଳାପୋଡ଼ା ଇତ୍ୟାଦି।

### ଚିକିତ୍ସାବିଧି

ଏସିଡ୍ ପେପ୍ଟିକ୍ ଡିଜିଜର ଚିକିତ୍ସା ପାଇଁ ଲୋଡ଼ା ପଡ଼େ ଔଷଧ, ଜୀବନଶୈଳୀରେ ପରିବର୍ତ୍ତନ ଓ ଖାଦ୍ୟ କଟକଣା। କେତେକ କ୍ଷେତ୍ରରେ ଅପରେଶନ ଦରକାର ହୁଏ। ଓମୋପ୍ରାଜୋଲ, ଏସୋମପ୍ରାଜୋଲ, ଲାନ୍‌ସୋପ୍ରାଜୋଲ, ପାଣ୍ଟୋପ୍ରାଜୋଲ୍ ଇତ୍ୟାଦି ଔଷଧ ଆଣ୍ଟାସିଡ୍ ଭଳି କାର୍ଯ୍ୟ କରି ପାକସ୍ଥଳୀରେ କ୍ଷରିତ ଏସିଡ୍ ପ୍ରଭାବକୁ ଅକାମୀ କରିଦିଏ। ଫଳରେ ଯନ୍ତ୍ରଣାର ଆଶୁ ଉପଶମ ଘଟେ। ଏହିସବୁ ଔଷଧ ମଧ୍ୟ ହ୍ରାସ କରିଦିଏ। ପାକସ୍ଥଳୀରେ ଏସିଡ୍‌ର କ୍ଷରଣ କମେଇ ଦେଇ ଲକ୍ଷଣ ଉପଶମ କରିଦିଏ। ଉପରୋକ୍ତ ଔଷଧ ବ୍ୟତୀତ ଆଣ୍ଟିବାୟୋଟିକ୍ ଔଷଧ ମଧ୍ୟ ଆବଶ୍ୟକ ହୁଏ ହେଲିକୋବ୍ୟାକ୍ଟର ପାଇଲୋରୀ ଜୀବାଣୁ ଚିକିତ୍ସା ପାଇଁ। (କ୍ରମଶଃ...)

-'ଅଭୀପ୍ସା', 'ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ : ୯୪୩୭୭୬୬୧୧୭

## କୋଲେଷ୍ଟରଲ ନିୟନ୍ତ୍ରଣର ସହଜ ଉପାୟ



ଆମ ଶରୀରରେ କୋଲେଷ୍ଟରଲ ପରିମାଣ ନିୟନ୍ତ୍ରଣରେ ରହିବା ନିହାତି ଦରକାର। ତେବେ ଏହାର ଏକ ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି? ଯଦି ଜଣେ ବ୍ୟକ୍ତି ନିୟମିତ ସକାଳୁ ଖାଲି ପେଟରେ ଉଷୁମ ପାଣି ପିଅନ୍ତି, ତେବେ ତାଙ୍କ ଶରୀରରେ କୋଲେଷ୍ଟରଲ ପରିମାଣ କେତେକାଂଶରେ ନିୟନ୍ତ୍ରଣରେ ରହେ। ଲଣ୍ଡନ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଏ କଥା ଜଣାପଡ଼ିଛି। ଏହି ସମୟରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିୟମିତ ଉଷୁମ ପାଣି ପିଉଥିବା କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କର କୋଲେଷ୍ଟରଲ ପରିମାଣ କେତେ ରହୁଛି ତାହା ମଧ୍ୟ ପରୀକ୍ଷା କରାଯାଇଥିଲା। ପରିଶେଷରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର କୋଲେଷ୍ଟରଲ କେତେକାଂଶରେ ନିୟନ୍ତ୍ରଣକୁ ଆସିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ନିୟମିତ ଉଷୁମ ପାଣି ପିଇଲେ ତାହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ତା'ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହା ମଧ୍ୟ ସାହାଯ୍ୟ କରେ।

## ଜାଣି ରଖନ୍ତୁ



- ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ସଜାଗ ରୁହନ୍ତୁ। କାରଣ ନିଜକୁ ସୁସ୍ଥ ରଖିବା ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।
- ନିଜକୁ ଟେନ୍‌ସନ୍‌ଠାରୁ ଯେତେସମ୍ଭବ ଦୂରେଇ ରଖନ୍ତୁ। ନିୟମିତ ଯୋଗ କଲେ ଏଥିରୁ କେତେକାଂଶରେ ନିଜକୁ ଦୂରେଇ ରଖିପାରିବେ।
- ଅଙ୍ଗୁରରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବ୍ୟାକ୍ଟେରିଆ, ଭାଇରସ୍ ଆଦି ସଂକ୍ରମଣରୁ ମଧ୍ୟ ଏହା ଆମକୁ କେତେକାଂଶରେ ସୁରକ୍ଷା ପ୍ରଦାନ କରେ।
- ବେଳେବେଳେ ଠିକ୍ ସମୟରେ ଖାଦ୍ୟ ନ ଖାଇବା କି ପାଣି ନ ପିଇବା ଦ୍ୱାରା ମୁଣ୍ଡ ବହୁତ ଜୋର୍‌ରେ ବ୍ୟଥା ହୁଏ। ତେଣୁ ସମୟ ଅନୁଯାୟୀ ସନ୍ତୁଳିତ ଖାଦ୍ୟ ଖାଇବା ଓ ପ୍ରଚୁର ପାଣି ପିଇବା ନିହାତି ଦରକାର।
- ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ, କାରଣ ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି। ଡାଏଟିଂ ପାଇଁ ଏହାକୁ ମଧ୍ୟ ବ୍ୟବହାର କରିପାରିବା।

## ସ୍ୱାସ୍ଥ୍ୟ ସୂଚନା

►ତଟକା ଫଳମୂଳରେ ଭିଟାମିନ୍ ଭରି ରହିଛି। ଏହାକୁ ବ୍ରେକ୍‌ଫାଷ୍ଟ ତାଲିକାରେ ସାମିଲ କରନ୍ତୁ। ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ବେଶ୍ ଉପକାରୀ।

►ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହି କାମ କରନ୍ତୁ ନାହିଁ। ମଝିରେ କିଛି ସମୟ ଚାଲବୁଲ କରନ୍ତୁ।

►ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ବ୍ୟବଧାନରେ ଆଖି ପରୀକ୍ଷା କରାଇ ନିଅନ୍ତୁ।

►ଡାଇବେଟିସ୍ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଡାକ୍ତର କେତେକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପରାମର୍ଶ ଦେଇଥାଆନ୍ତି। ଏହାକୁ ଅବହେଳା କରନ୍ତୁ ନାହିଁ।

►ସବୁ ଖାଦ୍ୟ ଆବଶ୍ୟକ ଅନୁଯାୟୀ ଖାଆନ୍ତୁ। ନନ୍‌ଭେଜ୍ ଖାଦ୍ୟ ଖାଉଥିଲେ ଏହାର ପରିମାଣ ଯେତେ ସୀମିତ ରହିବ ସେତେ ଭଲ।

►ଯଦି ବୟସ ୫୦ ଟପିଲାଣି ତେବେ ଆପଣଙ୍କ ଶରୀରରେ ଭିଟାମିନ୍ ପରିମାଣ କେତେ ରହିଛି ତାହା ପରୀକ୍ଷା କରାଇ ନିଅନ୍ତୁ।

►ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ମନ ହାଲୁକା ରହିଥାଏ ଏବଂ ଶରୀର କେତେକାଂଶରେ ସୁସ୍ଥ ରହିଥାଏ।



## ସୁନିଦ୍ରା ବୃଦ୍ଧି କରେ ରୋଗ ପ୍ରତିରୋଧକ ଶକ୍ତି

ରୋଗଠାରୁ କେତେକାଂଶରେ ଦୂରେଇ ରହିବାରେ ରୋଗ ପ୍ରତିରୋଧକ ଶକ୍ତି ଅନେକାଂଶରେ ସାହାଯ୍ୟ କରିଥାଏ। ତେଣୁ ଏହା ସବୁବେଳେ ସନ୍ତୁଳିତ ରହିବା ନିହାତି ଦରକାର। ଏଥିଲାଗି ଏକ ସରଳ ଉପାୟ ଆପଣେଇ ପାରନ୍ତି। ତାହା ହେଲା ସୁନିଦ୍ରା। ଯଦି ଜଣେ ବ୍ୟକ୍ତି ପ୍ରାୟ ସବୁବେଳେ ଶାନ୍ତ ମନରେ ନିଦ୍ରା ଯାଆନ୍ତି ତେବେ ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି କେତେକାଂଶରେ ବୃଦ୍ଧି ପାଇଥାଏ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏ ନେଇ ଏକ ସର୍ଭେ କରିଥିଲେ। ନିଦ୍ରାଜନିତ ସମସ୍ୟା ନ ଥିବା ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି କେତେ ଦୃଢ଼ ରହୁଛି ସେ ନେଇ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରୀକ୍ଷା କରି ଏକଥା ଜାଣିପାରିଥିଲେ। ତେବେ ଏହାସହ ଖାଦ୍ୟପେୟ ଏବଂ ସନ୍ତୁଳିତ ଜୀବନଶୈଳୀର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଶୋଇବା ପୂର୍ବରୁ ନିଜ ମନକୁ ଶାନ୍ତ ରଖନ୍ତୁ। ଏହି ସମୟରେ କୌଣସି ଟେନ୍‌ସନ୍‌ର ବଶବର୍ତ୍ତୀ ହୁଅନ୍ତୁ ନାହିଁ। କାରଣ ଏହାଦ୍ୱାରା ନିଦ୍ରା ଅନେକାଂଶରେ ପ୍ରଭାବିତ ହୋଇଥାଏ। ନିଦ୍ରାଜନିତ ସମସ୍ୟା ପରୋକ୍ଷରେ କେତେକ ରୋଗକୁ ମଧ୍ୟ ଆମନ୍ତ୍ରଣ କରିଥାଏ।







# ଆଜିଠୁ ଡିଉରେ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

**ଭୁବନେଶ୍ୱର, ୪ା୧ (ତପନ ସ୍ୱାଇଁ)**

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ଦ୍ୱିତୀୟ ସଂସ୍କରଣ ପାଇଁ କେନ୍ଦ୍ରଶାସିତ ଅଞ୍ଚଳ ଡିଉ ପ୍ରସ୍ତୁତ। ପ୍ରଥମ ସଂସ୍କରଣ ପରି ଏଥର ମଧ୍ୟ ଏହି ପ୍ରତିଯୋଗିତା ଡିଉର ଘୋଘଲା ବିଚ୍‌ରେ ସୋମବାର ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ୬ଟି ପଦକ ଇଭେଣ୍ଟ ଓ ୨ଟି ଡେମୋନ୍‌ଷ୍ଟ୍ରେଶନ ଇଭେଣ୍ଟ ଅନୁଷ୍ଠିତ ହେବ।

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଆୟୋଜନ ସହ ଭାରତର ଏହି ଉପକୂଳବର୍ତ୍ତୀ ଅଞ୍ଚଳ ଜାତୀୟ ସ୍ପୋର୍ଟିଂ ଆରେନାରେ ପରିଣତ ହୋଇଛି। ସମୁଦ୍ରତଟ ବାଲିରେ ଏହି ୬ ଦିନିଆ ସ୍ୱଦେଶୀ କ୍ରୀଡ଼ାର ରୋମାଞ୍ଚ ଦେଖିବାକୁ ମିଳିବ। ପଦକ ଇଭେଣ୍ଟ ମଧ୍ୟରେ ରହିଛି ବିଚ୍ ଫୁଟ୍‌ବଲ, ବିଚ୍ ଭଲିବଲ, ବିଚ୍ ସିପକ୍‌ଟାକ୍ରୋ, ବିଚ୍ କବାଡ଼ି, ବିଚ୍ ପେନ୍‌ଚାକ୍ ସିଲାଟ ଓ ଓପନ୍ ୱାଟର ସୁଇମିଂ। ନନ୍ କମ୍ପିଟେଟିଭ୍ ଡେମୋନ୍‌ଷ୍ଟ୍ରେଶନ ଇଭେଣ୍ଟଭାବେ ମାଲଖମ୍ବ ଓ ଟଗ୍ ଅଫ୍ ୱାର ଆୟୋଜନ ହେବ।

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ଦ୍ୱିତୀୟ ସଂସ୍କରଣ ଲାଗି ଦେଶର ୨୫ ରାଜ୍ୟ ଓ ୬ କେନ୍ଦ୍ରଶାସିତ ଅଞ୍ଚଳରୁ ୧୩୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଓ ସପୋର୍ଟ ଷ୍ଟାଫ୍ ଏକତ୍ରିତ ହେବେ। ପଦକ ଇଭେଣ୍ଟଗୁଡ଼ିକରେ ୭୮୬ ଆଥ୍‌ଲେଟ ଅବତୀର୍ଣ୍ଣ ହେବେ। ଏହା ମଧ୍ୟରେ ୩୬୬ ମହିଳା ଓ ୪୨୦ ପୁରୁଷ ସାମିଲ। ଗେମ୍ସଭିତ୍ତିରେ ଦେଖିବାକୁ ଗଲେ ବିଚ୍ ସିପକ୍‌ଟାକ୍ରୋରେ ୨୬୩, ବିଚ୍ ପେନଚାକ୍ ସିଲାଟରେ ୧୫୭, ବିଚ୍ ସକ୍କରରେ ୧୫୬, ବିଚ୍ କବାଡ଼ିରେ ୯୬, ବିଚ୍ ଭଲିବଲରେ ୬୪ ଓ ଓପନ ୱାଟର ସୁଇମିଂରେ ୫୦ ପ୍ରତିଦ୍ୱନ୍ଦ୍ୱୀ ଭାଗନେଉଥିବା ସୂଚନା ମିଳିଛି। ମାଲଖମ୍ବ ଓ ଟଗ୍ ଅଫ୍ ୱାର ପରି ଭାରତୀୟ ପାରମ୍ପରିକ କ୍ରୀଡ଼ାରେ ୩୩୬ ଅଂଶଗ୍ରହଣ କରିବେ।



ଖେଲୋ ଇଣ୍ଡିଆ ବିଚ୍ ଗେମ୍ସଲାଗି ପ୍ରସ୍ତୁତ ଡିଉର ଘୋଘଲା ବିଚ୍।

## ପ୍ରଥମ ସଂସ୍କରଣରେ ମଣିପୁରର ପ୍ରାଧାନ୍ୟ

ବିଚ୍ ଗେମ୍ସ ପାଇଁ ଶକ୍ତିଶାଳୀ ରାଜ୍ୟଭାବେ ବିବେଚିତ ହେଉଥିବା ମହାରାଷ୍ଟ୍ର, ହରିୟାଣା, ଉତ୍ତର ପ୍ରଦେଶ, ଗୁଜରାଟ, ତାମିଲନାଡୁ, କେରଳ, ମଣିପୁର, ନାଗାଲାଣ୍ଡ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଚଣ୍ଡିଗଡ଼, ପଣ୍ଡିଚେରୀ, ଦାଦ୍ରା ଆଣ୍ଡ ନଗର ହାଭେଳି ଆଣ୍ଡ ଡାମନ ଆଣ୍ଡ ଡିଉ ଭଳି ଦଳକୁ ଓଡ଼ିଶା ଟକ୍କର ଦେବ। ଗତ ସଂସ୍କରଣରେ ମଣିପୁର ଚାମ୍ପିୟନ ହୋଇଥିଲା। ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୩ ବ୍ରୋଞ୍ଜ୍ ସହ ମୋଟ ୧୪ ପଦକ ହାସଲକରି ଏହି ଦଳ ଶୀର୍ଷସ୍ଥାନ ଅଧିକାର କରିଥିବାରୁ ଏଥର ଦୃଢ଼ ଆତ୍ମବିଶ୍ୱାସର ସହ ଅବତୀର୍ଣ୍ଣ ହେବ। ମହାରାଷ୍ଟ୍ର ୫ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୦ ବ୍ରୋଞ୍ଜ ସହ ୨୦ଟି ପଦକ ପାଇଥିଲା। ମୋଟ ଅଧିକ ପଦକ ପାଇଥିଲେ ମଧ୍ୟ ରୌପ୍ୟ ହାସଲରେ ପଛରେ ପଡ଼ି ଦ୍ୱିତୀୟରେ ରହିଥିଲା। ନାଗାଲାଣ୍ଡ ୫ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ୍ ସହ ମୋଟ ୧୩ଟି ପଦକ ସହିତ ତୃତୀୟ ସ୍ଥାନରେ ରହି ଐତିହାସିକ ସଫଳତା ପାଇଥିଲା। ହରିୟାଣା ଓ ଜମ୍ମୁ-କଶ୍ମୀର ଦଳ ମଧ୍ୟ ୫ଟି ଲେଖାଏ ସ୍ୱର୍ଣ୍ଣ ପାଇଥିଲେ। ତେଣୁ ରୌପ୍ୟ ପଦକ ଟପ୍-୫ ନିର୍ଣ୍ଣୟ କରିଥିଲା। ହରିୟାଣା ଓ ଜମ୍ମୁ-କଶ୍ମୀର ଦଳ ଗୋଟିଏ ଲେଖାଏ ରୌପ୍ୟ ପାଇଥିବାରୁ ଯୁଗ୍ମଭାବେ ୪ର୍ଥ ସ୍ଥାନରେ ରହିଥିଲେ। ମାର୍ଶାଲ ଆର୍ଟର ଅନ୍ୟତମ ଇଭେଣ୍ଟ ପେନ୍‌ଚାକ ସିଲାଟରେ ମଣିପୁର ଓ ନାଗାଲାଣ୍ଡ ପ୍ରତିଯୋଗୀ ଚମତ୍କାର ପ୍ରଦର୍ଶନ କରି ୨ଟି ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଓପନ୍ ୱାଟର ସୁଇମିଂରେ ମହାରାଷ୍ଟ୍ର ସୁଇମର ପ୍ରଭାବୀ ରହିଥିଲେ। ୨୦୨୫ରେ ଏହି ପ୍ରତିଯୋଗିତା ଘୋଘଲା ବିଚ୍‌ରେ ମେ' ୧୯ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

# ପ୍ରଦର୍ଶନରେ ଉନ୍ନତି ଲକ୍ଷ୍ୟରେ ଓଡ଼ିଶା ଦଳ






ଓଡ଼ିଶା ବିଚ୍ ସକ୍କର (ଉପର) ଓ ପେନ୍‌ଚାକ ସିଲାଟ ଦଳ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୪ା୧ (ତପନ ସ୍ୱାଇଁ)**

**ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ**

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଲାଗି କେନ୍ଦ୍ରଶାସିତ ଅଞ୍ଚଳ ଡିଉର ଘୋଘଲା ବିଚ୍ ଚଳଚଞ୍ଚଳ ହୋଇପଡ଼ିଛି। ଦେଶର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀ ଓ ଅଫିସିଆଲମାନେ ଏଠାରେ ପହଞ୍ଚି ସାରିଛନ୍ତି। ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣରେ ଓଡ଼ିଶାର ମହିଳା ବିଚ୍ ସକ୍କର, ମହିଳା ଓ ପୁରୁଷ ଭଲିବଲ, ମହିଳା ଓ ପୁରୁଷ ପେନ୍‌ଚାକ୍ ସିଲାଟ ଏବଂ ମହିଳା ସିପକ୍‌ଟାକ୍ରୋ ଦଳ ଅଂଶଗ୍ରହଣ ପାଇଁ ଡିଉରେ ପହଞ୍ଚିସାରିଛି। ଏହିସବୁ ଦଳର ଖେଳାଳି ତାଲିକା ମଧ୍ୟ ଘୋଷିତ ହୋଇସାରିଛି। ୨୦୨୫ରେ ଡିଉରେ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୭ ବ୍ରୋଞ୍ଜ୍ ସହ ମୋଟ ୧୨ଟି ପଦକ ଜିତି ୧୩ତମ ସ୍ଥାନରେ ରହିଥିଲା। ଏଥର ଓଡ଼ିଶା ପ୍ରଦର୍ଶନରେ ଉନ୍ନତି ଆଣି ଅଧିକ ପଦକ ହାସଲ ଆଶାରେ ରହିଛି।

**ମହିଳା ବିଚ୍ ସକ୍କର:** ସସ୍ମିତା ପରିଡ଼ା, ମଞ୍ଜୁ ଗଞ୍ଜୁ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଶିବାନୀ ମୁଣ୍ଡାରୀ, ସୁସ୍ମିତା ତନ୍ତି, ଅଙ୍କିତା ନାଏକ, ପ୍ରଜ୍ଞା କିଶାନ, ସୁମିତ୍ରା ହେମ୍ବ୍ରମ, ସତ୍ୟବତୀ ଖାଡ଼ିଆ, ଶ୍ରୀଜନ ତମାଙ୍ଗ, ଖୁଦୋଙ୍ଗବାମ ଅମ୍ବାଳିକା, ମନୀଷା ନାଏକ। ମୁଖ୍ୟ କୋଚ୍: ଗୀତାଞ୍ଜଳି ଖୁଣ୍ଟିଆ, ମ୍ୟାନେଜର: ଗୋମତି ବାରା, ଫିଜିଓ: ଲୋପାମୁଦ୍ରା ମହାରାଜ।

**ବିଚ୍ ଭଲିବଲ (ପୁରୁଷ):** ପାର୍ଥସାରଥି ଜେନା, ସୁନୀଲ କୁମାର ଦାସ, ଅମିତ ପରିଡ଼ା, ସୌମ୍ୟ ରଞ୍ଜନ ବାରିକ। **ମହିଳା:** ଲାସ୍ୟମୟୀ ମହନ୍ତ, ସୋନାଲି ବିଶ୍ୱାସ, ରୋଜାଲିନ ଆନ୍ଦିଆ, ବବି ସିଂ।

**ପେନ୍‌ଚାକ ସିଲାଟ (ପୁରୁଷ):** ଅଂଶୁମାନ ଭୌମିକ, ରାହୁଲ ସା, ସୋହିଲ ଗୁରୁଙ୍ଗ, ରୁଦ୍ର ପ୍ରତାପ ଷଡ଼ଙ୍ଗୀ। **ମହିଳା:** ସୋନୁ ସେମଲିଆ, ପିହୁ ଦାସ, ବସୁନ୍ଧରା ତାଣ୍ଡି, ଉମାବତୀ ପାତ୍ର।

**ମହିଳା ସିପକ୍‌ଟାକ୍ରୋ:** ଅଶ୍ରବାନୀ, ଇତିଶ୍ରୀ ସାମଲ, ସିମରନ ଏକ୍କା, ରାଇମଣି ଟୁଡୁ, ଗାୟତ୍ରୀ ସାହୁ, ମଧୁସ୍ମିତା ବେହେରା।

# ଡାକାର ରାଲିରେ ସଞ୍ଜୟ ଟାକ୍‌ଲେଙ୍କ କୀର୍ତ୍ତିମାନ



ସଞ୍ଜୟ ଟାକ୍‌ଲେ (ଡାହାଣ)।

**ୟାନ୍‌ବୁ (ସଉଦି ଆରବ), ୪ା୧:** ଡାକାର ରାଲି ୨୦୨୬ ପ୍ରୋଲୋଗ୍‌ରେ ଏଚ୍-୩ କ୍ଲାସ ଜିତି ଭାରତର ସଞ୍ଜୟ ଟାକ୍‌ଲେ ଇତିହାସ ସୃଷ୍ଟି କରିଛନ୍ତି। ଜଣେ ଭାରତୀୟ ରାଲି ରେସର ଭାବେ ସେ ମୋଟର ସ୍ପୋର୍ଟ୍ସ ଇତିହାସରେ ତାଙ୍କ ନାମକୁ ଲିପିବଦ୍ଧ କରିଛନ୍ତି। କାର୍ ବର୍ଗରେ ଓଭର ଅଲ୍ କିନ୍ତୁ ସେ ୩୫ତମ ସ୍ଥାନରେ ରହିଛନ୍ତି। ପ୍ରୋଲୋଗ ପର୍ଯ୍ୟାୟ ହେଉଛି, ଯାହାକି ରାଲି ପାଇଁ ପ୍ରାରମ୍ଭିକ କ୍ରମ ସ୍ଥିର କରିଥାଏ ଏବଂ ସାମଗ୍ରିକ ବର୍ଗୀକରଣରେ ଏହା ହିସାବକୁ ନିଆଯାଇ ନ ଥାଏ। ଟାକ୍‌ଲେ ଏଚ୍-୩ ଶ୍ରେଣରେ ପ୍ରାଧାନ୍ୟ ବିସ୍ତାର କରିଥିଲେ, ଯାହା ତାଙ୍କୁ ପ୍ରଥମ ଦିବସରେ କାର୍ ବର୍ଗରେ ପ୍ରଥମ ଭାରତୀୟ ଭାବେ ଡାକାର ପୋଡିୟମ ଫିନିଶ କରିଥିଲେ।

# ପଞ୍ଚମ ଆଶେସ୍ ଟେଷ୍ଟ: ରୁଟ୍-ବ୍ରୁକ୍ ସ୍ଥିତି ସମ୍ଭାଳିଲେ

**ସିଡ୍‌ନୀ, ୪ା୧ (ପି.ଟି.)**

ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ରବିବାରଠାରୁ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ପଞ୍ଚମ ତଥା ଅନ୍ତିମ ଆଶେସ୍ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍‌ଙ୍କ ଅବିଭାଜିତ ୧୫୪ ରନ୍‌ର ଭାଗୀଦାରିତା ଯୋଗୁ ଇଂଲଣ୍ଡ ପ୍ରଥମ ଦିନ ଶେଷପର୍ଯ୍ୟନ୍ତ ୩ ଉଇକେଟ ହରାଇ ୨୧୧ ରନ୍ କରିଛି। ଖରାପ ଆଲୋକ ଓ ଘଡ଼ଘଡ଼ି ସହ ବର୍ଷା କାରଣରୁ ଟି' ପରେ ଖେଳ ସମ୍ଭବ ହୋଇପାରି ନ ଥିଲା। ମ୍ୟାଚ୍ ଆରମ୍ଭ ପୂର୍ବରୁ ନିକଟ ବୋଣ୍ଡି ବିଚ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ଲାଗି ଗାର୍ଡ ଅଫ୍ ଅନର ଓ ଉପସ୍ଥିତ ଦର୍ଶକଙ୍କ ଷ୍ଟାଣ୍ଡିଂ ଓଭେଶନ ଜରିଆରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅଷ୍ଟ୍ରେଲିଆନ୍ ବ୍ୟାଟର ଉସ୍ମାନ୍ ଖ୍ୱାଜାଙ୍କ ଲାଗି ଏହା ବିଦାୟୀ ଟେଷ୍ଟ ମ୍ୟାଚ୍ ଥିବା ବେଳେ ଅଷ୍ଟ୍ରେଲିଆର ଚୂଡ଼ାନ୍ତ ଏକାଦଶରେ କୌଣସି ସ୍ପିନରଙ୍କୁ ସାମିଲ କରାଯାଇ ନାହିଁ, ଯାହାକି ୧୮୮୮ ପରେ ଏସ୍‌ସିଜିରେ ପ୍ରଥମ ଘଟଣା।

ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜ୍ୟାକ୍ କ୍ରଲି ଓ ବେନ ଡକେଟ ପ୍ରଥମ ଉଇକେଟରେ ୩୫ ରନ୍ କରିଥିଲେ। ମାଇକେଲ ନେସରଙ୍କ ବଲ୍‌ରେ କ୍ରଲି (୧୬) ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହେବାରୁ ଏହି ଯୋଡ଼ି ଭାଙ୍ଗିଥିଲା। ଇଂଲଣ୍ଡ ୫୭ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ଥିବା ବେଳେ ରୁଟ୍ ଓ ବ୍ରୁକ ଦାୟିତ୍ୱ ସମ୍ଭାଳିଥିଲେ। ଦୁହେଁ ଧୈର୍ଯ୍ୟର ସହ ବ୍ୟାଟିଂକରି ଦଳୀୟ ସ୍କୋରକୁ ପ୍ରଥମେ ୧୦୦ ଓ ପରେ ୨୦୦ ଅତିକ୍ରମ କରାଇଥିଲେ। ଦୁହେଁ ଅବିଭାଜିତ ଚତୁର୍ଥ ଉଇକେଟ ପାଇଁ ୧୫୪ ରନ୍ ଯୋଡ଼ିଥିଲେ। ଆଲୋକ ଅଭାବ କାରଣରୁ ଟି'ର ୧୫ ମିନିଟ୍ ପୂର୍ବରୁ ଖେଳକୁ ରୋକାଯାଇଥିଲା। ହେଲେ ଏହାପରେ ଘଡ଼ଘଡ଼ି ସହ ବର୍ଷା ଯୋଗୁ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଇଂଲଣ୍ଡ ପ୍ରଥମ ଦିନ ଶେଷସୁଦ୍ଧା ୪୫ ଓଭରରେ ୩ ଉଇକେଟ ହରାଇ ୨୧୧ ରନ୍ କରିଛି। ଷ୍ଟମ୍ପ୍ ଅପସାରଣ ବେଳକୁ ରୁଟ୍ ୭୨(୮ ଚୌକା) ଓ ବ୍ରୁକ୍ ୭୮(୬ ଚୌକା, ୧ ଛକା) ରନ୍‌ରେ ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟାର୍କ, ନେସର ଓ ସ୍କଟ୍ ବୋଲାଣ୍ଡ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ଶତକୀୟ ଭାଗୀଦାରି ଅବସରରେ ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୧୧/୩(ହ୍ୟାରୀ ବ୍ରୁକ୍-୭୮, ଜୋ ରୁଟ୍-୭୨, ମିଚେଲ ଷ୍ଟାର୍କ-୧/୫୩, ସ୍କଟ୍ ବୋଲାଣ୍ଡ-୧/୪୮, ମାଇକେଲ ନେସର-୧/୩୬)।

# କୋମାରୁ ବାହାରିଲେ ମାର୍ଟିନ

**ସିଡ୍‌ନୀ, ୪ା୧**

ଗତ ସପ୍ତାହରେ ମେନିଙ୍ଗିଟିସ୍ କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ତଥା ଟେଷ୍ଟ ଲିଜେଣ୍ଡ ଡାମିଏନ ମାର୍ଟିନ କୋମାରୁ ବାହାରି ଆସିଛନ୍ତି। ଏ ନେଇ ସିଡ୍‌ନୀ ମର୍ନିଂ ହେରାଲ୍ଡରେ ରବିବାର ଏକ ରିପୋର୍ଟ ପ୍ରକାଶ ପାଇଛି। ୫୪ ବର୍ଷୀୟ ମାର୍ଟିନଙ୍କୁ ଗତ ୨୭ ତାରିଖରେ ଗୋଲ୍ଡ କୋଷ୍ଟ ୟୁନିଭର୍‌ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହ ସେ କୋମାକୁ ଚାଲିଯାଇଥିଲେ। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଥିବା ନେଇ ତାଙ୍କ ବନ୍ଧୁ ତଥା ପୂର୍ବତନ କ୍ରିକେଟର ଆଡାମ ଗିଲ୍‌କ୍ରିଷ୍ଟ ସ୍ପଷ୍ଟ କରିଛନ୍ତି। ସୂଚନା ଯେ, ମାର୍ଟିନ ୧୯୯୨ରୁ ୨୦୦୬ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ୬୭ ଟେଷ୍ଟ, ୨୦୮ ଦିନିକିଆ ଓ ୪ ଟି୨୦ ମ୍ୟାଚ୍ ଖେଳିଥିଲେ। ମାର୍ଟିନ ଏବେ କଥା କହିପାରୁଛନ୍ତି। ସେ କୋମାରୁ ବାହାରକୁ ଆସିବାଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ତାଙ୍କୁ ଖୁବ୍‌ଶୀଘ୍ର ଆଇସିୟୁରୁ ସ୍ଥାନାନ୍ତର କରାଯିବ ବୋଲି ପରିବାରବର୍ଗ ଆଶାବାଦୀ ରହିଥିବା ଗିଲକ୍ରିଷ୍ଟ କହିଛନ୍ତି।

# ସ୍କୁଲ୍ସ ଓପନ ଚେସ୍: ଆଦିତ୍ୟ ଚାମ୍ପିୟନ



ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୪ା୧ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୯ମ ରବି ନାରାୟଣ ଦାଶ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପୂରା ୫ ପଏଣ୍ଟ ପାଇ ଆଦିତ୍ୟ ଶଙ୍କର ବେହେରା ଚାମ୍ପିୟନ ହୋଇଛନ୍ତି। ନିରେକ ପରିଡ଼ା, ସାବ୍ୟସାଚୀ ପୃଷ୍ଟି, ଶିବେଶ ଅବତାର ଓ ଆୟୁଷ୍ମାନ ବେହେରା ଯଥାକ୍ରମେ ୨ୟରୁ ୫ମ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୧୦ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରତିଯୋଗିତାକୁ ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେଶନ ଟ୍ରଷ୍ଟି ସୁବ୍ରତ ଦାଶ, ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଶୁଭ୍ର ପଟ୍ଟନାଏକ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ରତ୍ନା ଦାଶ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।

# ରାଞ୍ଚି ରୟାଲ୍ସକୁ ହରାଇଲା ବେଙ୍ଗଲ ଟାଇଗର୍ସ

**ରାଞ୍ଚି, ୪ା୧ (ପି.ଟି.)**

ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଏଲ୍)ର ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଶ୍ରାଚି ବେଙ୍ଗଲ ଟାଇଗର୍ସ ୧-୦ ଗୋଲ୍‌ରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଦଳ ପକ୍ଷରୁ ଅଗଷ୍ଟିନା ଗୋର୍ଜେଲାନି ଖେଳର ୩୭ତମ ମିନିଟରେ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ଏହି ବିଜୟ ସହ ବେଙ୍ଗଲ ଟାଇଗର୍ସ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ରାଞ୍ଚି ରୟାଲ୍ସ କ୍ରମାଗତ ଦୁଇଟି ବିଜୟ ସହ ଦୃଢ଼ ଆତ୍ମ ବିଶ୍ୱାସର ସହିତ ପଡ଼ିଆକୁ ଓହ୍ଲାଇଥିଲା। ପ୍ରଥମ କ୍ୱାର୍ଟର ଖେଳରେ ସେମାନେ ୫ଟି ପେନାଲ୍ଟି କର୍ନର ଏବଂ ୭ ସର୍କଲ ପେନେଟ୍ରେଶନ ପାଇଥିଲେ। ମାତ୍ର ସେମାନେ ଟାଇଗର୍ସ ଦଳର ଗୋଲ୍‌କିପର ଜେନିଫର ରିଜୋଙ୍କୁ ଚକ୍‌ମା ଦେବାରେ ବିଫଳ ରହିଥିଲେ।



ଶ୍ରାଚି ବେଙ୍ଗଲ ଟାଇଗର୍ସ ଓ ରାଞ୍ଚି ରୟାଲ୍ସ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ମହିଳା ହକି ଇଣ୍ଡିଆ ଲିଗ୍**

# ୧୬ ବର୍ଷରୁ କମ୍ କ୍ରିକେଟ୍: ମୁକ୍ତେଶ୍ୱର କ୍ଲବ ଚାମ୍ପିୟନ

**ଭୁବନେଶ୍ୱର, ୪ା୧ (ଅନାଦି କର)**

ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ୯ ଉଇକେଟରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବୋଲିଂ କରିଥିବା ମୁକ୍ତେଶ୍ୱର କ୍ଲବ ପ୍ରତିପକ୍ଷ ରାମେଶ୍ୱର ସ୍ପୋର୍ଟିଂକୁ ୧୫.୨ ଓଭରରେ ମାତ୍ର ୩୪ ରନ୍‌ରେ ଅଲଆଉଟ୍ କରିଦେଇଥିଲା। ଦଳ ପାଇଁ ଦିବ୍ୟଜ୍ୟୋତି ସାହୁ ୫ ଓ ହିମନିଶ ସାହୁ ୪ ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର କ୍ଲବ ୧୨.୪ ଓଭରରେ ୧ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଓସିଏ ଟ୍ରେଜରର ବିକାଶ ପ୍ରଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏଏ ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା, ସିନିୟର ଭାଜପା ନେତା ଜଗନ୍ନାଥ ପ୍ରଧାନ, ମୁକ୍ତେଶ୍ୱର କ୍ଲବ ସଭାପତି ତଥା ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୌହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ, ଉପସଭାପତି ସଞ୍ଜୀବ ହଂସ, ପ୍ରଦୋଷ ମହାନ୍ତି ଓ ଅଜିତ୍ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ମ୍ୟାନ୍ ଅଫ୍ ଫାଇନାଲ ହିମନିଶ ସାହୁ, ବେଷ୍ଟ ଫିଲ୍ଡର ଏଲ୍.ଏସ୍ ପାର୍ଥ, ବେଷ୍ଟ ବ୍ୟାଟ୍ସମ୍ୟାନ ଲିଓନିଲ ମେହେର, ବେଷ୍ଟ ବୋଲର ସ୍ୱସ୍ତିକ ଘୋଷାଲ ଓ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ଦିବ୍ୟଜ୍ୟୋତି ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥି ଓ କର୍ମକର୍ତ୍ତାଙ୍କ ସହ ଚାମ୍ପିୟନ ମୁକ୍ତେଶ୍ୱର କ୍ରିକେଟ ଦଳ।


Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ